# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ପୃଷ୍ଠା-୮+୮

ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, May 23/2025 Page 16 ₹ 7.00 | RAYAGADA

୫୧ଶ ଭାଗ ୧୭୭ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 51 ISSUE 177 ମୂଲ୍ୟ₹୭/-






ୱାଶିଂଟନ୍ ଡିସିସ୍ଥିତ କ୍ୟାପିଟାଲ ଇହୁଦୀ ମ୍ୟୁଜିୟମ୍ ବାହାରେ ଗୁଳିକାଣ୍ଡ ପରେ ଜଣେ ବ୍ୟକ୍ତି ଇସ୍ରାଏଲୀ ପତାକା ଘୋଡ଼େଇ ହୋଇ ଲୋକଙ୍କୁ ଅଟକାଉଛନ୍ତି।

**ୱାଶିଂଟନ୍ ଇହୁଦୀ ମ୍ୟୁଜିୟମ୍‌ରେ ଗୁଳି**

# ଇସ୍ରାଏଲୀ ଦୂତାବାସର ୨ କର୍ମଚାରୀ ନିହତ

ୱାଶିଂଟନ୍,୨୨।୫

ଆମେରିକାର ୱାଶିଂଟନ୍ ଡିସିସ୍ଥିତ କ୍ୟାପିଟାଲ ଇହୁଦୀ ମ୍ୟୁଜିୟମ୍ ବାହାରେ ବୁଧବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟିଛି। ଜଣେ ବନ୍ଧୁକଧାରୀ 'ପାଲେଷ୍ଟାଇନ୍‌କୁ ମୁକ୍ତକର' ସ୍ଲୋଗାନ ଦେଇ ଆଖିବୁଜା ଗୁଳି ଚଳାଇଛନ୍ତି। ଏହି ଆକ୍ରମଣରେ ଇସ୍ରାଏଲୀ ଦୂତାବାସର ୨ ଜଣ ଷ୍ଟାଫ୍ ମେମ୍ବର ନିହତ ହୋଇଛନ୍ତି। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିଛି। ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଗୁଳିମାଡ଼ରେ ପ୍ରାଣ ହରାଇଥିବା କର୍ମଚାରୀ ଦ୍ୱୟ ୟାରୋନ୍ ଲିସ୍କିନ୍‌ସ୍କାଏ ଏବଂ ସାରାହ ମିଲଗ୍ରିମ୍ ବୋଲି ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ଗିଡେଓନ୍ ସାର ସୂଚନା ଦେଇଛନ୍ତି। ଲିସ୍କିନ୍‌ସ୍କାଏ ଜଣେ ଗବେଷକ ସହାୟକ ହୋଇଥିବାବେଳେ ମିଲ୍‌ଗ୍ରିମ୍ ଇସ୍ରାଏଲକୁ ଗସ୍ତ ଓ ମିଶନଗୁଡ଼ିକର ଆୟୋଜକ ଥିଲେ। ସନ୍ଦିଗ୍ଧ ବ୍ୟକ୍ତି ଜଣକ ୪ ଜଣଙ୍କ ନିକଟକୁ ଯାଇ ଗୁଳି କରିବା ସମୟରେ ଏହି ୨ ଜଣ ଉକ୍ତ ସଂଗ୍ରହାଳୟରୁ ବାହାରୁଥିଲେ। ୩୦ ବର୍ଷୀୟ ସନ୍ଦିଗ୍ଧ ଏଲିଆସ୍ ରୋଡ୍ରିଗୁଏଜ୍ ଶିକାଗୋ ବାସିନ୍ଦା ଗୁଳି ଚଳାଇବା ପୂର୍ବରୁ ମ୍ୟୁଜିୟମ୍ ବାହାରେ ଲୋକଙ୍କ ଗତିବିଧି ଅନୁଧ୍ୟାନ କରିଥିଲେ। କାଣ୍ଡ ଭିଆଇବା ପରେ ସେ ମ୍ୟୁଜିୟମ୍ ଭିତରକୁ ପ୍ରବେଶ କରିଥିଲେ। ସେଠାରେ କାର୍ଯ୍ୟକ୍ରମରେ ନିୟୋଜିତ ସୁରକ୍ଷା କର୍ମୀ ତାଙ୍କୁ କାବୁ କରିନେଇଥିଲେ ବୋଲି ମେଟ୍ରୋପଲିଟାନ୍ ପୋଲିସ ମୁଖ୍ୟ ପାମେଲା ସ୍ମିଥ୍ ଏକ ପ୍ରେସ୍ କନ୍‌ଫରେନ୍ସରେ ସୂଚନା ଦେଇଛନ୍ତି। ଏହି ଆକ୍ରମଣ ପରେ ଇସ୍ରାଏଲୀ ଦୂତାବାସ ସୁରକ୍ଷା କଡ଼ାକଡ଼ି କରାଯାଇଛି।



ଗିରଫ ସନ୍ଦିଗ୍ଧ ଏଲିଆସ୍ ରୋଡ୍ରିଗୁଏଜ୍

ଇସ୍ରାଏଲ୍ ପକ୍ଷରୁ ଗାଜାରେ ଆଉ ଏକ ବଡ଼ ଆକ୍ରମଣ ଚାଲିବା ପରେ ଏହି ଗୁଳିକାଣ୍ଡ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ଏହାର ନିନ୍ଦା କରି କହିଛନ୍ତି, ବର୍ତ୍ତମାନ ଇହୁଦୀ ବିରୋଧୀ ମନୋଭାବ ବନ୍ଦ ହେବା ଜରୁରୀ। ଆମେରିକାରେ ଘୃଣା ବିସ୍ତାରକାରୀ ଓ କେଠାରପନ୍ଥୀଙ୍କ ପାଇଁ କୌଣସି ସ୍ଥାନ ନାହିଁ ବୋଲି ସେ ନିଜ ସୋସିଆଲ ମିଡିଆ 'ଟ୍ରୁଥ୍ ସୋସିଆଲ୍'ରେ ପୋଷ୍ଟ କରିଛନ୍ତି। ସେହିପରି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ମଧ୍ୟ ଏହାକୁ ଏକ ଭୟଙ୍କର ଓ ଇହୁଦୀ ବିରୋଧୀ ଗୁଳିକାଣ୍ଡ ବୋଲି ଅଭିହିତ କରିଛି।

ଆକ୍ରମଣକାରୀ ରୋଡ୍ରିଗୁଏଜ୍ ପାର୍ଟି ଫର୍ ସୋସିଆଲିଜମ୍ ଆଣ୍ଡ ଲିବରେଶନ୍ (ପିଏସ୍‌ଏଲ୍) ପାଇଁ କାର୍ଯ୍ୟ କରୁଥିବାବେଳେ ବ୍ଲାକ୍ ଲାଇଭ୍ସ ମ୍ୟାଟର ଆନ୍ଦୋଳନରେ ସକ୍ରିୟ ଭୂମିକା ନେଇଥିଲେ। ସେ ୨୦୧୭ରେ ତତ୍କାଳୀନ ଶିକାଗୋ ମେୟର ରହମକ୍ ଏମାନ୍ୱେଲଙ୍କ ବାସଭବନ ବାହାରେ ଆୟୋଜିତ ଏକ ବିକ୍ଷୋଭରେ ମଧ୍ୟ ସାମିଲ ଥିଲେ।

# ସିନ୍ଦୂର ଯେବେ ବାରୁଦ ହୁଏ...

ବିକାନେର,୨୨।୫

ସିନ୍ଦୂର ଯେତେବେଳେ ବାରୁଦରେ ପରିଣତ ହୁଏ, ସେତେବେଳେ କ'ଣ ସବୁ ଘଟେ ତାହା ଭାରତର ଶତ୍ରୁମାନେ ଜାଣି ସାରିଛନ୍ତି ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଛନ୍ତି। ଏହି ଅବସରରେ ନିଜ ପରାକ୍ରମ ବଳରେ ପାକିସ୍ତାନକୁ ଆଣ୍ଠେଇବାକୁ ବାଧ କରିଥିବା ଭାରତୀୟ ସଶସ୍ତ୍ର ବଳକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

'ଅପରେଶନ୍ ସିନ୍ଦୂର' ପରେ ରାଜସ୍ଥାନରେ ପ୍ରଥମ ଥର ପାଇଁ ଏକ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନକୁ କଡ଼ାଭାଷାରେ ନିନ୍ଦା କରିଛନ୍ତି। ପାକିସ୍ତାନ ସୀମା ସଂଲଗ୍ନ ବିକାନେରର ପଲାନାରେ ମୋଦି କହିଛନ୍ତି, ଏପ୍ରିଲ ୨୨ ଆକ୍ରମଣର ପ୍ରତିଶୋଧ ମାତ୍ର ୨୨ ମିନିଟ୍ ଭିତରେ ନିଆଯାଇଥିଲା। ଏଥିରେ ଆତଙ୍କବାଦୀଙ୍କ ୯ ଆଡ୍ଡା ଧ୍ୱଂସ ହୋଇଯାଇଥିଲା। ସିନ୍ଦୂର ବାରୁଦରେ ପରିଣତ ହେଲେ କ'ଣ ହୁଏ ତାହା ବିଶ୍ୱ ଏବଂ ଭାରତର ଶତ୍ରୁମାନେ ଦେଖିଛନ୍ତି। ଏବେ ମୋଦିଙ୍କ ଶିରାପ୍ରଶିରାରେ ରକ୍ତ ନୁହେଁ, ଗରମ ସିନ୍ଦୂର ପ୍ରବାହିତ ହେଉଛି। ପାକିସ୍ତାନକୁ ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣ ପାଇଁ ମୂଲ୍ୟ ଦେବାକୁ ପଡ଼ିବ। ଆତଙ୍କବାଦୀ ଆକ୍ରମଣକୁ ଭାରତର ଜବାବ ପ୍ରତିଶୋଧର ଏକ ଖେଳ ନୁହେଁ, ବରଂ ନ୍ୟାୟର ନୂଆ ରୂପ। ପାକିସ୍ତାନ ସହ ବାଣିଜ୍ୟ ଓ ଆଲୋଚନା ହେବନାହିଁ। କେବଳ ପାକ୍-ଅଧିକୃତ କଶ୍ମୀର (ପିଓକେ) ସମ୍ପର୍କରେ ଆଲୋଚନା ହେବ। ପାକିସ୍ତାନର ଆଣବିକ ଧମକକୁ ନେଇ ଭାରତ ଭୟଭୀତ ହେବ ନାହିଁ। ଆତଙ୍କବାଦୀ ଆକ୍ରମଣ ହେଲେ କେବେ ଓ କିପରି ଭାବେ ଏହାର ମୁହଁତୋଡ଼ ଜବାବ ଦିଆଯିବ ତାହା ଭାରତୀୟ ସେନା ନିର୍ଦ୍ଧାରଣ କରିବ। ଆତଙ୍କବାଦୀ ଓ ସେମାନଙ୍କୁ ପ୍ରୋତ୍ସାହନ ଦେଉଥିବା ସରକାରଙ୍କୁ ଆମେ ପୃଥକ୍ ଦୃଷ୍ଟିରେ ଦେଖିବୁ ନାହିଁ। ଉଭୟଙ୍କୁ ଗୋଟିଏ ବୋଲି ଧରିବୁ। ଏହା ହେଉଛି 'ଅପରେଶନ୍ ସିନ୍ଦୂର'ର ୩ ସୂତ୍ର।

**ପାକିସ୍ତାନକୁ ପ୍ରଧାନମନ୍ତ୍ରୀଙ୍କ କଡ଼ା ଚେତାବନୀ**



ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ପାକିସ୍ତାନ ବିକାନେରର ନାଲ୍ ଏୟାରବେସ୍‌କୁ ଟାର୍ଗେଟ ଉଦ୍ୟମ କରିଥିଲା। କିନ୍ତୁ ଏହାର କିଛି କ୍ଷତି କରିପାରି ନ ଥିଲା। ଅନ୍ୟପକ୍ଷେ ପାକିସ୍ତାନର ରହିମ୍‌ୟାର ଖାନ୍ ଏୟାରବେସ୍ କେବେ ଖୋଲିବ ତାହା କେହି ଜାଣନ୍ତି ନାହିଁ। ଏହା ଏବେ ଆଇସିୟୁରେ ରହିଛି। ଭାରତୀୟ ସଶସ୍ତ୍ର ବଳର ଆକ୍ରମଣରେ ଏହି ଏୟାରବେସ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ପାକିସ୍ତାନ ଭାରତ ବିରୋଧରେ ପ୍ରତ୍ୟକ୍ଷ ଲଢ଼େଇରେ କେବେହେଲେ ଜିତିପାରିବ ନାହିଁ। ଏଥିଲାଗି ପାକିସ୍ତାନ ସବୁବେଳେ ଭାରତ ବିରୋଧୀ ଲଢ଼େଇରେ ଆତଙ୍କବାଦକୁ ନିଜ ଅସ୍ତ୍ରରେ ପରିଣତ କରିଛି। ପାକିସ୍ତାନ ଭାରତ ଭାଗରେ ପଡୁଥିବା ସିନ୍ଧୁ ନଦୀ ଜଳ ପାଇବ ନାହିଁ। ଆତଙ୍କବାଦୀଙ୍କୁ ସମର୍ଥନ ଜାରି ରଖିଥିବା ପର୍ଯ୍ୟନ୍ତ ପାକିସ୍ତାନୀ ସେନା ଓ ଅର୍ଥନୀତିକୁ ସବୁବେଳେ ଭିକ ମାଗିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ଚେତାଇ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଗୁଜରାଟ ପାଇଁ ଭର୍ଚୁଆଲି ୧୦୩ 'ଅମୃତ ଭାରତ' ଷ୍ଟେଶନ୍‌ର ଲୋକାର୍ପଣ କରିଛନ୍ତି।

# ମୁକୁଳା ବୁଲୁଛନ୍ତି ଆତଙ୍କବାଦୀ

ପହଲଗାମ୍,୨୨।୫(ପି.ଟି.)

ପହଲଗାମ୍ ବୈସରନ୍‌ରେ ୨୫ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ଘୋଡ଼ାବାଲାଙ୍କୁ ଗୁଳିକରି ହତ୍ୟା କରିବାର ମାସକ ପରେ ମଧ୍ୟ ଆତଙ୍କବାଦୀମାନେ ମୁକୁଳା ବୁଲୁଛନ୍ତି। କଶ୍ମୀର ଉପତ୍ୟକାରେ ସୁରକ୍ଷା ବଳ ପକ୍ଷରୁ ଚାଲିଥିବା ବ୍ୟାପକ ତଲାସି ଅଭିଯାନକୁ ଏଯାଏ ସଫଳତା ମିଳିନାହିଁ। ଏପ୍ରିଲ ୨୨ ଆକ୍ରମଣ ପରଠାରୁ ଅପରେଶନ୍‌ରେ ଅନେକ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ନିହତ ହୋଇଥିଲେ ମଧ୍ୟ ଏହି ଗଣହତ୍ୟା ଭିଆଇଥିବା ଆତଙ୍କବାଦୀମାନେ ସୁରକ୍ଷା ବଳ ଆଖିରେ ଧୂଳି ଦେଇ ଫେରାର ହେବାରେ ସକ୍ଷମ ହୋଇଛନ୍ତି। ପହଲଗାମ୍ ଆକ୍ରମଣର ତଦନ୍ତ ଭାର ହାତକୁ ନେଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଅଦ୍ୟାବଧି ୧୦୦ରୁ ଅଧିକ ସନ୍ଦିଗ୍ଧଙ୍କୁ ପଚରାଉଚରା କଲାଣି, ଯେଉଁମାନେ କି ଗଣହତ୍ୟାରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଜଡ଼ିତ ଥାଇପାରନ୍ତି। ଜେରାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଫୁଡ୍ ଷ୍ଟଲ୍ ମାଲିକ, ଜିପ୍‌ଲାଇନ୍ ଅପରେଟର ଓ ଘୋଡ଼ାବାଲା ରହିଛନ୍ତି। ଏନ୍‌ଆଇଏ ୩ ଆକ୍ରମଣକାରୀ ଆଦିଲ ହୁସେନ ଠୋକେର(ଅନନ୍ତନାଗ ବାସିନ୍ଦା) ଏବଂ ୨ ପାକିସ୍ତାନୀ ନାଗରିକ ଅଲୀ ଭାଇ ଓରଫ୍ ତଲ୍‌ହା ଭାଇ ଏବଂ ହାସିମ୍ ମୁସା ଓରଫ୍ ସୁଲେମାନ୍‌ଙ୍କ ସ୍କେଚ୍ ଜାରି କରିଥିଲା। ଏମାନଙ୍କୁ ଧରାଇଦେଲେ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇ ବିଭିନ୍ନ ସ୍ଥାନରେ ପୋଷ୍ଟର ମଧ୍ୟ ଲଗାଯାଇଥିଲା। ଆକ୍ରମଣ ଦିନର ପହଲଗାମ୍ ମୋବାଇଲ୍ ଡେଟା ଏବଂ ଭିଡିଓଗୁଡ଼ିକୁ ବିଶ୍ଲେଷଣ କରାଯାଇଛି। ଏହାସତ୍ତ୍ୱେ ହତ୍ୟାକାରୀମାନଙ୍କ ପତ୍ତା ମିଳି ନ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଆକ୍ରମଣରେ ୪ରୁ ୬ ଜଣ ଆତଙ୍କବାଦୀ ସମ୍ପୃକ୍ତ ଥିବା କୁହାଯାଉଛି।

**ପହଲଗାମ୍ ଆକ୍ରମଣକୁ ମାସେ ବିତିଲା**




## ଗୁଳି ବିନିମୟରେ ଯବାନ, ୨ ଆତଙ୍କବାଦୀ ମୃତ

ଶ୍ରୀନଗର, ୨୨।୫

ଜମ୍ମୁ-କଶ୍ମୀରର କିସ୍ତୱାରରେ ଗୁରୁବାର ସୁରକ୍ଷା ବଳ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଜଣେ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଜିଲାର ସିଂପୁରା ଅଞ୍ଚଳରେ ୩ରୁ ୪ ଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ଖବର ମିଳିଥିବାରୁ ସୁରକ୍ଷା ବଳ ଏବଂ ଜମ୍ମୁ-କଶ୍ମୀର ପୋଲିସ ପକ୍ଷରୁ ଅପରେଶନ ତ୍ରାଶି ଆରମ୍ଭ କରାଯାଇଥିଲା। ଅପରେଶନ ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିଚାଳନା ଘଟିଥିଲା। ସୁରକ୍ଷା ବଳ ପକ୍ଷରୁ ପ୍ରତି ଜବାବରେ ମଧ୍ୟ ଗୁଳିଚାଳନା କରାଯାଇଥିଲା। ଗୁଳି ବିନିମୟ ବେଳେ ଭାରତୀୟ ସେନାର ଜଣେ ଯବାନଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗୁଳି ବିନିମୟରେ ୨ ଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିବା ଭାରତୀୟ ସେନାର ହ୍ୱାଇଟ ନାଇଟ କର୍ପ୍ସ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି।

## ସତ୍ୟପାଲ ମଲିକଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ



ନୂଆଦିଲ୍ଲୀ, ୨୨।୫

ଜମ୍ମୁ-କଶ୍ମୀରର କିରୁ ଜଳବିଦ୍ୟୁତ୍ ପ୍ରକଳ୍ପ ସହ ଜଡ଼ିତ ଏକ ଭ୍ରଷ୍ଟାଚାର ମାମଲାରେ ଗୁରୁବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ଏବଂ ଅନ୍ୟ ୭ ଜଣଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଛି। ମାମଲାରେ ୩ ବର୍ଷ ଧରି ତଦନ୍ତ କରିବା ପରେ ସିବିଆଇ ପକ୍ଷରୁ ଜମ୍ମୁର ଏକ ସ୍ୱତନ୍ତ୍ର କୋର୍ଟରେ ଏହି ଚାର୍ଜଶିଟ ଦାଖଲ କରାଯାଇଛି। ତେବେ ସିବିଆଇର ଚାର୍ଜଶିଟ ଦାଖଲ ପରେ ଅସୁସ୍ଥ ଥିବା ନେଇ ସତ୍ୟପାଲ ଏକ୍ସ'ରେ ପୋଷ୍ଟ କରି କହିଛନ୍ତି। ସେ କହିଛନ୍ତି, ଏବେ ମୁଁ ଅସୁସ୍ଥ ଥିବାରୁ ମେଡିକାଲ୍‌ରେ ଭର୍ତ୍ତି ହୋଇଛି। ତେଣୁ ସିବିଆଇ ଦାଖଲ କରିଥିବା ଚାର୍ଜଶିଟ୍ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖିପାରିବି ନାହିଁ। ୨୦୨୨ରେ ଜମ୍ମୁ-କଶ୍ମୀର ସରକାରଙ୍କ ଅନୁରୋଧ କ୍ରମେ ସିବିଆଇ ଏହି ମାମଲାକୁ ଗ୍ରହଣ କରିଥିଲା। ପୂର୍ବରୁ ମାମଲାର ତଦନ୍ତ କରି ସିବିଆଇ ସତ୍ୟପାଲଙ୍କ ଅନେକ ଠିକଣାରେ ଚଢ଼ାଉ କରିଥିଲା। ସତ୍ୟପାଲ ୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରର ରାଜ୍ୟପାଳ ଥିଲେ।







ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ | Bhubaneswar, Friday, May 23/2025




ଯାଜପୁର ଜିଲା କଳିଙ୍ଗନଗରରେ ଇଡ୍‌କୋ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରୋଜେକ୍ଟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ ଏବଂ ବଡ଼ଚଣା ବିଧାୟକ ଅମର ନାୟକ।


# ଶିଳ୍ପ ପାଇଁ ବଳିଦାନ ନୁହେଁ, ଭାଗୀଦାରି ଆବଶ୍ୟକ: ମୁଖ୍ୟମନ୍ତ୍ରୀ

**ଯାଜପୁର,୨୨।୫**
**(ହର୍ଷବର୍ଦ୍ଧନ ବେହେରା)**

- **କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ**
- **୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ**

ଶିଳ୍ପ କ୍ଷେତ୍ରରେ ଆଜି ସାରା ରାଜ୍ୟରେ ଏକ ଐତିହାସିକ ଦିନ। ଗୋଟିଏ ଦିନରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ସମ୍ପ୍ରସାରଣ ଓ ଉଦ୍‌ଘାଟନ ହେବା ସହ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହିସବୁ ପ୍ରକଳ୍ପରେ ୩୬ ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରହିଛି। କଳିଙ୍ଗନଗର ଗୁଳିକାଣ୍ଡ ଘଟଣାକୁ ମନେପକାଇ ଶିଳ୍ପ ପ୍ରତିଷ୍ଠା ପାଇଁ ବଳିଦାନ ନୁହେଁ, ଭାଗୀଦାରିର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୁରୁବାର ଯାଜପୁର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟାଟା ଷ୍ଟିଲର ସମ୍ପ୍ରସାରଣ ଏବଂ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦେବାକୁ ଉପସ୍ଥିତ ଶିଳ୍ପପତିମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ମେକ୍ ଇନ୍ ଓଡ଼ିଶାର ୧୧୩ ଦିନ ମଧ୍ୟରେ ଶିଳ୍ପଗୁଡ଼ିକର ଶିଳାନ୍ୟାସ ହୋଇପାରିଛି। ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇପାରିଛି। ଓଡ଼ିଶା ଆଉ କେବଳ ସମ୍ଭାବନାର



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ଭୂମି ନୁହେଁ, ଏହା ହେଉଛି ସୀମାହୀନ ସୁଯୋଗର ଭୂମି। ଉଦ୍‌ଘାଟନ ନୁହେଁ କି ଶିଳାନ୍ୟାସ ନୁହେଁ, ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ସମୃଦ୍ଧ ଓଡ଼ିଶା ନିର୍ମାଣର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଆମ ଗାଁର ଜଣେ ଯୁବକଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏହା ସମ୍ଭବ ହୋଇଛି, ଆମ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ। କାରଣ, ଯଦି ଇଚ୍ଛାଶକ୍ତି ନାହିଁ ତେବେ ପାଦେ ଆଗେଇବାକୁ ମଧ୍ୟ ମଣିଷ ସକ୍ଷମ ହୋଇପାରେ ନାହିଁ। ରାଜ୍ୟର ଶିଳ୍ପ ବିକାଶର ଏକ୍ସ୍ଟିଶାଳ ହେଉଛି ଶିଳ୍ପ ସମୃଦ୍ଧ କଳିଙ୍ଗନଗର। ଶିଳ୍ପ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରି ରାଜ୍ୟ ପାଇଁ ଏହି ଅଞ୍ଚଳ ଏକ ଦୃଷ୍ଟାନ୍ତ ପାଲଟିଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ- ଉତ୍କର୍ଷ ଓଡ଼ିଶାର ଚମତ୍କାର ସଫଳତା ବଳରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ଆମେ ପାଇଥିଲୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ, ଓଡ଼ିଶାବାସୀଙ୍କ ବିଶ୍ୱାସକୁ ସାଥୀ କରି ଆମ ସରକାର କାର୍ଯ୍ୟ କରୁଛି। ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ଶିଳ୍ପର ବିକାଶ ଆମର ପ୍ରଥମ ଉଦ୍ଦେଶ୍ୟ ଥିଲା। ଆଉ ସେହି ଉଦ୍ଦେଶ୍ୟକୁ ଆମ ସରକାର ସଫଳ କରୁଛନ୍ତି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ରାଜ୍ୟର ଆର୍ଥିକ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି ଏବଂ ଯୁବଶକ୍ତିର ବିକାଶ ପାଇଁ ରୋଜଗାର ଆବଶ୍ୟକ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଆମ ସରକାରଙ୍କ ଉଦ୍ୟମ ସଫଳ ହେଉଛି। ଶିଳ୍ପର ବିକାଶ ହେବା ସହ ଆମ ରାଜ୍ୟର ବିକାଶ ହେଉଛି ବୋଲି କହିଛନ୍ତି। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶଦାସ ନାୟକ, ବଡ଼ଚଣା ବିଧାୟକ ଅମର ନାୟକଙ୍କ ସମେତ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥାର ଶିଳ୍ପପତିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

କଳିଙ୍ଗନଗରରେ ପ୍ରାୟ ୪୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ପ୍ରାୟ ୬୬ ହଜାର କୋଟି ଟଙ୍କା ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ସି, ଏସ୍‌ଟିଙ୍କ ଜମି କିଣିବେ ସରକାର

**ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି) ଲୋକଙ୍କ ଜମିକୁ ଧନୀ ଲୋକମାନେ ହଡ଼ପ କରିପାରିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ଏସ୍‌ସି,ଏସ୍‌ଟି ଲୋକଙ୍କ ଜମିର ସୁରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ। ତଦନୁଯାୟୀ ଯଦି ସେମାନେ ଚାହିଁବେ ସେମାନଙ୍କ ଜମିକୁ ସିଧା ରାଜ୍ୟ ସରକାରଙ୍କୁ ବିକ୍ରି କରିପାରିବେ। ସରକାର ତାହାକୁ ଅନ୍ୟ କାହାକୁ ବିକ୍ରି ନ କରି ୨ରୁ ୩ ବର୍ଷ ନିଜ ପାଖରେ ରଖିବେ। ଏହି ଅବଧି ମଧ୍ୟରେ ସେମାନେ ବିକ୍ରି ବାବଦ ଅର୍ଥ ପୈଠ କରି ନିଜ ଜମି ଫେରସ୍ତ ପାଇପାରିବେ। ଏସ୍‌ସି, ଏସ୍‌ଟି ବର୍ଗର ଲୋକଙ୍କ ପାଇଁ ଏଭଳି ବ୍ୟବସ୍ଥା ରାଜ୍ୟ ସରକାର ଖୁବ୍‌ଶୀଘ୍ର କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି।**

- **ଖୁବ୍‌ଶୀଘ୍ର ଗଠନ ହେବ କର୍ପସ ଫଣ୍ଡ: ରାଜସ୍ୱ ମନ୍ତ୍ରୀ**
- **ଚାପ ପକାଇ ଜାତି, ଜନଜାତିଙ୍କ ସମ୍ପତ୍ତି ହଡ଼ପ କରିପାରିବେନି ଧନିକ ଗୋଷ୍ଠୀ**

**ଭୁବନେଶ୍ୱର,୨୨।୫**
**(ରବିନାରାୟଣ ଜେନା)**


ଏସ୍‌ସି, ଏସ୍‌ଟି ବର୍ଗର ଲୋକମାନେ କୌଣସି ଜରୁରୀ ଆବଶ୍ୟକତା ବେଳେ ଜମି ବିକ୍ରି କରିବା ସହଜ ହେଉନାହିଁ। ପ୍ରଚଳିତ ଆଇନ ବ୍ୟବସ୍ଥା ସେମାନଙ୍କ ଜମିକୁ ସୁରକ୍ଷା ଦେଉଥିଲେ ମଧ୍ୟ କିଣାବିକା ସମୟରେ ପ୍ରଶାସନିକ କ୍ଳିଷ୍ଟତା ରହୁଛି। ଏଥିଯୋଗୁ ସାଧାରଣ ବର୍ଗର ଲୋକେ ଏସ୍‌ସି, ଏସ୍‌ଟି ଲୋକଙ୍କ ଜମି କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। ଫଳରେ ଏହାର ଫାଇଦା ନେଉଛନ୍ତି ଧନୀ, ପ୍ରଭାବଶାଳୀ ଏବଂ ଦଲାଲ ଗୋଷ୍ଠୀ। ଏହିମାନଙ୍କ ହାତକୁ ଏସ୍‌ସି, ଏସ୍‌ଟି ଲୋକମାନେ ଜରୁରୀ ସମୟରେ ସେମାନଙ୍କ ଜମିକୁ କମ୍ ମୂଲ୍ୟରେ ଟେକି ଦେଇ ଏକପ୍ରକାର ଶୋଷଣର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ସିଧା ଏସ୍‌ସି,ଏସ୍‌ଟି ଲୋକଙ୍କ ଜମି କିଣିବାକୁ ଯାଉଛନ୍ତି। ଫଳରେ ସେମାନଙ୍କୁ ଶୋଷଣର ଶିକାର ହେବାକୁ ପଡ଼ିବ ନାହିଁ ଏବଂ ପରବର୍ତ୍ତୀ ସମୟରେ ଜମି ଫେରିପାଇବା ସୁଯୋଗ ମଧ୍ୟ ମିଳିବ। ଏଥିପାଇଁ ସରକାର ଖୁବ୍‌ଶୀଘ୍ର ଏକ କର୍ପସ ପାଣ୍ଠି ବ୍ୟବସ୍ଥା କରିବାକୁ ଯୋଜନା କରିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁସାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିର ସୁରକ୍ଷା ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ, ଏସ୍‌ସି, ଏସ୍‌ଟି ବିକାଶ ବିଭାଗର ନିର୍ଦ୍ଦେଶକ, ବିଶେଷଜ୍ଞ, କେତେଜଣ ଅଭିଜ୍ଞ ଅଧିକାରୀ ରହିବେ। ସେମାନେ ଏ ବାବଦରେ ନିରୀକ୍ଷଣ କରି ରିପୋର୍ଟ ଦେବେ। ଏହାସହ ଅନୁସୂଚିତ ଜନଜାତି ଓ ଜାତିମାନଙ୍କର ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ, ଏସ୍‌ସି ଓ ଏସ୍‌ଟି ବିକାଶ ବିଭାଗର ଗୃହ କମିଟି ଏବଂ ବିଧାୟକମାନଙ୍କର ପରାମର୍ଶ ମଧ୍ୟ ନିଆଯିବ। ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେଲା ପରେ ଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଝିଅ ବାହାଘର, ଚିକିତ୍ସା ଓ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ ସରକାର କିଣିବେ। ସରକାର ଉକ୍ତ ଜମିକୁ ୨ରୁ ୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ କରି ନିଜ ପାଖରେ ରଖିବେ। ପରେ ଜମି ମାଲିକ ଚାହିଁଲେ ପୁଣି ସରକାରଙ୍କ ଠାରୁ ସେହି ଜମି କିଣିପାରିବେ। ଯଦି ଜମି ମାଲିକ ଆଉ ଜମି ଫେରାଇ ନେବାକୁ ଚାହିଁବେ ନାହିଁ, ତେବେ ଅନୁସୂଚିତ ଜନଜାତି ଲୋକଙ୍କ ପାଖରୁ କିଣା ଯାଇଥିବା ଜମି ସେହି ବର୍ଗର ଲୋକଙ୍କୁ ହିଁ ନିଲାମ କରାଯିବ।

# କୋଟିଆ ପାଇଁ ୧୬ ଜଣିଆ କମିଟି

**ଭୁବନେଶ୍ୱର,୨୨।୫(ସୁନିତ୍ ମିଶ୍ର)**

କୋଟିଆ ବିବାଦ ପ୍ରସଙ୍ଗକୁ ନେଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଅଧ୍ୟକ୍ଷ ଥିବାବେଳେ ମୋଟ ୧୬ ଜଣ କମିଟିରେ ରହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ କମିଟିରେ ଆବାହକ ତଥା ସଦସ୍ୟ ଥିବାବେଳେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ଏସ୍‌ସି, ଏସ୍‌ଟି ବିଭାଗର ପ୍ରମୁଖ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ, ଶ୍ରମ ବିଭାଗ ପ୍ରମୁଖ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ, ଓଡ଼ିଶା ଭାଷା, ସଂସ୍କୃତି ବିଭାଗର ପ୍ରମୁଖ ସଚିବ, ଆଇନ ବିଭାଗ ପ୍ରମୁଖ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ, ଆର୍‌ଡିସି ବ୍ରହ୍ମପୁର, ଦକ୍ଷିଣାଞ୍ଚଳ ଡିଆଇଜି, କୋରାପୁଟ ଜିଲାପାଳ ଏବଂ ଏସ୍‌ପିଙ୍କୁ ଏହି କମିଟିରେ ସଦସ୍ୟ ଭାବେ ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ☞ପୃଷ୍ଠା-୨




# ସଲ୍‌ମାନଙ୍କ ଘରେ ପଶିବାକୁ ଉଦ୍ୟମ: ୨ ଗିରଫ

**ମୁମ୍ବାଇ, ୨୨।୫**

ଅଭିନେତା ସଲ୍‌ମାନ ଖାନ୍‌ଙ୍କ ସୁରକ୍ଷାରେ ତ୍ରୁଟି ହୋଇଥିବା ଘଟଣା ସାମ୍ନାକୁ ଆସିଛି। ୨ ଦିନ ମଧ୍ୟରେ ସଲ୍‌ମାନଙ୍କ ମୁମ୍ବାଇର ବାନ୍ଦ୍ରାସ୍ଥିତ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ଚେଷ୍ଟା କରିଥିବାରୁ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରାଯାଇଛି। ଉଭୟ ଅଭିଯୁକ୍ତ ଅଲଗା ଅଲଗା ସମୟରେ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଉଭୟ ଅଭିଯୁକ୍ତ ଜିତେନ୍ଦ୍ର କୁମାର ସିଂ(୨୩) ଏବଂ ଇଶା ଛାବରିଆ (୩୨) ହୋଇଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଜିତେନ୍ଦ୍ର ଛତିଶଗଡ଼ ନିବାସୀ ହୋଇଥିବାବେଳେ ମଙ୍ଗଳବାର ସକାଳ ୯.୩୦ ସମୟରେ ସେ ସଲ୍‌ମାନଙ୍କ ଘର ନିକଟରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ଗାଲାକ୍ସି ଆପାର୍ଟମେଣ୍ଟରେ ନିୟୋଜିତ ସୁରକ୍ଷା କର୍ମୀ ତାଙ୍କୁ ସେଠାରୁ ଚାଲିଯିବା ପାଇଁ କହିବାରୁ ଜିତେନ୍ଦ୍ର ରାଗରେ ସୁରକ୍ଷା କର୍ମୀ ଧରିଥିବା ଫୋନ୍‌କୁ ତଳେ ପକାଇଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗାଲାକ୍ସି ଆପାର୍ଟମେଣ୍ଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ କାର୍‌କୁ ପିଛା କରି ଜିତେନ୍ଦ୍ର ଗାଲାକ୍ସି ଆପାର୍ଟମେଣ୍ଟ





ଗାଲାକ୍ସି ଆପାର୍ଟମେଣ୍ଟର ସିସିଟିଭିରେ କଏଦ ଇଶା ଛାବରିଆଙ୍କ ଫଟୋ।

ପରିସରରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲେ। ତେବେ କିଛି ସମୟ ପରେ ସୁରକ୍ଷା କର୍ମୀ ତାଙ୍କୁ ଧରିବା ସହ ବାନ୍ଦ୍ରା ପୋଲିସକୁ ହସ୍ତାନ୍ତର କରିଥିଲେ। ପଚରାଉଚରା ସମୟରେ ଜିତେନ୍ଦ୍ର କହିଛନ୍ତି, ସେ ସଲ୍‌ମାନଙ୍କୁ ଭେଟିବାକୁ ଚାହୁଁଥିଲେ। ସୁରକ୍ଷାକର୍ମୀ ଏଥିପାଇଁ ତାଙ୍କୁ ଅନୁମତି ଦେଉ ନ ଥିଲେ। ତେଣୁ ସେ ଗାଲାକ୍ସି ଆପାର୍ଟମେଣ୍ଟରେ ଲୁଚି ପ୍ରବେଶ କରିଥିବା ଜିତେନ୍ଦ୍ର କହିଛନ୍ତି। ସେହିପରି ଗୁରୁବାର ଭୋର୍ ୩.୩୦ ସମୟରେ ଇଶା ମଧ୍ୟ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ସଫଳ ହୋଇଥିଲେ। ସେ ଆପାର୍ଟମେଣ୍ଟର ଲିଫ୍ଟ ପର୍ଯ୍ୟନ୍ତ ପହଞ୍ଚି ଯାଇଥିବା ବେଳେ ସେଠାରେ ସୁରକ୍ଷା କର୍ମୀ ତାଙ୍କୁ ଧରିଥିଲେ। ଇଶାଙ୍କୁ ମଧ୍ୟ ପୋଲିସ ଗିରଫ କରି ପଚରାଉଚରା ଜାରି ରଖିଛି। ପଚରାଉଚରା ସମୟରେ ଇଶା କହିଛନ୍ତି, ସଲ୍‌ମାନ ତାଙ୍କୁ ୬ ମାସ ହେବ ଜାଣିଛନ୍ତି ଏବଂ ତାଙ୍କ ନିମନ୍ତ୍ରଣରେ ହିଁ ସେ ଗାଲାକ୍ସି ଆପାର୍ଟମେଣ୍ଟକୁ ଆସିଥିଲେ। ତେବେ ସଲ୍‌ମାନ ଇଶାଙ୍କୁ କୌଣସି ନିମନ୍ତ୍ରଣ ଦେଇ ନ ଥିବା ଗାଲାକ୍ସି ଆପାର୍ଟମେଣ୍ଟର ଜଣେ କର୍ମଚାରୀ ପୋଲିସକୁ କହିଛନ୍ତି। ସଲ୍‌ମାନଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ରୁ ବାରମ୍ବାର ହତ୍ୟା ଧମକ ମିଳିଥିବାରୁ ଏହି ଘଟଣା ମୁମ୍ବାଇ ପୋଲିସର ଚିନ୍ତା ବଢ଼ାଇଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ବେଳେ ସଲ୍‌ମାନ ଓ ଗାଲାକ୍ସି ଆପାର୍ଟମେଣ୍ଟର ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।

# ଆସୁଛି ଲଘୁଚାପ, ୨୭ରୁ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୨।୫(ଅନୁରାଧା ମହାରଣା)**

ଏବେ ରାଜ୍ୟରେ ବର୍ଷା ଜାରି ରହିଛି। ୨୭ ତାରିଖରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର ସୂଚନାନୁସାରେ, ୨୭ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ଓ ତା'ର ପାଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷା ଅଧିକ ହେବ। ଅନ୍ୟପକ୍ଷରେ ଲଘୁଚାପ ସୃଷ୍ଟି ହେବା ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଆଡକୁ ଅଗ୍ରସର ହେବାକୁ ଆହୁରି ସକ୍ରିୟ କରିବ। ଫଳରେ ମୌସୁମୀର ଓଡ଼ିଶା ଆଗମନ ନେଇ ବାଟ ଫିଟିବ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ୨୬ ଓ ୨୭ ତାରିଖରେ ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'କ୍ରୀଡ଼ା ଜଗତ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**
**ଶାନ୍ତି ଚୁକ୍ତିରେ ମହିଳାଙ୍କ ଭୂମିକା**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ତ୍ରିଧାରା ପକ୍ଷରୁ ଓଡ଼ିଶୀସନ୍ଧ୍ୟା 'ଦେବସ୍ମୃତି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସଂଭାବନା ପକ୍ଷରୁ ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତା ଅଭିଯାନର ବିଂଶବର୍ଷ ଅବସରରେ 'ଓଡ଼ିଶା: ଆଜି ଓ କାଲିର– ଐତିହ୍ୟ, ଇତିହାସ ଓ ପର୍ଯ୍ୟଟନ' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ 'ବ୍ୟଥା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପନ, ସ୍ଥାନ: ଶଙ୍ଖାମେରୀ ଗ୍ରାମ (କପାପଦା ସାହି ), ବଡ଼ମ୍ବା ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ସାକ୍ଷୀଗୋପଲାଙ୍କ ଜଳ କ୍ରୀଡ଼ା ବେଶ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବାରାପାଲ, ରୂପସା, ସମୟ: ଦିବସବ୍ୟାପୀ।
- ମହାପ୍ରଭୁଙ୍କ ଆଧ୍ୟାତ୍ମିକ ୩୨ ବେଶର ୨ୟ ଦିବସରେ ଯଜ୍ଞ, ନୀତିକାନ୍ତି ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ପ୍ରବଚନ, ସ୍ଥାନ: ନିଶନପୁର ଗ୍ରାମ ମନ୍ଦିର, ଭୋଗରାଇ, ସମୟ: ସକାଳରୁ ରାତି ପର୍ଯ୍ୟନ୍ତ।
- ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖ, ନୀଳଗିରି, ସମୟ: ସକାଳ ୭ଟା।
- ନୟାଖଣ୍ଡି, କଇଁଥଗଡ଼ିଆ ଓ ଗଡ଼ପୋଖାରୀ ପଞ୍ଚାୟତବାସୀଙ୍କ ସୋର – କୁପାରୀ ରାସ୍ତା ଅବରୋଧ, ସ୍ଥାନ: ତୋରାଣିପଦା ଛକ, ଖଇରା, ସମୟ: ସକାଳ ୭ଟା ୩୦।
- ମାଟ୍ରିକ ପରୀକ୍ଷା ଏ୧ ଛାତ୍ରୀଛାତ୍ରଙ୍କ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ବିଜୟ କୁମାର ଏକାଡେମୀ, ସୋହରିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଚତୁର୍ଥ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ପଞ୍ଚଦଶ ଜଉକଣ୍ଢେଇ ବାହାଘର ଉତ୍ସବ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଟେନିକଏଟ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ, ସ୍ଥାନ: ପିଏମଶ୍ରୀ ବିନ୍ଦୁମାଧବ ବାଗୁରାଇ ଉଚ୍ଚବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ନିର୍ବାଚନ ମଣ୍ଡଳୀ ଉନ୍ନୟନ ପରିଷଦ ବୈଠକ, ସ୍ଥାନ: ବ୍ଲକ କନଫରେନ୍ସ ହଲ, ବାସୁଦେବପୁର, ସମୟ: ସକାଳ ୯ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କଲେଜ ଛକ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ରାଧାକୃଷ୍ଣ ମହାପ୍ରଭୁଙ୍କ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ନହରପଦା ୱାର୍ଡ ନଂ. ୧୬, ବାରିପଦା, ସମୟ: ସକାଳ ୮ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କେ.ସି. ପବ୍ଲିକ ସ୍କୁଲ, ଟାଟା ବେଞ୍ଜ ଛକ, ସମୟ: ସକାଳ ୭ଟା ୩୦।
- ସବୁଜ ବାହିନୀ ପକ୍ଷରୁ ବିଶ୍ୱ କଇଁଛ ଦିବସ ପାଳନ, ସ୍ଥାନ: ସୁନାପୁର ବେଳାଭୂମି, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ
- ମେଗା ରକ୍ତଦାନ ଶିବିର,ସ୍ଥାନ: ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଆସିକା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ପାତ୍ରପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ, ସ୍ଥାନ: ବୁଗୁଡା ପଞ୍ଚାୟତ ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- କାମାକ୍ଷାନଗର ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସ ଶୁଭ ଉଦଘାଟନ, ସ୍ଥାନ: ମୁଣ୍ଡିଦେଉଳି ଉପ୍ରା ବିଦ୍ୟାଳୟ, କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୧ଟା।
- ବୈଶାଖୀ ମହୋତ୍ସବ ଉଦଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ଶ୍ରୀଜଗନ୍ନାଥ ସଙ୍କୀର୍ତ୍ତନ ମହାସଂଘ ପକ୍ଷରୁ ପଦ୍ମଶ୍ରୀ ବାବା ବଳିଆଙ୍କ ଦିବ୍ୟ ଭାଗବତ କଥା ଆଲୋଚନା, ସ୍ଥାନ: ଅନନ୍ତ ବଳିଆ ଭବନ, କେନ୍ଦ୍ରାପଡ଼ା ଲ' କଲେଜ ନିକଟ, ଉଦୟନଗର, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ସ୍ୱପ୍ନେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନରସିଂହପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।

## ଯାଜପୁର
- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ପାଇଁ ଅନଲାଇନ ପଞ୍ଜୀକରଣ, ସ୍ଥାନ: ଜନଶୁଣାଣୀ ପୋର୍ଟାଲ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ରୁକ୍ମିଣୀ ବିବାହ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ଜିଲା ଭାଜପା କୃଷକ ମୋର୍ଚ୍ଚା ତରଫରୁ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଚାଷୀଙ୍କ ସହ ଆଲୋଚନା, ସ୍ଥାନ: ବି. ନାରାୟଣ ପୁର,ରାୟଗଡା, ସମୟ: ସକାଳ ୮ ଟା।
- ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ବ୍ଲକ ଅଫିସ୍ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚାଷୀଙ୍କୁ ଉଦ୍‌ବୋଧନ କାର୍ଯ୍ୟକ୍ରମ,
- ସ୍ଥାନ: ରାୟଗଡା ମ୍ୟୁନିସିପାଲିଟି ବିଜୁ ପଟ୍ଟନାୟକ ଅଡିଟୋରିୟମ,ସମୟ: ପୂର୍ବାହ୍ନ ୧୧ଟା।
- ରଣନୈତିକ ବିକ୍ରୟ ଦକ୍ଷତା, ବୃତ୍ତିଗତ ବ୍ୟାଙ୍କିଙ୍ଗ ଏବଂ ବୀମା ସଶକ୍ତିକରଣ ଆଧାରିତ ପରିଚାଳନା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍‌ଫୁ ଉଶୁ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର , ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- ବଡବଜାର ଶ୍ରୀଶ୍ରୀ ଶିତଳେଶ୍ୱର ବାବା ଏବଂ ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା ଶିତଳଷଷ୍ଠୀ ଯାତ୍ରା କମିଟିର ବୈଠକ, ସ୍ଥାନ : ବଡବଜାର ସ୍ଥିତ ଗୋକୁଳ କଲ୍ୟାଣ ମଣ୍ଡପ, ସମୟ ପୂର୍ବାହ୍ନ ୧୧ଟା ୩୦।

## ବଲାଙ୍ଗୀର
- ଜିଲାସ୍ତରୀୟ ରବି ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ, ସ୍ଥାନ: ଭାଲେର ପାକ୍ସ, ଭାଲେର, ପୁଇଁତଲା ବ୍ଲକ, ସମୟ: ସକାଳ ୯ଟା।

## ରାଉରକେଲା
- ମ୍ୟାଙ୍ଗୋ ଭେଲୁ ଏଡେଡ୍ ଟ୍ରେନିଂ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ଓରମାସ୍, ସମୟ: ସକାଳ ୮ଟା।
- ଜ୍ଞାନକୌଶଳ ବ୍ୟବହାର ପ୍ରଶିକ୍ଷଣ ଶିବିର, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସକାଳ ୯ଟା।
- ଭାଗବତ ପାରାୟଣ, ସ୍ଥାନ: ହନୁମାନ ବାଟିକା, ସମୟ: ସନ୍ଧ୍ୟା ୬ଟା ୩୦
- ସ୍ୱେରେଜ ଅବ୍ୟବସ୍ଥା ନେଇ କମିଶନରଙ୍କୁ ଫେରାଦ, ସ୍ଥାନ: ଆର୍‌ଏମ୍‌ସି ପ୍ରେକ୍ଷାଳୟ, ସମୟ: ସକାଳ ୧୧ଟା ୩୦।
- ଦିବଂଗତ ସମାଜସେବୀଙ୍କ ସ୍ମୃତିସଭା, ସ୍ଥାନ: ବିର୍ସାମୁଣ୍ଡା ହାଇସ୍କୁଲ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ବାଲ୍ୟବିବାହ ନିଷେଧ ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ସମୟ: ସକାଳ ୮ଟା।

## ବରଗଡ଼
- ଗ୍ରୀଷ୍ମ ଶିବିର, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୬ଟା ୩୦
- ଚେସ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଏଇଏମ୍ ଇଂଲିଶ ମିଡ଼ିୟମ ସ୍କୁଲ, ବରଗଡ଼, ସମୟ: ସକାଳ ୮ଟା
- ଧନୁଯାତ୍ରା ଉପଦେଷ୍ଟା, କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ଅପରାହ୍ନ ୧ଟା
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ନଦୀପଡ଼ା(ଅଲେଖ ମନ୍ଦିର), ବରଗଡ଼, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର
- ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସମୀକ୍ଷା ବୈଠକ, ସ୍ଥାନ: ସୁବର୍ଣ୍ଣପୁର ସର୍କିଟ୍ ହାଉସ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦ୍ୱାରା ଅଙ୍ଗନୱାଡ଼ି କେନ୍ଦ୍ର ଲୋକାର୍ପଣ, ୬ଟି ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ମାହେଶ୍ୱରୀ ସଙ୍ଗଠନର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା ହାଟପଦା କ୍ଲବ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ସକାଳ ୯ଟା ୧୦।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ବୈଠକି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ଅପରାହ୍ନ ୫ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଚାନ୍ଦୋପଲା ଗାଁ, ସମୟ: ସକାଳ ୮ଟା ୪୫।
- ଭାଜପା ପକ୍ଷରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଛକଠାରୁ ନୂଆପଡ଼ା ପୋଲିସ ପଡିଆ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମଙ୍ଗଳ ନୀଚ ରାଶିରେ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ସଙ୍କୁଚିତ ମନେକରିବେ। ଏକାଦଶସ୍ଥ ଚନ୍ଦ୍ର ହେତୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଉନ୍ନତ ହେବ। ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗି ନ ପାରେ। ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭଖବର ଶୁଣି ଖୁସି ହୋଇପାରନ୍ତି।

**ବୃଷ** ଶୁକ୍ର ଏକାଦଶରେ ମିତ୍ରଯୁକ୍ତ ହେତୁ ଘର ସକାଶେ ଆବଶ୍ୟକ ବିଳାସୋପକରଣ କ୍ରୟ କରିବେ। ଜମିଜମା କିମ୍ବା ଯାନ୍ତ୍ରିକ ମରାମତି କ୍ଷେତ୍ରରେ ଅର୍ଥ ବ୍ୟୟ କରିବେ। ବନ୍ଧୁମାଙ୍କ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ସମସ୍ୟାକୁ ବୃଦ୍ଧି କରିପାରେ। କର୍ମକ୍ଷେତ୍ରରେ ସହକର୍ମୀ ସହଯୋଗର ହାତ ବଢ଼ାଇବାର ସମ୍ଭାବନା ରହିଛି।

**ମିଥୁନ** ବୃହସ୍ପତିଙ୍କ ପ୍ରଭାବରୁ ଯାହା ନିଷ୍ପତ୍ତି ନେବେ ତାହା ନିର୍ବିବାଦରେ ଗ୍ରହଣଯୋଗ୍ୟ ହେବ। କର୍ମକ୍ଷେତ୍ରରେ ମିତ୍ରମାନେ ପୂର୍ବ ଶତ୍ରୁତା ସ୍ମରଣ କରି ଅସହଯୋଗ କରିପାରନ୍ତି। ବିବାଦୀୟ ପରିସ୍ଥିତି ତଥା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ପରିଲକ୍ଷିତ ହେବ। ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଭାବେ ସୁଫଳ ପାଇବେ।

**କର୍କଟ** କର୍ମଜଞ୍ଜାଳ ବୃଦ୍ଧିରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ରହି ନ ପାରେ। ସାଧାରଣ କଥାକୁ କେନ୍ଦ୍ରକରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧପ୍ରକାଶ କରିବେ। ଆପଣ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବେ, ଯାହାକି ଅଶାନ୍ତି ସୃଷ୍ଟି କରିପାରେ। କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି।

**ସିଂହ** ରାଶ୍ୟାଧିପ କର୍ମସ୍ଥ ହେତୁ ବିବାଦୀୟ ଘଟଣାର ସମାଧାନ କରିବାରେ ସଫଳ ହେବେ। ଆଜି ଆପଣ ଯାହା ପାଇବେ ତାହା ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ମାଙ୍ଗଳିକ ଉତ୍ସବ ନିମନ୍ତେ ଆତ୍ମୀୟଙ୍କ ପରାମର୍ଶ କ୍ରମେ ପ୍ରସ୍ତୁତିରେ ଲାଗିପଡ଼ିବେ।

**କନ୍ୟା** ରାଶିରେ କେତୁଙ୍କ କୁପ୍ରଭାବରୁ ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିପାରେ। ଯାନବାହନରେ ସତର୍କ ରହିବା ଭଲ, ନଚେତ୍ ହଇରାଣ ହୋଇପାରନ୍ତି। ଏକ ଭିନ୍ନ ପରିବେଶ ଓ ପରିସ୍ଥିତିରେ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡିହୋଇଯିବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ ତଥାପି କାମ ଅଟକିବ ନାହିଁ।

**ତୁଳା** ମାରକାଧିପଙ୍କ ଦୁର୍ବଳତାରୁ କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ସାମାଜିକ ସ୍ତରରେ ପ୍ରଶଂସନୀୟ କାମ କରି ଅନ୍ୟର ଦୃଷ୍ଟିଆକର୍ଷଣ କରିପାରନ୍ତି।

**ବିଛା** ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖା ପଢ଼ାରୁ , ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଅଫିସିଆଲି କାମରେ ବିବାଦୀୟ ଘଟଣା ଆଶଙ୍କା ଦୂର ହୋଇଯିବ। ନୀଚାରୋହୀ ଶନିଙ୍କ ଯୋଗୁ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** କର୍ମକ୍ଷେତ୍ର ଏକାଧିକ ଗ୍ରହଦୃଷ୍ଟିରେ ଥିବାରୁ ବନ୍ଧୁଙ୍କ ପରାମର୍ଶରେ ନୂତନ କାମର ପରିକଳ୍ପନା କରିବେ। ପରିବାରର ଖର୍ଚ୍ଚଭାର ସାଙ୍ଗକୁ ଋଣଭାର ବୃଦ୍ଧିଜନିତ ଚିନ୍ତାପ୍ରକଟ କରିବେ। ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେବେ। ଜମିଜମା ବ୍ୟବସାୟ, ପରିବହନ କ୍ଷେତ୍ର ଏବଂ ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର** ଆପଣଙ୍କ ସାହାଯ୍ୟ ନେଇ ନିଜକାମ ହାସଲ କରିବା ମାନସରେ ଆତ୍ମୀୟମାନେ ପାଖେଇ ଆସିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ପ୍ରିୟ ବନ୍ଧୁଟି ସହ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠା ହେବ। ପାରିବାରିକ କ୍ଷେତ୍ରର ଟେନସନ୍ କମିଯିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଜଣେ ବନ୍ଧୁଙ୍କୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** ଦୈହିକ ଅସୁସ୍ଥତା ହେତୁ ପରିବାରର ବାରଣକୁ ନ ମାନି କୌଣସି କାମରେ ଆଗଭର ହେବା ଠିକ୍ ହେବନି। କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିବାରୁ ମନକୁ ବିବ୍ରତ କରିପାରେ। କାମ ହାସଲ ନ ହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ। ବ୍ୟବସାୟ, ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା ଜଟିଳ ହେବାର ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ପରିବହନରେ, ପ୍ରଶାସନିକ ସ୍ତରରେ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇବାରେ ସଫଳ ହେବେ। ଗୃହକାମରେ ବ୍ୟସ୍ତରହି କୌଣସି କାମକୁ ଭୁଲିଯିବାରୁ ସମାଲୋଚିତ ହେବେ। ଜଣେ ପୁରୁଣା ବନ୍ଧୁ ହଠାତ୍ ଆପଣଙ୍କ ନିକଟକୁ ଆସି ଶୁଭଖବର ଦେଇପାରନ୍ତି।

ଆଜି ମେ ୨୩ ତାରିଖ, ଜ୍ୟେଷ୍ଠ କୃଷ୍ଣପକ୍ଷର ସର୍ବସମ୍ମତ ଜଳକ୍ରୀଡ଼ା ଏକାଦଶୀ ଶୁକ୍ରବାର, ରାଶି ନକ୍ଷତ୍ର–ଉତ୍ତରଭାଦ୍ରପଦ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୦୪ ଗତେ ଘ.୦୬.୫୬ ମଧ୍ୟେ, ଘ.୧୨.୦୯ ଗତେ ଘ.୦୨.୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦.୦୫ ଗତେ ଘ.୧୧.୪୩ ମଧ୍ୟେ ରାହୁ କାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବରଷା ଖରା, ଭୃତ୍ୟ ମଗରା,**
**ଗୋଦରୀ ଦାରୀ, ନିର୍ମୁଣ୍ଡି ନାରୀ,**
**ଏ ଚାରିରେ ଦାଉ ସହି ନ ପାରି।**

ବରଷା ପରେ ଯେଉଁ ଖରା ହୁଏ, ତାହା ଦେହକୁ କାଟିଥାଏ। ଭୃତ୍ୟ ମଗରା ପ୍ରକୃତିର ହେବା ମାଲିକ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥାଏ। ସେହିପରି ଗୋଦରୀ ଦାରୀ ଓ ନିର୍ମୁଣ୍ଡି ନାରୀଙ୍କ ଗୁଣଗ୍ରାମ ଅତି ଅସହ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବିପଦ ବେଳେ ବେଙ୍ଗ ବାଟ ଛାଡ଼େ ନାହିଁ।**

ଶତ୍ରୁର ଦୁର୍ବଳ ମୁହୂର୍ତ୍ତରେ ତାକୁ ଆଘାତ ଦେବା ହିଁ ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଉପଯୁକ୍ତ ବେଳ ଦେଖି ଅତି ସାମାନ୍ୟ ବ୍ୟକ୍ତି ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବନ୍ୟପ୍ରାଣୀ ଅପରାଧର ମୁକାବିଲା ହେଲେ ଜୈବବିବିଧତା ସମୃଦ୍ଧ ହେବ




ନୟାଗଡ଼ ଜିଲା ଶରଣକୁଳଠାରେ ଗୁରୁବାର ଗ୍ରୀନ କ୍ଲବ ହରିହରପୁର, ନୟାଗଡ଼ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍ ଏବଂ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପାଳିତ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ।

**ଭୁବନେଶ୍ୱର,୨୨।୫(ବନ୍ଦନା ସେଠୀ)**

ନୟାଗଡ଼ ଜିଲା ଶରଣକୁଳଠାରେ ଗୁରୁବାର ଅର୍ନ୍ତଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି। ଗ୍ରୀନ କ୍ଲବ ହରିହରପୁର, ନୟାଗଡ଼ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍ ଏବଂ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ(ଓପ୍‌ସା)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପ୍ରକୃତି ସହିତ ସମନ୍ୱୟ ଏବଂ ନିରନ୍ତର ବିକାଶ' ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୃକ୍ତ ଅଞ୍ଚଳରେ ବଢୁଥିବା ବନ୍ୟପ୍ରାଣୀ ଅପରାଧର ମୁକାବିଲା ପାଇଁ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ହେଲେ ଜୈବ ବିବିଧତା ସମୃଦ୍ଧ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ଦଶପଲ୍ଲା, ମହୀପୁର, ଓଡ଼ଗାଁ, ଖଣ୍ଡପଡ଼ା ଏବଂ ପଞ୍ଚୁଡିଆ ରେଞ୍ଜର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷା ଦେବା ବିଷୟରେ ଅଂଶଗ୍ରହଣକାରୀମାନେ ଆଲୋଚନା କରିଥିଲେ। ଏହି ଜୈବବିବିଧତାପୂର୍ଣ୍ଣ ଅଞ୍ଚଳ ହାତୀ, କୁଟୁରା, ସମ୍ବର, ଗୟଳ ସହିତ ବିଭିନ୍ନ ସରୀସୃପ ଏବଂ ପକ୍ଷୀଙ୍କ ବାସସ୍ଥାନ ଭାବେ ପରିଚିତ। ମାତ୍ର ଅବାଧ ଶୀକାର, ବନ୍ୟଜନ୍ତୁ ମାଂସ ବିକ୍ରି ଏବଂ ଅବୈଧ ବନ୍ୟପ୍ରାଣୀ ଚୋରାଚାଲାଣ ଏଠାରେ ବଡ଼ ସମସ୍ୟା ଭାବେ ଉଭାହୋଇଛି। ତେଣୁ ଶିକ୍ଷା ସଚେତନତା ମାଧ୍ୟମରେ ଅଞ୍ଚଳର ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଲାଗି ଉପସ୍ଥିତ ପରିବେଶ କର୍ମୀ ଓ ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଥିଲେ। ଏଥିସହିତ ଆସନ୍ତା ୨ ବର୍ଷରେ ୫ହଜାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ସଚେତନତା ସୃଷ୍ଟି କରାଯିବା ନେଇ 'ଓପ୍‌ସା' ପକ୍ଷରୁ ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ 'ଓପ୍‌ସା' ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳ ଯୋଗଦେଇ, ଆମକୁ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ବିକଳ୍ପ ଜୀବିକା ସୃଷ୍ଟି ସହିତ ସ୍ଥାନୀୟ ଜୈବ ବିବିଧତା, ଜଙ୍ଗଲ ପରିସଂସ୍ଥାର ପରିବେଶଗତ ଗୁରୁତ୍ୱ ବିଷୟରେ ଯୁବପିଢୀଙ୍କୁ ଶିକ୍ଷିତ କରିବା ଉପରେ ଧ୍ୟାନ ଦେବାକୁ ପଡିବ ବୋଲି କହିଥିଲେ। ସେହିପରି ନିୟମିତ ସଚେତନତା ଅଭିଯାନ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଆଇନ୍‌ର କଠୋର ପ୍ରୟୋଗ ବର୍ତ୍ତମାନର ପରିସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ଆଣିପାରିବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍‌ର ସମ୍ପାଦକ ସୁଜିତ କୁମାର ପ୍ରଧାନ, ଗ୍ରୀନ୍ କ୍ଲବ୍ ହରିପୁରର ସମ୍ପାଦକ କୁମାର ବରଦା, ଓପ୍‌ସା ଟ୍ରଷ୍ଟର ସୁମନ ପ୍ରଧାନ, ପରିବେଶକର୍ମୀ ପମି ନାୟକ ପ୍ରମୁଖ ଯୋଗଦେଇ ନୟାଗଡର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ସରକାରୀ ସଂସ୍ଥା, ସଂରକ୍ଷଣ ସଂଗଠନ ଏବଂ ସ୍ଥାନୀୟ ସମ୍ପ୍ରଦାୟର ପୂର୍ଣ୍ଣ ସମନ୍ୱୟରେ ନିରନ୍ତର ପ୍ରୟାସ ଆବଶ୍ୟକ ବୋଲି ମତ ରଖିଥିଲେ। ଏଥିସହ ନୟାଗଡ଼ ଜିଲ୍ଲାରେ ବନ୍ୟଜନ୍ତୁ ସଂରକ୍ଷଣ ସଚେତନତା ସୃଷ୍ଟି ପାଇଁ ସଂକଳ୍ପ ନେଇଥିଲେ।

## ପ୍ରଥମ ପୃଷ୍ଠାରୁ...

# କୋଟିଆ ପାଇଁ...

ଅନୁଷ୍ଠିତ ବୈଠକ ପରେ ଏକ କମିଟି ଗଠନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ସେହି କ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗୁରୁବାର ଏହି କମିଟି ଘୋଷଣା କରାଯାଇଛି।

ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି, କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ୍‌ର କୋଟିଆ ଗ୍ରାମପଞ୍ଚାୟତକୁ ସ୍ୱତନ୍ତ୍ର ଦୃଷ୍ଟିଦେଇ ସେଠାରେ ଯେପରି ସବୁ ପ୍ରକାର ସରକାରୀ ସୁବିଧା ଏକ ପ୍ରଶାସନିକ ବ୍ୟବସ୍ଥା ଭିତରେ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। କୋଟିଆ ଗ୍ରାମପଞ୍ଚାୟତର ବିକାଶ ଲାଗି ଗୋଟିଏ ଏଜେନ୍ସି ଦ୍ୱାରା ସବୁ ପ୍ରକାର ସରକାରୀ ସୁବିଧା ସେଠାକାର ବାସିନ୍ଦାଙ୍କୁ ଯୋଗାଇ ଦିଆଯିବ।

## ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୧୫ ସଦସ୍ୟ ରହିଲେ

- **ଜଣେ ଓଏଏସ୍ କିମ୍ବା ଓଆର୍‌ଏସ୍ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଖୋଲିବ ସ୍ୱତନ୍ତ୍ର ଅଫିସ୍**
- **କୋଟିଆବାସୀଙ୍କୁ ସବୁ ପ୍ରକାର ସୁବିଧା ଗୋଟିଏ ଏଜେନ୍ସି ଜରିଆରେ ମିଳିବ**

ଏହାର ଦାୟିତ୍ୱ ଜଣେ ଓଏଏସ୍ କିମ୍ବା ଓଆର୍‌ଏସ୍ ଅଫିସରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲାଯାଇ କରାଯିବ। ସେଠାରେ ଓଡ଼ିଆ ଭାଷା, ସଂସ୍କୃତି, ପର୍ବଭଲ ଭାବେ ପାଳନ କରାଯିବ। ସେଠାକାର ଲୋକଙ୍କୁ କିପରି ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଇପାରିବ ଏବଂ ଅର୍ଥ ବ୍ୟବସ୍ଥା କିପରି ହେବ, ସୀମାନ୍ତବର୍ତ୍ତୀ ରାଜ୍ୟ କେଉଁ ସୁବିଧା ଦେଉଛନ୍ତି ତା'ର ତର୍ଜମା ରାଜ୍ୟସ୍ତରୀୟ କମିଟିକରିବ ବୋଲିକୁହାଯାଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଗତ ଏପ୍ରିଲ ୨୨ରେ କୋରାପୁଟ ଜିଲାର କୋଟିଆ ଗ୍ରାମ ପଞ୍ଚାୟତ ସମ୍ପର୍କରେ ସମୀକ୍ଷାକରି ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ପରେ ଏହାର ସମାଧାନ ପାଇଁ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯିବ ବୋଲି କୁହାଯାଇଥିଲା। ଉକ୍ତ କମିଟି ସ୍ଥିତି ଅନୁଧ୍ୟାନକରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବ ବୋଲି କୁହାଯାଇଥିଲା।

# ଅନ୍‌ଲାଇନ ଗେମ୍ ଖେଳି ଜୀବନ ହାରିଲେ ଯୁବକ

**ଭୋଗରାଇ,୨୨।୫(ପ୍ରଦୀପ ଦାସ)**

ଅନ୍‌ଲାଇନ ଗେମ୍ ଖେଳି ଜୀବନ ହାରିଛନ୍ତି ଜଣେ ଯୁବକ। ସେ ହେଲେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳପାହି କୀର୍ତ୍ତନିଆ ଗ୍ରାମର ଆନନ୍ଦ ମିର୍ଦ୍ଧା (୨୧)। ବୁଧବାର ରାତିରେ ଆନନ୍ଦ ମାନସିକ ଭାରସାମ୍ୟ ହରାଇ ଘର ପାଖ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗୁରୁବାର ସକାଳେ ପୋଲିସ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୫) ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

ପରିବାର ଲୋକଙ୍କ କହିବାନୁଯାୟୀ, ଆନନ୍ଦ ବହୁ ସମୟ ଧରି ମୋବାଇଲରେ ଅନ୍‌ଲାଇନ ଗେମ୍ ଖେଳି ବହୁ ଅର୍ଥ ବରବାଦ କରୁଥିଲେ। ଏନେଇ ମା' ବାପା ବାରମ୍ବାର ତାଗିଦ୍ କରୁଥିଲେ ମଧ୍ୟ ସେ ଶୁଣୁ ନ ଥିଲେ। ବୁଧବାର ଗେମ୍‌ଖେଳିହାରିବା ପରେ ମାନସିକ ଭାରସାମ୍ୟ ହରାଇ ଏଭଳି ଚରମ ନିଷ୍ପତ୍ତି ନେଇଛନ୍ତି। ପରିବାର ଲୋକେ ଗୁରୁବାର ସକାଳେ ମୃତଦେହ ଗଛରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# TALENT'S H.S.S OF SCIENCE & TECHNOLOGY, KORAPUT

+2 Science Day Scholar Cum Residential College Recognised By Govt. of Odisha Under C.H.S.E.,Bhubaneswar
**OPP. HOUSING BOARD, GANDHI NAGAR, KORAPUT**

# ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳ - ୨୦୨୫

## ଅବିଭକ୍ତ କୋରାପୁଟ ଜିଲ୍ଲାରେ ସର୍ବାଧିକ ପ୍ରଥମ ଶ୍ରେଣୀ ପାସ୍ ହାରରେ ଟାଲେଣ୍ଟସ୍ ମହାବିଦ୍ୟାଳୟ ପ୍ରଥମ

Congratulation



546/600 91%

SWASTIK PRADHAN

Congratulation



543/600 90.5%

ROHAN PANDA

Congratulation



541/600 90.1%

G DHIRAJ KUMAR

**TOTAL APPEARED - 249**

**1ST DIVISION - 207**

### ଇ-ଏଡ୍‌ମିଶନ ପାଇଁ ସୂଚନା

ଦଶମ ଶ୍ରେଣୀ (HSC/CBSE/ICSE) ପାସ୍ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ପ୍ରଥମ ବର୍ଷ ଯୁକ୍ତ ୨ ବିଜ୍ଞାନରେ ପ୍ରବେଶ ପାଇଁ ଫର୍ମ ପୂରଣ ସୁବିଧା ନିମନ୍ତେ ଏକ ହେଲ୍‌ପ ଡେସ୍କ ଟାଲେଣ୍ଟସ୍ କଲେଜ ପରିସରରେ ଖୋଲାଯାଇଛି । ଏହି ହେଲ୍‌ପ ଡେସ୍କକୁ ଅଭିଭାବକ ଏବଂ ଛାତ୍ରଛାତ୍ରୀ ଆସି ନିଜ ସୁବିଧାରେ ମନମୁତାବକ କଲେଜ ଚୟନ କରିପାରିବେ । ହେଲପ ଡେସ୍କଟି ସକାଳ ୧୦ ଘଣ୍ଟା ଠାରୁ ରାତ୍ର ୭ ଘଣ୍ଟା ପର୍ଯ୍ୟନ୍ତ ଖୋଲା ରହିବ । ଏଥିପାଇଁ କଲେଜ ପକ୍ଷରୁ ସ୍ୱତନ୍ତ୍ର ଭାବେ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ବ୍ୟବସ୍ଥା କରାଯାଇଛି ।

## ଆକର୍ଷଣୀୟ ଶୈକ୍ଷିକ ପରିବେଶ ଓ ଆନ୍ତରିକତାପୂର୍ଣ୍ଣ ଶିକ୍ଷାଗ୍ରହଣ ବାସ୍ତବରେ ସଫଳତା ହିଁ ଆଣେ ।

### ମାନସ ରଂଜନ ପଟ୍ଟନାୟକ (ଚେୟାରମ୍ୟାନ୍)

ଆନ୍ତରିକତାପୂର୍ଣ୍ଣ ନିରନ୍ତର ଶିକ୍ଷାଦାନ ସହ କୋରାପୁଟର ଏକ ଶ୍ରେଷ୍ଠ ଶୃଙ୍ଖଳିତ ଶିକ୍ଷାନୁଷ୍ଠାନ ଭାବରେ କୋରାପୁଟ ଟାଲେଣ୍ଟସ୍ ମହାବିଦ୍ୟାଳୟ +୨ ବିଜ୍ଞାନ ଶିକ୍ଷାଦାନ କ୍ଷେତ୍ରରେ ତାର ସୁନାମ ବଜାୟ ରଖିଛି । ନିଜସ୍ୱ ଏକ ଆକର୍ଷଣୀୟ ଶୈକ୍ଷିକ ପରିବେଶ ଗୁଣାତ୍ମକ ଶିକ୍ଷା ପ୍ରଦାନର ପ୍ରକୃଷ୍ଟ କ୍ଷେତ୍ର ପାଲଟିଛି । ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ପ୍ରାଧାନ୍ୟ ଦେଇ ଉତ୍ତମ ଶିକ୍ଷାଦାନ, ଚରିତ୍ର ଗଠନ ଓ ଶୃଙ୍ଖଳାକୁ ମହାବିଦ୍ୟାଳୟ ଆଦର୍ଶ କରିଛି । ସଫଳତାର ସୋପାନ ପରେ ସୋପାନ ଅତିକ୍ରମ କରି ଚାଲିଥିଲା ବେଳେ ଚଳିତ ବର୍ଷ +୨ ବିଜ୍ଞାନ ଫଳାଫଳରେ ଟାଲେଣ୍ଟସ୍ ମହାବିଦ୍ୟାଳୟ ପୂର୍ବବର୍ଷ ମାନଙ୍କ ପରି ନିଜର ଗୌରବ ବଜାୟ ରଖିବା ସହ ୨୪୯ ଜଣ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୨୦୭ ଜଣଙ୍କୁ ପ୍ରଥମ ଶ୍ରେଣୀରେ, ୩୩ ଜଣଙ୍କୁ ଦ୍ୱିତୀୟ ଶ୍ରେଣୀରେ କୃତକାର୍ଯ୍ୟ କରି ଅବିଭକ୍ତ କୋରାପୁଟ ଜିଲ୍ଲା ପାଇଁ ଗୌରବ ଆଣିପାରିଛି । ଚଳିତ ବର୍ଷ +୨ ବିଜ୍ଞାନ ପରୀକ୍ଷା ଫଳାଫଳରେ ଟାଲେଣ୍ଟସ୍ ମହାବିଦ୍ୟାଳୟର ପରିଚୟ ସ୍ୱତନ୍ତ୍ର ନିଶ୍ଚୟ । ଏପରିକି ମ୍ୟାଟ୍ରିକ ପରୀକ୍ଷାରେ ଶତକଡା ୯୦ ପ୍ରତିଶତରୁ କମ୍ ନମ୍ବର ରଖି ମହାବିଦ୍ୟାଳୟରେ ନାମଲେଖାଇଥିବା ୩ ଜଣଛାତ୍ର ଚଳିତ +୨ ବିଜ୍ଞାନ ଫଳାଫଳରେ ଶତକଡା ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଟାଲେଣ୍ଟସ୍ ମହାବିଦ୍ୟାଳୟ ପାଇଁ ଗର୍ବ ଓ ଗୌରବ ଆଣିପାରିଛନ୍ତି । ସଫଳତା କ୍ଷେତ୍ରରେ ସବୁଠାରୁ ଉଲ୍ଲେଖନୀୟ ଅଧିକ ଆନନ୍ଦର ବିଷୟ ହେଲା ମ୍ୟାଟ୍ରିକ୍ ପରୀକ୍ଷାରେ ଦ୍ୱିତୀୟ ଶ୍ରେଣୀରେ ସଫଳତା ପାଇ ଟାଲେଣ୍ଟସ୍ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୨୦ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ +୨ ବିଜ୍ଞାନ ଫଳାଫଳରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଶିକ୍ଷାଗ୍ରହଣ ପ୍ରତି ଥିବା ଆଗ୍ରହ, ମହାବିଦ୍ୟାଳୟର ସୁପରିଚାଳନା, ନୀତିନିୟମ, ଶୃଙ୍ଖଳା, ଉତ୍ତମ ସେମାନଙ୍କ ନିଷ୍ଠା, ଶିକ୍ଷାଦାନ ଓ ଆକର୍ଷଣୀୟ ଶୈକ୍ଷିକ ପରିବେଶର ପ୍ରଭାବକୁ ପ୍ରମାଣିତ କରିଛନ୍ତି । ଅତ୍ୟନ୍ତ ଖୁସିର କଥା ହେଲା ମ୍ୟାଟ୍ରିକ ପରୀକ୍ଷାରେ ଶତକଡା ୫୨ ପ୍ରତିଶତ ନମ୍ବର ରଖି ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଅବିନାଶ ସିଶା ଚଳିତ ବର୍ଷ +୨ ପରୀକ୍ଷାରେ ଶତକଡ ୮୦ ପ୍ରତିଶତ ନମ୍ବର ରଖି ଅଧ୍ୟୟନ ପ୍ରତି ଥିବା ଆଗ୍ରହକୁ ପ୍ରମାଣିତ କରି ଛାତ୍ରଛାତ୍ରୀ ମାନଙ୍କ ଭିତରେ ଉଦାହରଣ ସହ ଉତ୍ସାହ ଭରି ଦେଇଛନ୍ତି । ଶିକ୍ଷାଦାନ କ୍ଷେତ୍ରରେ ଟାଲେଣ୍ଟସ୍ ମହାବିଦ୍ୟାଳୟର ଆନ୍ତରିକ ଉଦ୍ୟମ ଓ ନିରନ୍ତର ପ୍ରଚେଷ୍ଟା ଫଳରେ ଏହା କେବଳ ସମ୍ଭବ ହୋଇ ପାରୁଛି ବୋଲି ଅଭିଭାବକ ମାନେ ସ୍ୱୀକାର କରିବା ସହ ପ୍ରଶଂସା ମଧ୍ୟ କରିଛନ୍ତି । ଛାତ୍ରଛାତ୍ରୀ ମାନଙ୍କୁ +୨ ବିଜ୍ଞାନ ଶିକ୍ଷାଦାନ କ୍ଷେତ୍ରରେ ଅଧିକ ସହାୟତା ଓ ଆକୃଷ୍ଟ କରିବା ପାଇଁ ମହାବିଦ୍ୟାଳୟରେ ସମସ୍ତ ପ୍ରକାର ସୁବିଧାଥିବା ଶ୍ରେଣୀଗୃହ, ଛାତ୍ରାବାସ, ଖେଳପଡିଆ, ସ୍ପୋର୍ଟସ୍ କ୍ଲବ୍, ସୁନ୍ଦର ବଗିଚା, ପାଠାଗାର, ବୋଟାନିକାଲ ଗାର୍ଡେନ୍, ଯୋଗଶାଳା, ନୂତନ ପାଠ୍ୟଖସଡାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ବିଜ୍ଞାନାଗାର, ସ୍ନାକ୍ସ ସେଣ୍ଟର, ସ୍ୱାସ୍ଥ୍ୟ ଉପଯୋଗୀ ସୁସ୍ୱାଦୁ ଖାଦ୍ୟ, ରୋଷେଇ ଶାଳ ଓ ଭୋଜନାଳୟର ସୁବ୍ୟବସ୍ଥା କରାଯାଇଛି । ସବୁଦିନ ଯୋଗାଭ୍ୟାସ ଓ ଏରୋବିକ୍ସ ପ୍ରଶିକ୍ଷଣ ସହ ସବୁଠାରୁ ଆକର୍ଷଣୀୟ ବ୍ୟବସ୍ଥା ହେଲା ଛାତ୍ରଛାତ୍ରୀ ମାନଙ୍କ ପାଇଁ ମହାବିଦ୍ୟାଳୟ ପରିସରରେ ଏକ ହର୍ଷ ରାଇଡିଙ୍ଗ୍ କ୍ଲବ୍ ଗଠନ କରାଯାଇ ଛାତ୍ରଛାତ୍ରୀ ମାନଙ୍କୁ ଘୋଡା ଦୌଡ କୌଶଳ ଅଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ଶିକ୍ଷା ଦିଆଯାଉଛି । ମହାବିଦ୍ୟାଳୟର ସୁପରିଚାଳନା, ଆକର୍ଷଣୀୟ ଶୈକ୍ଷିକ ପରିବେଶ ପ୍ରତି ଆକୃଷ୍ଟ ଓ ଆସ୍ଥାଭାଜନ ହୋଇ ଟାଲେଣ୍ଟସ୍ କୁ ଶ୍ରଦ୍ଧା ଓ ସମ୍ମାନ କରୁଥିବା ସମସ୍ତ ଅଭିଭାବକଙ୍କ ସହ ଚଳିତ ବର୍ଷ ୨୦୨୫ +୨ ବିଜ୍ଞାନ ପରୀକ୍ଷା ଫଳାଫଳରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଟାଲେଣ୍ଟସ୍ ପରିବାର ତରଫରୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସୁନ୍ଦର ଭବିଷ୍ୟତ ଓ ଧାରାବାହିକ ସଫଳତା କାମନା କରୁଛି ।



## LIST OF STUDENTS WHO HAVE UPGRADED THEIR DIVISION

| Sl# | Name | % in 10th. (2nd Division) | % in +2 (1st Division) |
|---|---|---|---|
| 1 | ANJALI BAGHEL | 46 | 60.00 |
| 2 | RABINDRA MATTAM | 50.3 | 71.17 |
| 3 | ABINASH SISA | 52.5 | 80.50 |
| 4 | DEBASISH PANGI | 52.8 | 77.00 |
| 5 | JAGDISH SISA | 53 | 62.00 |
| 6 | NIHAR RANJAN PANI | 54 | 65.50 |
| 7 | LIPSA RANEE GOMANGO | 54.2 | 65.33 |
| 8 | TAPAS KUMAR NAYAK | 54.6 | 70.33 |
| 9 | BALUNKESWAR CHAPADI | 55.2 | 61.83 |
| 10 | CHANDAN KUMAR DAKUA | 56.2 | 72.83 |
| 11 | MUKUL KUMAR NAYAK | 56.6 | 71.00 |
| 12 | PRABHAT KUMAR GADABA | 57 | 60.83 |
| 13 | BABULA PUJARI | 57.2 | 60.67 |
| 14 | GANESH KHEMUNDU | 57.6 | 78.50 |
| 15 | SOUMYA RANJAN MAJHI | 58.1 | 66.33 |
| 16 | MAHESH NAIK | 58.3 | 66.83 |
| 17 | TARAK RAJ KHARA | 58.5 | 73.83 |
| 18 | TILAK RANJAN BAG | 59 | 74.00 |
| 19 | SANGITA KUMARI GEMEL | 59.3 | 65.67 |
| 20 | BARSHA SARKAR | 59.4 | 64.67 |

## Our Stars who have secured 80% & above and glorified our college




**FOR ADMISSION CONTACT :**

**8480100500, 8480100501, 8480100502, 8480100503**

# ଶାନ୍ତି ଚୁକ୍ତିରେ ମହିଳାଙ୍କ ଭୂମିକା



କାରୋଲିନ ଚିସାଡ୍‌ଜା

ବିଶ୍ୱରେ ଲିଙ୍ଗଗତ ସମାନତା ପାଇଁ ସବୁ ପ୍ରକାର ଅଗ୍ରଗତି ହୋଇଥିଲେ ମଧ୍ୟ ଅନେକେ ଅଦ୍ୟାବଧି ସଶସ୍ତ୍ର ସଂଘର୍ଷକୁ ମୁଖ୍ୟତଃ ପୁରୁଷ ପ୍ରାଧାନ୍ୟ ଭାବେ ଦେଖିବାକୁ ଅଧିକ ଉତ୍ସାହିତ ହେଉଛନ୍ତି। ବାସ୍ତବରେ ମହିଳାମାନେ ବହୁ ସମୟରେ ଯୁଦ୍ଧ, ଅଣଯୁଦ୍ଧ ଓ ନେତୃତ୍ୱ ଭୂମିକାରେ ନିର୍ଣ୍ଣାୟକ ସାବ୍ୟସ୍ତ ହେଉଥିଲେ ମଧ୍ୟ ଔପଚାରିକ ଶାନ୍ତି ପ୍ରକ୍ରିୟାରେ ଏବଂ ଯୁଦ୍ଧ ପରବର୍ତ୍ତୀ ଶାସନରେ ସେମାନଙ୍କୁ ନିୟମିତ ଭାବେ ଅଣଦେଖା କରାଯାଉଛି। ଏହି ଧାରା ଏକ ନୈତିକ ଓ ବ୍ୟବହାରିକ ବିଫଳତାକୁ ଦର୍ଶାଉଛି। ସଶସ୍ତ୍ର ଯୁଦ୍ଧରେ ମହିଳାମାନେ ଗଣହତ୍ୟା, ଚାଲାଣ, ଦାସତ୍ୱ ଓ ଯୌନ ନିର୍ଯାତନା ସହ ସବୁ ପ୍ରକାର ସ୍ୱାସ୍ଥ୍ୟଗତ ବିପଦ ତଥା ମାନସିକ ଆଘାତର ଶିକାର ହେବାର ସମ୍ଭାବନା ଅଧିକ ରହିଥାଏ। କେବଳ ଏଇଥିପାଇଁ ସେମାନଙ୍କୁ ଶାନ୍ତି ପ୍ରକ୍ରିୟାରେ ଭାଗନେବାରେ ସେମାନଙ୍କର ଅଧିକାର ରହିଛି। ମହିଳାମାନେ ଯେ କେବଳ କ୍ଷତି ସହୁଛନ୍ତି ତାହା ନୁହେଁ, ବରଂ ଯୁଦ୍ଧଭୂମିରେ ଯୁଦ୍ଧ ସମୟରେ ସେମାନଙ୍କର ବ୍ୟାପକ ଯୋଗଦାନ ରହିଛି, ଯାହା ଆମେ ୟୁକ୍ରେନରେ ଦେଖିଛେ। ଏହା ସହ ନାଗରିକ ସମାଜ ଓ ଶାନ୍ତି ପାଇଁ ସ୍ୱର ଉତ୍ତୋଳନ କରିବାରେ ସେମାନଙ୍କ ପ୍ରମୁଖ ଭୂମିକା ରହିଛି। ଏ ଦୃଷ୍ଟିରୁ ଯୁଦ୍ଧ ସମୟରେ ମହିଳାମାନେ ବିପଦର ସମ୍ମୁଖୀନ ହେଉଥିଲେ ମଧ୍ୟ ବହୁ ସମୟରେ ସେମାନଙ୍କ ପ୍ରତିନିଧିତ୍ୱ ବଢ଼ାଇଥାନ୍ତି। କିନ୍ତୁ ଯେତେବେଳେ ସେମାନଙ୍କୁ ଶାନ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯାଏ, ପରେ ଯାହା ଘଟେ ଯୁଦ୍ଧରେ ସେମାନଙ୍କ ପ୍ରତିନିଧିତ୍ୱର ଲାଭ ବିପରୀତ ହୋଇଯାଏ। ବିଶେଷକରି ୟୁକ୍ରେନ ଘଟଣାରେ ଏହା ସ୍ପଷ୍ଟ ହୋଇଛି, ଯେଉଁଠି ପୁରୁଣା ଲିଙ୍ଗଗତ ମାନଦଣ୍ଡ ପୁନର୍ବାର ଦୃଢ଼ ଭାବେ ସାମ୍ନାକୁ ଆସିଛି। ଏହା ବିଶେଷକରି ଯୁଦ୍ଧ ପ୍ରଭାବିତ ତଥା ଅଧିକ ପୁରୁଷ ପ୍ରାଧାନ୍ୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଥିବା ଦେଶଗୁଡ଼ିକରେ ଦେଖାଯାଉଛି।

ଯୁଦ୍ଧସମାଧାନ, ଶାନ୍ତିପ୍ରତିଷ୍ଠା ଏବଂ ଯୁଦ୍ଧପରେ ପୁନର୍ଗଠନରେ ମହିଳାଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରୁଥିବା ନ୍ୟାୟିକ ଢାଞ୍ଚା ଏବେ ସୁଦ୍ଧା ନକାରାତ୍ମକ ଧାରାକୁ ବଦଳାଇପାରିନାହିଁ। ନ୍ୟାୟିକ ଢାଞ୍ଚା ଆଂଶିକ ରୂପେ କାର୍ଯ୍ୟକାରୀ ହେବା ଓ ପରିଚାଳନାଗତ ଆହ୍ୱାନ ଯୋଗୁ ଏଭଳି ହେଉଛି। ଉଦାହରଣ ସ୍ୱରୂପ, ଜାତିସଂଘର ସବୁ ସଦସ୍ୟ ଦେଶ ମହିଳା ଭାଗୀଦାରି ବୃଦ୍ଧି କରିବା ସହ ଏହାର ସମସ୍ତ ଶାନ୍ତି ଓ ସୁରକ୍ଷା ପଦକ୍ଷେପରେ ଲିଙ୍ଗଗତ ଦୃଷ୍ଟିକୋଣକୁ ସାମିଲ କରିବା ଆବଶ୍ୟକ ବୋଲି ୨୦୦୦ରେ ଗ୍ରହଣ କରାଯାଇଥିବା ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବନା ୧୩୨୫ରେ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ୨୦୧୮ ସୁଦ୍ଧା ଶାନ୍ତି ଚୁକ୍ତି ବା ବୁଝାମଣାରେ ସ୍ୱାକ୍ଷର କରିଥିବା ମହିଳାଙ୍କ ସଂଖ୍ୟା ଅଧିକ ବୃଦ୍ଧି ହୋଇ ନ ଥିଲା। ଶାନ୍ତି ଚୁକ୍ତିର ସଫଳତା ଓ ଶାନ୍ତି ଉପରେ ଏହାର ବଡ଼ ପ୍ରଭାବ ରହିଛି। ନିକଟରେ ମୋ ସହ–ଗବେଷକ ମାଥ୍ୟୁ କ୍ଲାସ୍ସ, ରୋମୁଆଲ୍ଡ ମିନଗୋ ଏବଂ ଚାର୍ଲ ଭାନ ସ୍କୁର ଓ ମୁଁ ୧୯୯୦ରୁ ୨୦୨୩ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିଗୁଡ଼ିକରେ ଲିଙ୍ଗଗତ




ଭାଷା (ଯଥା ମ୍ୟାନ୍, ଗର୍ଲ, ବୟ, ହର୍, ହିଜ୍, ଫିମେଲ, ମେଲ୍, ୱାଇଫ୍, ଡଟର୍ ଇତ୍ୟାଦି)ର ବ୍ୟବହାର ସମ୍ପର୍କରେ ଅନୁଧ୍ୟାନ କରିଥିଲୁ ଏବଂ ନାଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ ବ୍ୟବହାର କରିଥିଲୁ। ଆମେ ଏକ 'ଲିଙ୍ଗଗତ ଅସମାନତା' ମାନକ ସୃଷ୍ଟି କରିଥିଲୁ। ଏଥିରେ କମ୍ ସ୍କୋର କମ୍ ଲିଙ୍ଗଗତ ଭାଷା ବ୍ୟବହାର ଏବଂ ଲିଙ୍ଗ ଆଧାରିତ ପରିଣାମ ଉପରେ କମ୍ ଗୁରୁତ୍ୱ ଦିଆଯାଇଛି ବୋଲି ଦର୍ଶାଏ। ତେବେ ଆମେ ଯେଉଁସବୁ ଶାନ୍ତି ଚୁକ୍ତି ଉପରେ ସମୀକ୍ଷା କରିଥିଲୁ ସେଥିରୁ କୌଣସି ଗୋଟିଏରେ ବିନିର୍ଦ୍ଦିଷ୍ଟ ଭାବେ ଅଧିକ ଲିଙ୍ଗଗତ ଅସମାନତା ନ ଥିଲା, କିନ୍ତୁ ସେସବୁରେ ଅଧିକ ଲିଙ୍ଗଗତ ଭାଷା ବ୍ୟବହାର ହୋଇଥିଲା, ଯାହା ମହିଳାଙ୍କ ପ୍ରତି କିଛି ସକାରାତ୍ମକ ଦୃଷ୍ଟିକୋଣ ରହିଥିଲା। କିନ୍ତୁ ଏହିସବୁ ଚୁକ୍ତି ମହିଳାଙ୍କ ପ୍ରତିନିଧିତ୍ୱରେ ଅଧିକ ଉନ୍ନତି ଆଣିବାରେ ଆଶାନୁରୂପ ଜଡ଼ିତ ନ ଥିଲା। ଅନ୍ୟପକ୍ଷରେ, ଏପରି କି ଲିଙ୍ଗଗତ ସମ୍ବେଦନଶୀଳ ଢାଞ୍ଚାଗୁଡ଼ିକ (ଯାହା ଲିଙ୍ଗଗତ ଅସମାନତାକୁ ନିର୍ଣ୍ଣୟ କରେ) କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରି ନ ଥିଲା।

ସମସ୍ୟା ହେଉଛି, ଲିଙ୍ଗ ସମ୍ପର୍କରେ ସୂଚିତ କରାଯାଇଥିଲେ ମଧ୍ୟ ଠୋସ୍ ଆବଶ୍ୟକତା ସମ୍ପର୍କରେ କିଛି ଦର୍ଶାଯାଇ ନ ଥିଲା କିମ୍ବା ସଞ୍ଚାଳନ ଓ ପ୍ରବର୍ତ୍ତନ ପ୍ରକ୍ରିୟା ବିଷୟ ଆଦୌ ନ ଥିଲା। ଉଦାହରଣ ସ୍ୱରୂପ, ଏକ ଶାନ୍ତି ଚୁକ୍ତି ମହିଳାଙ୍କ ରାଜନୈତିକ ଭାଗୀଦାରି ଉପରେ ଜୋର ଦେବା କଥା, କିନ୍ତୁ ଏହା କେତେ ରହିବ ତାହା ସ୍ଥିର କରାଯାଇନାହିଁ। ଏଣୁ ଯଦି କିଛି ଫଳ ମିଳୁଛି ତାହା ବହୁତ କମ୍। କିନ୍ତୁ ପଦକ୍ଷେପ ନିଆଯାଉଛି ବୋଲି ସୂଚିତ କରାଯାଉଛି କିନ୍ତୁ ବାସ୍ତବତା ତାହା ନୁହେଁ। ଏଣୁ ଏହି ଦୃଷ୍ଟିକୋଣ ଲିଙ୍ଗ ସମାନତାକୁ କ୍ଷତି କରିପାରେ। ଅନ୍ୟ କେତେକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ନିରସ୍ତ୍ରୀକରଣ, ସେନା ସଞ୍ଚାଳନ ବନ୍ଦ କରିବା ଏବଂ ପୁନଃ ଏକୀକରଣ (ଡିଡିଆର)କୁ ନେଇ କରାଯାଉଥିବା ଶାନ୍ତି ଚୁକ୍ତିରେ ମହିଳାଙ୍କୁ କ୍ୱଚିତ ସୂଚିତ କରାଯାଇଥାଏ। ଏହା ମହିଳା ସୈନ୍ୟଙ୍କ ଯୁଦ୍ଧ ଉପରାନ୍ତ ଥଇଥାନ ଉପରେ ପ୍ରତିକୂଳ ପ୍ରଭାବ ପକାଏ ଏବଂ ସେମାନେ ପୁରୁଷଙ୍କ ପାଇଁ ନିଆଯାଉଥିବା ପଦକ୍ଷେପରୁ ବାଦ ପଡ଼ିବାର ସମ୍ଭାବନା ଅଧିକ ଥାଏ। ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ, ଯୁଦ୍ଧ ସମାଧାନ ଓ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟାରେ ମହିଳାଙ୍କୁ ସାମିଲ କଲେ ସମସ୍ତଙ୍କ ପାଇଁ ସୁଫଳ ମିଳେ। ୨୦୧୮ରେ କରାଯାଇଥିବା ଏକ ସମୀକ୍ଷାରୁ ସ୍ପଷ୍ଟ ଯେ, ଶାନ୍ତି ଚୁକ୍ତିର ସ୍ୱାକ୍ଷରକାରୀ ଭାବେ ମହିଳା ପ୍ରତିନିଧିମାନଙ୍କୁ ସାମିଲ କରାଯିବା ଏବଂ ଯୁଦ୍ଧ ପର ଶାନ୍ତିର ସ୍ଥାୟିତ୍ୱ ମଧ୍ୟରେ ଦୃଢ଼ ସମ୍ପର୍କ ରହିଛି। ତେବେ ମହିଳାଙ୍କ ଦ୍ୱାରା ସ୍ୱାକ୍ଷରିତ ଚୁକ୍ତିଗୁଡ଼ିକରେ ରାଜନୈତିକ ସୁଧାର କେନ୍ଦ୍ରିକ ଅଧିକ ପ୍ରାବଧାନ ରହିବା ଦରକାର ଏବଂ ଏହି ପ୍ରାବଧାନଗୁଡ଼ିକୁ ଅଧିକ କାର୍ଯ୍ୟକାରୀ କରାଯିବା ଆବଶ୍ୟକ।

ଏଲ୍ ସାଲଭାଡରରେ ୧୯୯୨ ଚୁକ୍ତି ସେଠାରେ ଦୀର୍ଘ ୧୨ ବର୍ଷର ଗୃହ ଯୁଦ୍ଧର ଅବସାନ ଘଟାଇଥିଲା, ଯାହା ଲଢୁଆ ସୈନ୍ୟଙ୍କୁ ଲାଭ ଦେଇଥିଲା ଏବଂ ଯୁଦ୍ଧରେ ଭାଗ ନେଇ ନ ଥିବା ବିରୋଧୀ ଆନ୍ଦୋଳନର ମହିଳା ସଦସ୍ୟଙ୍କୁ ଏକୀକରଣ କାର୍ଯ୍ୟକ୍ରମରେ ସାମିଲ କରିଥିଲା। ଫଳରେ ମହିଳାମାନେ ଏକୀକରଣ ପ୍ରକ୍ରିୟାରେ ଏକ ସ୍ଥାୟୀ ଭୂମିକା ନେବା ସହ ପୁନର୍ଗଠନ ପଦକ୍ଷେପରେ ସେମାନଙ୍କର ପ୍ରମୁଖ ଯୋଗଦାନ ରହିଥିଲା। ଏକୀକରଣ ଓ ପୁନର୍ଗଠନ କାର୍ଯ୍ୟକ୍ରମ ମାଧ୍ୟମରେ ଯେଉଁ ଗୋଷ୍ଠୀଗୁଡ଼ିକ ଅଧିକ ସୁସଙ୍ଗତ ଓ ବ୍ୟବସ୍ଥିତ ସମର୍ଥନ ପାଇଲେ, ସେମାନଙ୍କର ଲିଙ୍ଗଗତ ସମାନତା ଓ ବିକାଶରେ ଅଧିକ ପ୍ରଗତି ହୋଇଥିଲା। ସେହିପରି ଲାଇବେରିଆରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଲାଗି ରହିଥିବା ଗୃହଯୁଦ୍ଧର ଅବସାନ ପାଇଁ ୨୦୦୦ ଦଶନ୍ଧିର ପ୍ରାରମ୍ଭରେ ହୋଇଥିବା ବୁଝାମଣାରେ ମହିଳାଙ୍କୁ ସାମିଲ କରାଯାଇଥିଲା। ପରେ ରାଜନୀତିରେ ମହିଳାଙ୍କ ପ୍ରତିନିଧିତ୍ୱ କ୍ରମଶଃ ବୃଦ୍ଧି ପାଇଥିଲା। ଫଳରେ ୨୦୦୫ରେ ଲାଇବେରିଆରେ ଏଲେନ ଜନଶନ ସାର୍‌ଲିଫ୍ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ଓ ଆଫ୍ରିକାରେ ପ୍ରଥମ ମହିଳା ଭାବେ ଏହି ସଫଳତା ପାଇଥିଲେ। ଏହିସବୁ ଉଦାହରଣ ଏକ ସ୍ପଷ୍ଟ ବାର୍ତ୍ତା ଦିଏ ଯେ, ଯେକୌଣସି ଶାନ୍ତି ପ୍ରକ୍ରିୟାରେ ଆଲୋଚନା, ବୁଝାମଣା ଓ ଚୁକ୍ତି ସ୍ୱାକ୍ଷରଠାରୁ ଆରମ୍ଭ କରି ଯୁଦ୍ଧ ପରବର୍ତ୍ତୀ ସ୍ଥିରତା ଓ ପୁନର୍ଗଠନ ଯୋଜନା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମହିଳାଙ୍କୁ ସାମିଲ କରିବା ଉଚିତ। ସେମାନଙ୍କ ନିକଟରେ ସମସ୍ତ ଲାଭଭିତ୍ତିକ କାର୍ଯ୍ୟକ୍ରମ ଏବଂ ନିର୍ଦ୍ଦିଷ୍ଟ ଭାବେ ଲିଙ୍ଗଗତ ସମାଧାନ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ପହଞ୍ଚାଯିବା ଦରକାର।

ବ୍ୟାପକ ଦୃଷ୍ଟିରୁ ଦେଖିଲେ, ଶାନ୍ତି ପ୍ରକ୍ରିୟା ସ୍ପଷ୍ଟ ଭାବେ ମହିଳା ପ୍ରତିନିଧିତ୍ୱକୁ ସ୍ୱୀକୃତି ଦେବା ସହ ପ୍ରତ୍ୟକ୍ଷ ଭାବେ ପ୍ରୋତ୍ସାହିତ କରିବା ଦରକାର। ତେବେ ଉତ୍ତରଦାୟିତ୍ୱ କମାଇବା ଲାଗି ମହତ୍ତ୍ୱାକାଂକ୍ଷୀ ଭାଷା ଉପରେ ଭରସା କରାଯାଉଥିଲେ ମଧ୍ୟ ମହିଳାଙ୍କ ଆବଶ୍ୟକତା ଓ ଯୋଗଦାନକୁ ସ୍ୱୀକାର କରି ତା' ଉପରେ କିଛି ପଦକ୍ଷେପ ନ ନେବାର ହିଁ ମାନେ କିଛି ନାହିଁ। ବରଂ ଶାନ୍ତି ପ୍ରତିଷ୍ଠାରେ ତଥା ଯୁଦ୍ଧ ଉପରାନ୍ତ ଭବିଷ୍ୟତ ଗଢ଼ିବାରେ ମହିଳାଙ୍କ ପ୍ରତିନିଧିତ୍ୱକୁ ସମର୍ଥନ କରାଯିବା ଦରକାର। ଏଥିପାଇଁ ମହିଳାଙ୍କ ଅଧିକାର ବଜାୟ ରଖିବା ଓ ସବୁ ପ୍ରକାର ନୀତି ନିର୍ଦ୍ଧାରଣରେ ସେମାନଙ୍କ ଭାଗୀଦାରିକୁ ବଢ଼ାଇବା ଲାଗି ଦୃଢ଼ ତଥା ଲାଗୁହେବା ଯୋଗ୍ୟ ପଦକ୍ଷେପ ନିଆଯିବା ଆବଶ୍ୟକ।

**ସହ–ପ୍ରାଧ୍ୟାପିକା(ଅର୍ଥନୀତି), ପ୍ରିଟୋରିଆ ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଆଫ୍ରିକା**

# ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ



ଡି. ଶୁଭମ୍

ସାଧାରଣତଃ ମାଣ୍ଡିଆ ଏକ କ୍ଷୁଦ୍ର ଦାନାଯୁକ୍ତ, ଗରମ ଦିନିଆ ଫସଲ। ଏଥିରେ ଅଧିକ ପରିମାଣରେ ପ୍ରୋଟିନ୍, ଫାଇବର, ନିଆସିନ୍, ଥାଏମିନ୍, ରାଇବୋଫ୍ଲାବିନ୍, ମିଥିଓନାଇନ, ଲେସିଥିନ୍ ଓ ଭିଟାମିନ –ଇ ଥାଏ। ଏହା ବିଭିନ୍ନ ପ୍ରକାର ଖଣିଜ ଲବଣ ଯଥା ଆଇରନ୍, ମାଗ୍ନେସିୟମ, କ୍ୟାଲସିୟମ ଓ ପଟାସିୟମରେ ଭରପୂର ଥାଏ। ସମୟ ଥିଲା ଲୋକମାନେ ନିଜ ଫୁଡ୍ ମେନୁ ଅବା ଖାଦ୍ୟଥାଳିରେ ମାଣ୍ଡିଆକୁ ଗ୍ରହଣ କରୁ ନ ଥିଲେ। ବୋଧହୁଏ ଏ ଦିଗରେ ସେତେଟା ପ୍ରଚାର ପ୍ରସାର ହୋଇ ନ ଥିବାରୁ ଏହା ଲୋକମାନଙ୍କଠାରୁ ଦୂରରେ ଥିଲା। କିନ୍ତୁ ସମୟ ବଦଳିଛି। ଲୋକଙ୍କ ଖାଦ୍ୟଥାଳିରେ ମାଣ୍ଡିଆ ପରଷା ଯାଉଛି। ଏହା ହିଁ ତ ପରିବର୍ତ୍ତନ। ଆମ ରାଜ୍ୟ ଓଡ଼ିଶା ବି ଏବେ ମାଣ୍ଡିଆ ଉତ୍ପାଦନରେ ବେଶ୍ ଆଗରେ ଅଛି। ସୁଦୂର ସୁନ୍ଦରଗଡ଼ଠୁ ଆରମ୍ଭ କରି ସୀମାନ୍ତ ମୟୂରଭଞ୍ଜ ଯାଏ ସବୁଠି ଏବେ ମାଣ୍ଡିଆର ମହକରେ ମହକିତ ହେଉଛି।

ଦେଶୀମାଣ୍ଡିଆ କଥା କହିଲେ ଆମେ ସବୁବେଳେ କୋରାପୁଟର କଥା ପ୍ରଥମେ ଭାବିଥାଉ। ଦେଶୀ ବିହନ, ଦେଶୀଚାଷ ଏସବୁର ସଂଜ୍ଞା ଏବେ ବୁଝାଇବାର ଆବଶ୍ୟକତା ନାହିଁ। କିନ୍ତୁ ଯେଉଁ ଦେଶୀମାଣ୍ଡିଆ ପାଇଁ ଓଡ଼ିଶା ତା'ର ପରିଚୟ ବହନ କରିଥିଲା ଆମର ଉତ୍ତରଦାୟିତ୍ୱ ଦେଶୀମାଣ୍ଡିଆର ଉପଯୁକ୍ତ ସଂରକ୍ଷଣ। ତେବେ ଏ ଦିଗରେ କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକର ଗଠନ ଅପରିହାର୍ଯ୍ୟ। ଯାହାସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ଆବଶ୍ୟକତାକୁ ମେଣ୍ଟାଇବାରେ ସାହାଯ୍ୟ କରିପାରିବ। ଓଡ଼ିଶାରେ କାଳିଆ ମାଣ୍ଡିଆ, ବଡ଼ତାରା ମାଣ୍ଡିଆ, ଜାମମାଣ୍ଡିଆ ପରି ବିହନକୁ ନିଜେ ସଂରକ୍ଷଣ କରିବା ସହ ଚାଷୀମାନେ ଆଖପାଖର ଗାଁଲୋକମାନଙ୍କୁ ଚାଷକରିବାକୁ ଦେଇଥାନ୍ତି। ପ୍ରତିବଦଳରେ ଚାଷ ପରେ ସେହି ବିହନକୁ ପୁଣି ସେମାନେ ଦେଇଥିବା ଚାଷୀଙ୍କୁ ଫେରାଇଥାନ୍ତି। ସତରେ କେଡ଼େ ନିଆରା ପ୍ରୟାସ। ବାସ୍ତବରେ ଆମ ଦେଶୀବିହନ ଆଜି ବିଲାପ କରୁଛି। ଅନ୍ତର୍ଜାତୀୟ କୃଷିବିଜ୍ଞାନୀ ରୋନିଭେରୋନ କହିଥିଲେ, ଉତ୍ତମ ଗୁଣ ଥିବା ଦେଶୀବିହନଗୁଡ଼ିକ ଆମ ପରବର୍ତ୍ତୀ ପିଢ଼ିପାଇଁ ଏକ ଶୁଭସଙ୍କେତ। ଏ ଦିଗରେ କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ସ୍ୱରୂପ ଗଠନ ହେବା ଜରୁରୀ। କାରଣ ଏଥିରେ ଅନ୍ତର୍ଭୁକ୍ତ ଚାଷୀମାନେ ବିହନର ବିପଣନ, ଅମଳ, ସଂରକ୍ଷଣ ତଥା ଏହାର ଗୁଣାତ୍ମକ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥାନ୍ତି। ବିଶେଷକରି ଜଳବାୟୁର ଏହି ଅନିୟମିତତା ସମୟରେ ଏହି କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକର ଏକ ବଡ଼ ଭୂମିକା ରହିଥାଏ। ଏହା ମାଧ୍ୟମରେ ଚାଷୀମାନେ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତକରି ଏହାର ଉତ୍ପାଦନ ତଥା ବିକ୍ରୟ ଉପରେ ଗୁରୁତ୍ୱ ଦେଇଥାନ୍ତି। ଏହା ବ୍ୟତୀତ ଜାତୀୟସ୍ତରରେ 'ସିଡ୍ ଫର ନିଡ୍' ଉପରେ ଅନେକ ଗୁରୁତ୍ୱ ଦିଆଯାଇଛି। ଯାହା କୃଷିକ୍ଷେତ୍ରରେ ବିବିଧତାକୁ ରକ୍ଷାକରିବା ଦିଗରେ ମୁଖ୍ୟ ଭୂମିକା ନେଇଛି। ମୁଖ୍ୟତଃ ଏହି ପ୍ରୟାସଗୁଡ଼ିକ ଚାଷୀମାନଙ୍କୁ ଏକତ୍ରକରି ଏକ ମଧୁମୟ ଭବିଷ୍ୟତ ଗଠନ ସହ ଖାଦ୍ୟ ନିରାପତ୍ତାକୁ କିପରି ମୁକାବିଲା କରାଯାଇ ପାରିବ, ସେ ଦିଗରେ ପ୍ରବର୍ତ୍ତାଇଥାଏ। ଯାହା ସ୍ଥାନୀୟ ସ୍ତରରେ ଚାଷୀମାନଙ୍କ ମଧ୍ୟରେ ଏହି ଦେଶୀ ବିହନକୁ ନେଇ ସଚେତନତା ବୃଦ୍ଧିକରିଥାଏ। ଏହି କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକ ବିଗତ ୨୦ ବର୍ଷ ମଧ୍ୟରେ ଚାଷୀମାନଙ୍କ ଅଧିକାର ଉପରେ କାମକରୁଛି। ଏହି ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ ମାଧ୍ୟମରେ ଆମେ ଶ୍ରୀଅନ୍ନର ଅଧିକ ପ୍ରସାର କରିପାରିବା।

କେବଳ ପୁଷ୍ଟି ଶସ୍ୟରେ ସୀମିତ ନ ରହି ମାଣ୍ଡିଆ ଆଜି ଏକ ବିପ୍ଳବ ସୃଷ୍ଟିକରିଛି। ତେବେ କମ୍ୟୁନିଟି ସିଡ୍ ବ୍ୟାଙ୍କ ମାଧ୍ୟମରେ ଆମେ ଶ୍ରୀଅନ୍ନର ବିହନ ସଂରକ୍ଷଣ ଉପରେ ଅଧିକ ଧ୍ୟାନ ଦେଇପାରିବା। ଅନେକ ଚାଷୀ ଏବେ ମାଣ୍ଡିଆର ବିଭିନ୍ନ କିସମକୁ ସଂରକ୍ଷଣ କରିବା ଦିଗରେ ମଧ୍ୟ ଧ୍ୟାନ ଦେଉଛନ୍ତି। ଏପରିକି ଓଡ଼ିଶା ମାଣ୍ଡିଆର ଚାରୋଟି ଭୂପ୍ରଜାତି ଯଥା –କୁନ୍ଦ୍ରାବାଟି, ମାଲ୍ୟବନ୍ତ ମାମି, ଗୁପ୍ତେଶ୍ୱର ଭାରତୀ ଓ ଲକ୍ଷ୍ମୀପୁର କାଳିଆ ଜାରି କରିବାରେ ପ୍ରଥମ ରାଜ୍ୟ। କୃଷିଭିତ୍ତିକ ରାଜ୍ୟ ଓଡ଼ିଶାରେ ଏହି ବିହନ ବ୍ୟାଙ୍କଗୁଡ଼ିକର ଆବଶ୍ୟକତା ରହିଛି। ଅନେକ ବେସରକାରୀ ସଂସ୍ଥା ଏ ଦିଗରେ ନିଜର ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରୁଛନ୍ତି। କେବଳ ଜୈବକୃଷି ନାରା ଦେଇ ଆମେ ଚୁପ୍‌ରହିଲେ ହେବ ନାହିଁ ବରଂ ଏହାର ବାସ୍ତବତାକୁ ଉପଲବ୍ଧି କରିବା ସହ ଆମେ ବିଲୁପ୍ତହେବାକୁ ଯାଉଥିବା ଏହି ଦେଶୀ ବିହନଗୁଡ଼ିକର ସଂରକ୍ଷଣ ଦିଗରେ ଅଣ୍ଟାଭିଡ଼ିବା।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**
**ମୋ:୯୪୩୮୪୬୭୦୭୯**

## ଏଇ ଭାରତରେ

ମହାରାଷ୍ଟ୍ର ଠାଣେର ହେନିକ ଗାଲା ଓ ଶ୍ରେୟାସ ଜଲାପୁର ସ୍କୁଲରେ ପଢ଼ିବାବେଳେ ଜଣେ କବାଡିବାଲାଙ୍କ କାର୍ଯ୍ୟକୁ ଦେଖୁଥିଲେ। ଏହି ଦୁଇ ବନ୍ଧୁ ସ୍କୁଲ ଶିକ୍ଷା ଶେଷ କରି ଉଚ୍ଚଶିକ୍ଷା ଲାଭ କରିବା ପରେ କବାଡିବାଲାଙ୍କ କାମର ଗୁରୁତ୍ୱକୁ ଉପଲବ୍ଧି କରି ବର୍ଜ୍ୟ ସଂଗ୍ରହ ଓ ସେଗୁଡ଼ିକର ରିସାଇକ୍ଲିଂ କରୁଛନ୍ତି। ସେମାନେ 'ସ୍କ୍ରାପ୍ ଜି'ଷ୍ଟାର୍ଟଅପ ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଏହାକୁ ସେମାନେ ୨୦୨୩ରେ ପ୍ରତିଷ୍ଠା କରିଥିଲେ। ପ୍ରତି ମାସରେ ସେମାନେ ୧୦,୦୦୦ କେଜି ବର୍ଜ୍ୟ ରିସାଇକ୍ଲିଂ କରିବାକୁ ସକ୍ଷମ ହେଉଛନ୍ତି। ସେମାନଙ୍କ ସହ ଅନେକ ଯୁବକ ମଧ୍ୟ ଯୋଗଦେଇଛନ୍ତି । ମୁଖ୍ୟତଃ ଖବରକାଗଜ, ପ୍ଲାଷ୍ଟିକ, ଧାତବ ଓ ଇ ବର୍ଜ୍ୟ ଲୋକଙ୍କଠାରୁ ସଂଗ୍ରହ କରାଯାଉଛି। ଏବେ ସୁଦ୍ଧା ୨୦୦୦ରୁ ଊର୍ଦ୍ଧ୍ୱ ପରିବାରୁ ଏସବୁ ସଂଗ୍ରହ ହେଉଛି ଓ ସେମାନଙ୍କୁ ମଧ୍ୟ ଏବାବଦରେ ଟଙ୍କା ଦିଆଯାଉଛି। ୱେବ୍‌ସାଇଟ ଓ ହ୍ୱାଟ୍‌ସଆପ୍ ମାଧ୍ୟମରେ ଏହିସବୁ ପରିବାର ସହ ଯୋଗାଯୋଗ ରଖିଛନ୍ତି ଏବଂ ଠିକ୍ ସମୟରେ ଗାଡ଼ିରେ ପରିବାରଗୁଡ଼ିକରୁ ବର୍ଜ୍ୟ ଆଣିବାର ବ୍ୟବସ୍ଥା କରିବା ସହ ରିସାଇକ୍ଲିଂ ସେଣ୍ଟରକୁ ପଠାଯାଉଛି। ସ୍କ୍ରାପ ଜି' କାରବାର ଏବେ ୨୫ ଲକ୍ଷ ଟଙ୍କାକୁ ଟପିଗଲାଣି ଓ ୨୦୨୫ ସୁଦ୍ଧା ୧ କୋଟି ଟଙ୍କାରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି ଏହି ଦୁଇବନ୍ଧୁ।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ମେ ୧୯୭୬**

- ଯୌତୁକ ଦେବା କିମ୍ବା ଗ୍ରହଣ କରିବା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ପଞ୍ଜାବରେ ଆଇନ ପ୍ରଣୟନ କରାଯାଇଛି।
- ଭାରତର ପ୍ରଥମ ସମୁଦ୍ର ଶଯ୍ୟାସ୍ଥିତ ତୈଳ ଉତ୍ପାଦନ କେନ୍ଦ୍ର 'ବମ୍ବେ ହାଇ'ରୁ ବ୍ୟାବସାୟିକ ସୂତ୍ରରେ ତୈଳ ଉତ୍ପାଦନ କାର୍ଯ୍ୟ ଆରମ୍ଭ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 5 | | | | |
| 4 | | | 1 | | | | | 3 |
| | | 1 | | | | | | 2 |
| | | 5 | | | | | | |
| 2 | | | | | 3 | | 9 | |
| | | 3 | | 7 | | | 6 | |
| | 4 | | 8 | 1 | | | | |
| | | 8 | | | | 2 | 1 | |
| | 7 | | | | | 6 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 4 | 7 | 9 | 6 | 5 | 2 | 3 |
| 5 | 2 | 7 | 8 | 1 | 3 | 4 | 9 | 6 |
| 6 | 9 | 3 | 4 | 5 | 2 | 8 | 7 | 1 |
| 7 | 3 | 5 | 9 | 4 | 1 | 6 | 8 | 2 |
| 9 | 8 | 1 | 2 | 6 | 5 | 7 | 3 | 4 |
| 4 | 6 | 2 | 3 | 8 | 7 | 9 | 1 | 5 |
| 1 | 7 | 6 | 5 | 2 | 8 | 3 | 4 | 9 |
| 2 | 4 | 8 | 6 | 3 | 9 | 1 | 5 | 7 |
| 3 | 5 | 9 | 1 | 7 | 4 | 2 | 6 | 8 |

ଗତକାଲିର ଉତ୍ତର

# ଜଳସଙ୍କଟର ସମାଧାନ



ବରେଣ୍ୟ ଦାସ

ଜଳ ହେଉଛି ଜୀବନର ମୂଳାଧାର, କିନ୍ତୁ ଭାରତରେ ଜଳସଙ୍କଟ ଏକ ଗମ୍ଭୀର ଚ୍ୟାଲେଞ୍ଜ ଭାବେ ଉଭାହୋଇଛି। ନୀତି ଆୟୋଗର ୨୦୧୮ ରିପୋର୍ଟ ଅନୁସାରେ ଭାରତର ୬୦୦ ନିୟୁତ (୪୫% ଜନସଂଖ୍ୟା) ଲୋକ ଅତି ଗମ୍ଭୀର ଜଳସଙ୍କଟର ସମ୍ମୁଖୀନ ହେଉଛନ୍ତି। ୨୦୩୦ ସୁଦ୍ଧା ଦେଶର ଜଳ ଚାହିଦା ଉପଲବ୍ଧ ଜଳର ଦୁଇଗୁଣ ହେବ ବୋଲି ଆକଳନ କରାଯାଇଛି। ଭାରତ ବିଶ୍ୱ ଜନସଂଖ୍ୟାର ୧୮% ଅଧିକାର କରୁଥିବା ସତ୍ତ୍ୱେ, ମାତ୍ର ୪% ମଧୁର ଜଳସମ୍ପଦ ରହିଛି। ଜଣେ ବ୍ୟକ୍ତିଙ୍କ ପାଇଁ ଜଳ ଉପଲବ୍ଧତା ୧୧୦୦ଘନମିଟର, ଯାହା ଜଳ ଅଭାବର ଅନ୍ତର୍ଜାତୀୟ ସୀମା (୧୭୦୦ଘନମିଟର)ଠାରୁ କମ୍। ମୌସୁମୀ ବର୍ଷାରେ ଅସମତା ଏହି ସମସ୍ୟାକୁ ଜଟିଳ କରୁଛି। ଉଦାହରଣ ସ୍ୱରୂପ, ୨୦୧୯ରେ ମହାରାଷ୍ଟ୍ର, ତାମିଲନାଡୁ ଓ କର୍ଣ୍ଣାଟକ ଭଳି ରାଜ୍ୟଗୁଡ଼ିକ କମିଥିଲା, ଯାହା ପାଇଁ ଜଳାଶୟଗୁଡ଼ିକ ହ୍ରାସ ପାଇଥିଲା। ଭାରତର ୮୫% ପାନୀୟ ଓ କୃଷି ଜଳ ଭୂମିଗତ ଜଳ ଉପରେ ନିର୍ଭର କରେ। କେନ୍ଦ୍ରୀୟ ଭୂମିଗତ ଜଳ ବୋର୍ଡ (ସିଜିଡବ୍ଲ୍ୟୁବି)ଅନୁସାରେ ୧୪୬୦ବ୍ଲକ ମଧ୍ୟରୁ ୨୫୬ଟିରେ ଜଳସ୍ତର 'ଗମ୍ଭୀର' ବା 'ଅତ୍ୟଧିକ ଶୋଷିତ' ଶ୍ରେଣୀରେ। ପଞ୍ଜାବରେ ୭୯% ଓ ହରିୟାଣାରେ ୬୧% ଭୂମିଗତ ଜଳ ଅଞ୍ଚଳ ଅତ୍ୟଧିକ ଶୋଷିତ। ବିଶ୍ୱବ୍ୟାଙ୍କର ୨୦୧୮ରିପୋର୍ଟ ଅନୁସାରେ ଭାରତ ବାର୍ଷିକ୨୫୧ବିଲିୟନ ଘନମିଟର ଭୂମିଗତ ଜଳ ଉତ୍ତୋଳନ କରୁଛି, ଯାହା ବିଶ୍ୱର ସର୍ବାଧିକ।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁସାରେ, ଭାରତର ୭୦% ଉପରିସ୍ଥ ଜଳ ପ୍ରଦୂଷିତ। ଗଙ୍ଗାନଦୀରେ ୨୭୫ ସହରରୁ ୬୦୦୦କୋଟି ଲିଟର ଜଳ ନିଷ୍କାସନ ହେଉଛି, ଯାହାର ୮୦% ଅଶୋଧିତ। ଏହା ସହ କୃଷିରେ ବ୍ୟବହୃତ ରାସାୟନିକ ସାର ଓ କୀଟନାଶକ ଯୋଗୁ ୩୦% ଭୂମିଗତ ଜଳ ଆର୍ସେନିକ, ଫ୍ଲୋରାଇଡ ଓ ନାଇଟ୍ରେଟ୍‌ଦ୍ୱାରା ଦୂଷିତ। ଏହା ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟିକରୁଛି, ଯେଉଁଠାରେ ପ୍ରତିବର୍ଷ ୧.୫ ନିୟୁତ ଶିଶୁ ଅପରିଷ୍କାର ଜଳଜନିତ ରୋଗରେ ମୃତ୍ୟୁବରଣ କରୁଛନ୍ତି। କୃଷିକ୍ଷେତ୍ର ଭାରତର ୮୫% ମଧୁରଜଳ ବ୍ୟବହାର କରୁଛି, କିନ୍ତୁ ଅତ୍ୟଧିକ ଜଳସେଚନ ଯୋଗୁ ୬୫% ଜଳନଷ୍ଟ ହେଉଛି। ସହରୀ ଜଳବଣ୍ଟନରେ ଲିକେଜ ଯୋଗୁ ମୁମ୍ବାଇରେ ୩୫% ଓ ଦିଲ୍ଲୀରେ ୪୦% ଜଳ ନଷ୍ଟ ହେଉଛି। ଏହା ସହିତ, ଜଳସଂରକ୍ଷଣ ପାଇଁ ଅପର୍ଯ୍ୟାପ୍ତ ନିବେଶ ଓ ଅବ୍ୟବସ୍ଥାପନା ସଙ୍କଟକୁ ବୃଦ୍ଧିକରୁଛି।

ଜଳସଙ୍କଟ ମହିଳା ଓ ଶିଶୁମାନଙ୍କୁ ଅଧିକ ପ୍ରଭାବିତ କରୁଛି। ଗ୍ରାମାଞ୍ଚଳରେ ମହିଳାମାନେ ଦୈନିକ ୩–୪ଘଣ୍ଟା ପାଣି ଆଣିବାରେ ବ୍ୟୟ କରନ୍ତି, ଯାହା ସେମାନଙ୍କ ଶିକ୍ଷା ଓ ରୋଜଗାର ସୁଯୋଗକୁ ସୀମିତ କରୁଛି ଓ ଅର୍ଥନୀତିରେ୧.୫% ଜିଡିପି ହ୍ରାସ ଘଟାଉଛି। ଅପରିଷ୍କାର ଜଳ ଯୋଗୁ ପ୍ରତିବର୍ଷ ୪ଲକ୍ଷ ଲୋକ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଜଳ ସଙ୍କଟର ମୂଳ କାରଣଗୁଡ଼ିକ ଶିଳ୍ପାୟନ, ସହରୀକରଣ, ଜଳବାୟୁ ପରିବର୍ତ୍ତନ ଓ ନୀତିଗତ ଅସଙ୍ଗତି। ଭାରତର ଜନସଂଖ୍ୟା ୧୯୫୧ରେ ୩୬ କୋଟି ଥିବାବେଳେ ୨୦୨୫ରେ ୧୪୦କୋଟି ଅତିକ୍ରମ କରିଛି, ଯାହା ଜଳ ଚାହିଦାକୁ ୩୦୦% ବୃଦ୍ଧିକରିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ମୌସୁମୀ ବର୍ଷାରେ୧୫–୨୦% ଅନିୟମିତତା ଦେଖାଦେଇଛି, ଯାହା ଜଳାଶୟ ଓ ନଦୀଗୁଡ଼ିକୁ ହ୍ରାସକରିଛି। ଉଦାହରଣ ସ୍ୱରୂପ ୨୦୧୯ରେ ଚେନ୍ନାଇରେ ଜଳସଙ୍କଟ ଏତେ ଗମ୍ଭୀର



ହୋଇଥିଲା ଯେ ୨୦୦କିଲୋମିଟର ଦୂରରୁ ଟ୍ରେନ୍ ଯୋଗେ ୧୦ନିୟୁତ ଲିଟର ଜଳ ଆଣିବାକୁ ପଡ଼େ।

ଭାରତରେ ଜଳସଙ୍କଟ ନିରାକରଣ ପାଇଁ ପରିମାଣଗତ ଓ ବାସ୍ତବ ସମ୍ମତ ସମାଧାନ ଆବଶ୍ୟକ। ଏକ ସମନ୍ୱିତ ପଦକ୍ଷେପ ମାଧ୍ୟମରେ ଏହି ସଙ୍କଟକୁ ୨୦୩୦ ସୁଦ୍ଧା ୫୦% ହ୍ରାସ କରାଯାଇ ପାରେ। ବର୍ଷାଜଳ ସଂଗ୍ରହ ଓ ଭୂମିଗତ ଜଳ ରିଚାର୍ଜ ଉପରେ ଗୁରୁତ୍ୱଦେବା ଆବଶ୍ୟକ। ଉଦାହରଣ ସ୍ୱରୂପ ମହାରାଷ୍ଟ୍ରର ଜଳଯୁକ୍ତ ଶିବାର ପ୍ରକଳ୍ପ ୨୦୧୬–୨୦୨୦ ମଧ୍ୟରେ ୨୨,୦୦୦ ଗ୍ରାମରେ ୫୦,୦୦୦ ଜଳସଂରକ୍ଷଣ ଷ୍ଟ୍ରକଚର ନିର୍ମାଣ କରି ଭୂମିଗତ ଜଳସ୍ତର ୧.୫ ମିଟର ବୃଦ୍ଧି କରିଛି। ଏହି ମଡେଲକୁ ଦେଶବ୍ୟାପୀ ୫୦୦,୦୦୦ ଷ୍ଟ୍ରକଚର ନିର୍ମାଣ କରି ବାର୍ଷିକ ୧୦୦ ବିଲିୟନ ଘନମିଟର (ବିସିଏମ୍) ଜଳ ସଂରକ୍ଷଣ କରାଯାଇ ପାରିବ।

କୃଷିକ୍ଷେତ୍ରରେ ଜଳସେଚନ ଦକ୍ଷତା ବୃଦ୍ଧି କରାଯାଇପାରେ। ୨୦୨୮ ସୁଦ୍ଧା କୃଷିଜଳ ବ୍ୟବହାର ୪୦% ହ୍ରାସକରି ୧୫୦ ବିସିଏମ୍ ଜଳ ସଂରକ୍ଷଣ କରାଯାଇପାରିବ। ଏଥିପାଇଁ ଡ୍ରିପ ଓ ସ୍ପ୍ରିଙ୍କଲର ଜଳସେଚନକୁ ୫୦% କୃଷକଙ୍କ ମଧ୍ୟରେ ପ୍ରୋତ୍ସାହିତ କରାଯାଇପାରିବ। ଉଦାହରଣ ସ୍ୱରୂପ ଗୁଜରାଟରେ ଡ୍ରିପ ଜଳସେଚନ ୩୦% ଜଳ ସଂରକ୍ଷଣ କରିଛି ଓ ଫସଲ ଉତ୍ପାଦନ ୨୦% ବୃଦ୍ଧି କରିଛି।

ଜଳପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ପ୍ରତି ସହରରେ ଅପଶିଷ୍ଟ ଜଳଶୋଧନ ପ୍ଲାଣ୍ଟ (ଏସ୍‌ଟିପି) ସ୍ଥାପନ କରାଯାଇପାରେ। ଯେମିତି ସୁରଟରେ ୧୧୫ଟି ଏସ୍‌ଟିପ ୨୦୨୦ରେ ୩୦% ଅପଶିଷ୍ଟ ଜଳ ପୁନଃବ୍ୟବହାର କରିଛି। ଦେଶବ୍ୟାପୀ ୫୦୦୦ ଏସ୍‌ଟିପି ସ୍ଥାପନ କରି ବାର୍ଷିକ ୧୮,୨୫୦ ନିୟୁତ ଲିଟର ଜଳ ପୁନଃ ବ୍ୟବହାର କରାଯାଇପାରେ। ଏହା ସହିତ, ଶିଳ୍ପପାଇଁ 'ଜିରୋଲିକ୍ୱିଡ ଡିସ୍‌ଚାର୍ଜ' ନୀତି କଠୋର କାର୍ଯ୍ୟକାରୀ କରିବା ଆବଶ୍ୟକ।

ସହରୀ ଜଳବଣ୍ଟନ ବ୍ୟବସ୍ଥାରେ ଉନ୍ନତି କରିବା ଆବଶ୍ୟକ। ୨୦୨୮ ସୁଦ୍ଧା ସହରୀ ଜଳ ଲିକେଜ ୧୫%କୁ ହ୍ରାସ କରି ୨୦ ବିସିଏମ୍ ଜଳ ସଂରକ୍ଷଣ କରାଯାଇପାରିବ। ସ୍ମାର୍ଟମିଟରିଂ ଓ ପାଇପଲାଇନ ମରାମତି ମାଧ୍ୟମରେ ଜଳବଣ୍ଟନ ଦକ୍ଷତା ବୃଦ୍ଧି କରାଯାଇପାରେ। ବେଙ୍ଗାଲୁରୁରେ ସ୍ମାର୍ଟମିଟରିଂ ମାଧ୍ୟମରେ୧୫% ଜଳ ନଷ୍ଟ ହ୍ରାସ କରାଯାଇଛି।

ସାମୁଦାୟିକ ଅଂଶଗ୍ରହଣ ଓ ସଚେତନତାକୁ ପ୍ରୋତ୍ସାହନ ଆଉ ଗୋଟିଏ ଉପାୟ। ୨୦୩୦ ସୁଦ୍ଧା ୭୫% ଗ୍ରାମପଞ୍ଚାୟତରେ ଜଳ ସଂରକ୍ଷଣ କମିଟି ଗଠନ କରାଯାଇପାରେ। ସ୍ଥାନୀୟ ସ୍ତରରେ ଜଳ ବ୍ୟବସ୍ଥାପନା ପାଇଁ ଗ୍ରାମବାସୀଙ୍କୁ ଟ୍ରେନିଂ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରେ। ଯେମିତି ରାଜସ୍ଥାନର ତରୁଣ ଭାରତ ସଙ୍ଗଠନ ୧୦୦୦ ଗ୍ରାମରେ ଜଳସଂରକ୍ଷଣ କମିଟି ଗଠନ କରି ୨୫% ଜଳ ବ୍ୟବହାର ହ୍ରାସ କରିଛି।

ଭାରତର ଜଳସଙ୍କଟ ଏକ ବହୁମୁଖୀ ସମସ୍ୟା, ଯାହା ଦେଶର ସ୍ଥାୟୀ ଉନ୍ନୟନକୁ ବାଧା ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ସରକାର, ସମାଜ ଓ ବ୍ୟକ୍ତିଗତ ସ୍ତରରେ ଦୃଢ଼ ପ୍ରତିବଦ୍ଧତା ଆବଶ୍ୟକ। ନୀତିଗତ ସଂସ୍କାର, ପ୍ରଯୁକ୍ତିଗତ ନବୋନ୍ମେଷ ଓ ସାମୁଦାୟିକ ସହଯୋଗ ମାଧ୍ୟମରେ ଜଳ ସମ୍ପଦର ଠିକ ବ୍ୟବହାର ଓ ସୁରକ୍ଷା ସମ୍ଭବ। ଏକ ସମୃଦ୍ଧ ଓ ସୁସ୍ଥ ଭାରତ ଗଠନ ପାଇଁ ଜଳ ସଙ୍କଟର ନିରାକରଣ ଅତ୍ୟନ୍ତ ଜରୁରୀ। ସମୟୋଚିତ ଓ ସମନ୍ୱିତ ପ୍ରୟାସ ଦ୍ୱାରା ଆମେ ଆଗାମୀ ପିଢ଼ି ପାଇଁ ଜଳ–ସୁରକ୍ଷିତ ଭବିଷ୍ୟତ ନିଶ୍ଚିତ କରିପାରିବା।

**କୋଲକାତା**
**ମୋ: ୮୩୩୫୯୪୯୪୭୭**

## ଚିରନ୍ତନୀ

ଜୀବନର ଭାବନାରେ
ବହିଯାଏ ମୋର ପ୍ରତିକ୍ଷଣ,
ନାହିଁ ବେଳ କରିବାକୁ
ମୁକ୍ତି ଅବା ମୃତ୍ୟୁର ଚିନ୍ତନ।
–(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଛ ବଞ୍ଚାଯାଉ

ମହାଶୟ,

ବିଏମ୍‌ସି ଅଧୀନରେ ଥିବା କାର୍‌ଗିଲ ରୋଡ୍ ଓ ପୋଖରୀପୁଟ ଛକଠାରୁ ମଧୁସୂଦନ ପାର୍କ ପର୍ଯ୍ୟନ୍ତ ଜଳ ନିଷ୍କାସନ ନିମିତ୍ତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଆଳରେ ପାର୍କ ପାର୍ଶ୍ୱରେ ଥିବା ଶହ ଶହ ଗଛ କଟାଯାଉଛି। ଫଳରେ ରାସ୍ତା ପାର୍ଶ୍ୱରେ ଥିବା ଗଛ ଶୂନ୍ୟ ହୋଇଯିବ। ଗଛ ବଞ୍ଚାଇବା ପାଇଁ ଉଦ୍ୟମ ହେବା ଉଚିତ। ଗଛକୁ ଛାଡ଼ି ନିକଟସ୍ଥ ଫୁଟ୍‌ପାଥ୍‌ରେ ଡ୍ରେନ୍ ନିର୍ମାଣ କରାଗଲେ କିଛି ଅସୁବିଧା ହେବନାହିଁ। ବିଡିଏ ବୃକ୍ଷ ରୋପଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଡ୍ରେନ୍ ନିର୍ମାଣ ଆଳରେ ବୃକ୍ଷ କାଟିବା କାହା ସ୍ୱାର୍ଥରେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଗଛ ବଞ୍ଚାଇବା ସଙ୍ଗେ ସଙ୍ଗେ ଡ୍ରେନ୍ ନିର୍ମାଣ କଲେ ଜନସାଧାରଣ ଉପକୃତ ହେବେ।

**–ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜେସିବିକୁ ଧକ୍କାଦେଲା ଅଗ୍ନିଶମ ଗାଡ଼ି

**ଉଚ୍ଛେଦରେ ଭାକ୍ୟୁମ ବ୍ରେକ୍ ଅକାମୀ**

ନନ୍ଦପୁର,୨୨।୫(ତୁଷାର କାନ୍ତ ମହାନ୍ତି)

ନନ୍ଦପୁର ତହସିଲ ପକ୍ଷରୁ ବ୍ଲକ ସଦର ମହକୁମାରେ ଜବରଦଖଲ ଉଚ୍ଛେଦ ବେଳେ ଏଥିରେ ନିଯୁକ୍ତ ଅଗ୍ନିଶମ ବାହିନୀ ଗାଡ଼ିର ଭାକ୍ୟୁମ୍ ବ୍ରେକ କାମ ନ କରିବାରୁ ଜେସିବିକୁ ଧକ୍କା ଦେଇଥିଲା। ଏଥିରେ କାହାର କୌଣସି କ୍ଷତି ହୋଇ ନ ଥିବା ଜଣାପଡ଼ିଛି। କିନ୍ତୁ ଅଗ୍ନିଶମ ବାହିନୀର ଗାଡ଼ି (ଓଡି-୩୩-ସି-୧୯୭୭) ସମ୍ମୁଖ ପଟୁ ସାମାନ୍ୟ କ୍ଷତି ହୋଇଛି। ଜରୁରୀକାଳୀନ ସେବା ଯୋଗାଇ ଦେଉଥିବା ଗାଡ଼ିଗୁଡ଼ିକର ଏଭଳି ଦୁର୍ବଳ ସ୍ଥିତି ଦେଖି ଅସନ୍ତୋଷ ପ୍ରକାଶ ପାଇଛି। ଅଗ୍ନିଶମ ବାହିନୀ ବ୍ଲକର ୨୩ ପଞ୍ଚାୟତ ସମେତ ଲମତାପୁଟ ବ୍ଲକର ୪ ପଞ୍ଚାୟତ ଓ ସେମିଳିଗୁଡାର ୪ ପଞ୍ଚାୟତବାସୀଙ୍କୁ ଜରୁରୀ ସହାୟତା ଯୋଗାଇ ଦେଉଛି। ତୁରନ୍ତ ରାଜ୍ୟ ଓ ଜିଲା ପ୍ରଶାସନ ଏହି ସରକାରୀ ଜରୁରୀ ସେବା ଯୋଗାଉଥିବା ଗାଡ଼ିଗୁଡ଼ିକ ଚିହ୍ନଟ କରି ମରାମତି କରିବାକୁ ଅନୁରୋଧ କରିଛନ୍ତି।

### ମାଥାଲପୁଟରେ ଦୃଷ୍ଟିକେନ୍ଦ୍ର ଉଦ୍‌ଘାଟିତ

ଦାମନଯୋଡ଼ି,୨୨।୫(ମାନସ ରଞ୍ଜନ କର)

ଦାମନଯୋଡ଼ି ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚକ୍ଷୁ ବହିଃ ବିଭାଗ ପାଇଁ ନିର୍ମିତ ନୂତନ ଦୃଷ୍ଟିକେନ୍ଦ୍ର ଗୃହ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ ସ୍ୱାସ୍ଥ୍ୟକେନ୍ଦ୍ର ବହିଃ ବିଭାଗ ପରିସରରେ ଚକ୍ଷୁ ପରୀକ୍ଷା ହେଉଥିଲା। ରାଜ୍ୟ ସରକାରଙ୍କ ସୁନେତ୍ର ଯୋଜନାରେ ଦେଢ଼ ବର୍ଷ ତଳେ ଏହି ନୂତନ ଗୃହ ନିର୍ମାଣ ଆରମ୍ଭ ହୋଇଥିଲା। ଏହି କୋଠାକୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସୁମନ କୁମାର ଟପ୍ପୋ ଉଦ୍‌ଘାଟନ କରିଥିଲେ। ଏଥିରେ ଡ.ଶିବପ୍ରସାଦ ସାହୁ,ଡ. ସମ୍ମିତ କୁମାର ବଳ, ବିପିଏମ୍ ନୂତନ ସିଂହ, ପିଏଚ୍‌ଇଓ ବିଜୟ ଖିଲ,ସୁପରଭାଇଜର ମକର ଜାନି,ଏନସିଡି କାଉନସେଲର ତାପସୀ ଜେନା,ଫାର୍ମାସିଷ୍ଟ ଅଧିକାରୀ ଗଣେଶ ବେହେରା,ଏଲ୍‌ଟି ସୁକେତ ବିଷୋୟୀ ଓ ପୂଜା ଖଟେଇ,ସିଏଚ୍‌ଓ ଅବିନାଶ ଦାସ,ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ଭଞ୍ଜ ଓ ମାନସ ସ୍ୱାଇଁ,ଏମ୍‌ଆର୍‌ଏ ଗୌରୀଶଙ୍କର ସାଉନ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଚକ୍ଷୁ ଚିକିତ୍ସା ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଆମ୍ବୁଲାନ୍ସ ଲୋକାର୍ପଣ କଲେ ବିଧାୟକ

ଜୟପୁର,୨୨।୫(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ ଅନ୍ତର୍ଗତ ରାବଣାଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଆମ୍ବୁଲାନ୍ସ ଲୋକାର୍ପଣ ହୋଇଯାଇଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନିପତି ପତକା ଦେଖାଇ ଲୋକାର୍ପଣ କରିଛନ୍ତି। ଏଥିରେ ରାବଣାଗୁଡା ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରି ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ଆମ୍ବୁଲାନ୍ସ ଲୋକାର୍ପଣ ହେବା ପରେ ଲୋକେ ଉପକୃତ ହୋଇପାରିବେ ବୋଲି ବିଧାୟକ ବାହିନିପତି କହିଛନ୍ତି।

### ଫୁଟ୍‌ବଲ ଖେଳାଳି ଚୟନ ଶିବିର

ଜୟପୁର,୨୨।୫(ପବନ ପାଣିଗ୍ରାହୀ)

ରାଜସ୍ଥାନ ଉଦୟପୁରର ଜିଙ୍କ୍ ଫୁଟ୍‌ବଲ ଏକାଡେମୀ ପାଇଁ ଜୟପୁରରେ ଏକ ଖେଳାଳି ଚୟନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶେଷ ପର୍ଯ୍ୟାୟରେ ମନୋନୀତ ଖେଳାଳି ଏକାଡେମୀରେ ପ୍ରଶିକ୍ଷଣ ଗ୍ରହଣ କରିବା ସୁଯୋଗ ପାଇବେ। ସେମାନଙ୍କ ପାଇଁ ଅଧ୍ୟୟନ, ପ୍ରଶିକ୍ଷଣ, ରହିବା ଓ ଖାଇବା ବ୍ୟବସ୍ଥା କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି। ଶିବିରରେ ବିଭିନ୍ନ ଜିଲାର ଖେଳାଳି ଅଂଶ ଗ୍ରହଣ କରିଥିଲେ। ଏଥିରେ ବାଳିକା ବର୍ଗରେ ୧୫ବର୍ଷ, ବାଳକ ବର୍ଗରେ ୧୭ବର୍ଷରୁ କମ୍ ବୟସର ଖେଳାଳି ଯୋଗଦେଇଥିଲେ। ୧୦୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୩୦ ବାଳିକା ଓ ୭୦ ବାଳକ ଥିଲେ। ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଏହାର ଫଳାଫଳ ଏକାଡେମୀ ପକ୍ଷରୁ ପରେ ପ୍ରକାଶ କରାଯିବ ବୋଲି ମୁଖ୍ୟ ବୈଷୟିକ ନିର୍ଦ୍ଦେଶକ ତରୁଣ ରାୟ ଓ ପରିଚାଳକ କେ. ରାମ ସୁବ୍ରମନିୟମ ରାଓ କହିଥିଲେ। ସମ୍ପାଦକ ରବି ନାୟକ, ସଞ୍ଜୟ କୁମାର ଜେନା, ଉମେଶ ଓମ୍‌କାର ଓ ଶାନ୍ତନୁ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରାଜସ୍ୱ ଆଦାୟ ପାଇଁ ହେବ ଟେଣ୍ଡର

**ପୌର ପରିଷଦର ସାଧାରଣ ବୈଠକ**

ଜୟପୁର,୨୨।୫(ପବନ ପାଣିଗ୍ରାହୀ)



ବୈଠକରେ ଉପସ୍ଥିତ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଓ ଅନ୍ୟ ଅଧିକାରୀମାନେ।

ଜୟପୁର ପୌର ସଭାଗୃହରେ ପୌର ପରିଷଦର ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଏମ୍‌ପି ପ୍ରତିନିଧି ହସନ ମଦାନି, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ଜୟପୁର ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆକାବରମ ଶସ୍ୟା ରେଡ୍ଡୀ, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ ଓ ପୌର ଯନ୍ତ୍ରୀ ଅଜୟ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଏମ୍‌ଜି ରୋଡ୍ କାର୍ଯ୍ୟ ଚାଲିଥିବା ବେଳେ ବର୍ଷା ପୂର୍ବରୁ କାର୍ଯ୍ୟ ଶେଷ କରିବାକୁ ଠିକାଦାରକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ୟାଟେରି ଗାଡ଼ି ଖରାପ ରହିଛି। ଅତିରିକ୍ତ ୧୫ଟି ଗାଡ଼ି କାମରେ ଲଗାଯାଇଛି। ସହରରେ ଥିବା ପାର୍କଗୁଡ଼ିକର ପରିଚାଳନା ସହ ରାଜସ୍ୱ ଆଦାୟ ପାଇଁ ଟେଣ୍ଡର ଆହ୍ୱାନ କରାଯିବ। ପୁରୁଣା ତହସିଲ ଅଫିସ ନିକଟରେ ଥିବା ଷ୍ଟଲ୍‌କୁ ଭଙ୍ଗାଯାଇ ଶପିଂ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଜୟପୁର ପୌରପାଳିକାର କୋଠା ୫୦ବର୍ଷ ପୁରୁଣା ହୋଇଥିବାରୁ ନୂତନ କୋଠା ନିର୍ମାଣ ପାଇଁ ଏକ ଡିପିଆର୍ ପ୍ରସ୍ତୁତ କରାଯାଇ ସରକାରଙ୍କ ନିକଟକୁ ପଠାଯିବା ନେଇ ନିଷ୍ପତ୍ତି ହୋଇଛି। ବର୍ଷାଦିନକୁ ଦୃଷ୍ଟିରେ ରଖି ସହରର ସମସ୍ତ ନାଳ ସଫା କରାଯାଉଛି। ସହରରେ ଥିବା ଗୋଷ୍ଠୀ କେନ୍ଦ୍ର ଓ କ୍ଲବ୍‌କୁ ଚିହ୍ନଟକରି ପରିଚାଳନା ଓ ରାଜସ୍ୱ ଆଦାୟ ପାଇଁ ଟେଣ୍ଡର କରାଯିବ। ପୌରପାଳିକାର ଷ୍ଟଲ ଭଡ଼ାରେ ନେଇଥିବା ମାଲିକମାନଙ୍କ ଷ୍ଟଲ୍‌କୁ ଜବତ କରାଯିବ। ସହର ରାସ୍ତା, ନାଳ ନିର୍ମାଣ ପାଇଁ ଠିକା ନେଇଥିବା ଠିକାଦାରମାନେ କାମ କରୁ ନ ଥିବାରୁ ସେମାନଙ୍କୁ କଳା ତାଲିକାଭୁକ୍ତ କରିବା ନେଇ ନୂତନ ଟେଣ୍ଡର କରାଯିବ। ମୁଖ୍ୟ ରାସ୍ତାରେ ଥିବା ସିଡିଏମ୍‌ଓଙ୍କ ପୁରୁଣା କୋଠାକୁ ଭଙ୍ଗାଯାଇ ସେଠାରେ ଶପିଂ କମ୍ପ୍ଲେକ୍ସ କରାଯିବା ନିଷ୍ପତ୍ତି ହୋଇଛି। ୨୩ ନମ୍ବର ଓାର୍ଡ ପୁରୁଣା କୋଠାକୁ ମରାମତି କରାଯାଇ ଗୋପବନ୍ଧୁ ଦାସଙ୍କ ସ୍ମୃତି ସଦନ କରାଯିବ। ବିକ୍ରମ ନଗର ଦ୍ୱିତୀୟ ଲାଇନଠାରୁ ପୁରଣା ଲକ୍ଷ୍ମୀ ଟକିଜ୍‌ର ସରକାରୀ ଜାଗାରେ ଜବରଦଖଲ ଉଚ୍ଛେଦ କରାଇ ଖାଓ ଗଲି ନିର୍ମାଣ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି।

## ଗ୍ରାମାଞ୍ଚଳରେ ପହଞ୍ଚିଲା ସରକାରଙ୍କ ଲୋକାଭିମୁଖୀ ଯୋଜନା


ଏମ୍‌ପି, ବିଧାୟକଙ୍କ ପ୍ରତିନିଧି ହାଇମାକ୍ସ ଉଦ୍‌ଘାଟନ କରୁଛନ୍ତି ।

କୁନ୍ଦୁରା,୨୨।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରାରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ ହୋଇଛି। କୁନ୍ଦୁରା ବ୍ଲକ ଅଧୀନ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ପାନୀୟ ଜଳ ସମସ୍ୟା, ବିଦ୍ୟୁତ, ରାସ୍ତା ଘାଟ ସମସ୍ୟା ଥିବା ବେଳେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। କୋଟପାଡ଼ ବିଧାୟକ ରୂପୁ ଭତ୍ରା ଓ ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀଙ୍କ ନିକଟରେ ଅଭିଯୋଗ ହେବା ପରେ ଜିଲା ଏବଂ ବ୍ଲକ ପ୍ରଶାସନକୁ ସମସ୍ୟା ସମାଧାନ ନେଇ ନିର୍ଦ୍ଦେଶ ଦେଇଥିଲେ। ଏକ ସପ୍ତାହ ମଧ୍ୟରେ କେରିମିଟି ପଞ୍ଚାୟତର କୋଲାବ ନଦୀ ଅବବାହିକାରେ ଥିବା ତୁମ୍ବାପଦର ଗାଁରେ ଦୀର୍ଘ ବର୍ଷ ପରେ ପାନୀୟ ଜଳ ସମସ୍ୟା ସମାଧାନ ହୋଇପାରିଛି। ଲୋକେ ନଦୀ ପାଣିକୁ ବ୍ୟବହାର କରୁଥିବା ନେଇ ଧରିତ୍ରୀରେ ଖବର ପ୍ରକାଶିତ ହୋଇଥିଲା। କେରିମିଟି ପଞ୍ଚାୟତ ଜବାପଦାରଠାରୁ ତୁମ୍ବାପଦର ମଧ୍ୟରେ ରାସ୍ତା ନ ଥିବାରୁ ଯାନବାହନ ଯାତାୟାତ ହେଉନଥିଲା। ଲୋକଙ୍କୁ ଚାଲି ଚାଲି ଯିବାକୁ ପଡୁଥିଲା। ସେହିପରି କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜସ୍ୱ ଆମ୍ବୁଲାନ୍ସ ନ ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ବିଧାୟକ ଓ ଏମପିଙ୍କ ନିକଟରେ ଅଭିଯୋଗ ହେବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅତ୍ୟାଧୁନିକ ସେବା ଥିବା ଏକ ଆମ୍ବୁଲାନ୍ସ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳରେ ଉନ୍ନତମାନର ହାଇମାସ୍କ ଲାଇଟ ସେବା ଯୋଗାଇ ଦେବା ଆରମ୍ଭ ହୋଇଛି। ପ୍ରଥମେ କୁନ୍ଦୁରା ବ୍ଲକ ସଦର ମହକୁମାସ୍ଥିତ ଜଗନ୍ନାଥ ମନ୍ଦିରରେ ହାଇମାସ୍କ ଲାଇଟ ଲାଗିଥିଲା। କୁନ୍ଦୁରା ଜିରାଗୁଡା ଛକ, ଡ଼ଙ୍ଗର ପାଉଁଶି ପଞ୍ଚାୟତ ସମ୍ମୁଖରେ ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ଆଚାର୍ଯ୍ୟ, ଏମପି ପ୍ରତିନିଧି ଅମ୍ବୁ ପାତ୍ର, କୁନ୍ଦୁରା ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀ,ପୂର୍ବତନ ବ୍ଲକ ସଭାପତି ବିଜୟ ପଣ୍ଡା,ରାଜ୍ୟ ସଂଗଠନ ସଭ୍ୟ ଉପେନ୍ଦ୍ର ଭଙ୍ଗ, ତୁଷାର ଭଙ୍ଗ ଓ ଲଛମନ ଭତ୍ରାଙ୍କ ଉପସ୍ଥିତିରେ ହାଇମାସ୍କ ଲାଗିଛି।

## ଯୁକ୍ତ ୨ ପରୀକ୍ଷାଫଳ

### ଧନପତି ବ୍ଲକ୍ ଟପ୍ପର

ନନ୍ଦପୁର,୨୨।୫(ତୁଷାରକାନ୍ତ ମହାନ୍ତି)

ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶିତ ହୋଇଥିବା ବେଳେ ନନ୍ଦପୁର ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା ବିଭାଗର ଛାତ୍ର ଧନପତି ପୂଜାରୀ ୫୦୧ ଅଙ୍କ ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। କୁଲାବିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଧିକା ଖେମୁଣ୍ଡୁ ଦ୍ୱିତୀୟରେ ରହିଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ଛାତ୍ର ଗୁପ୍ତପ୍ରସାଦ ଦାସ, ବାଣିଜ୍ୟ ମଲ୍ଲିକା ସିରିକା ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାରେ ମିଳନ ମୋହନ ବ୍ଲକ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସିନ୍ଧେଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ୩୧୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨୪ଜଣ, ବାଣିଜ୍ୟରେ ୫୫ଙ୍କ ମଧ୍ୟରୁ ୪୨ଜଣ, ବିଜ୍ଞାନରେ ୧୬୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୦ ଓ ଧନ୍ଦାମୂଳକ ଶିକ୍ଷାରେ ୪୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮ଜଣ ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟ ଅଧ୍ୟକ୍ଷା ବୈଜୟନ୍ତି ସାମଲ ସୂଚନା ଦେଇଛନ୍ତି। କୁଲାବିର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାର ୧୨୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୮ଜଣ ଉତ୍ତୀର୍ଣ୍ଣ ହୋଇଥିବା ଅଧ୍ୟକ୍ଷା ଗୌରିମଣି ଦାସ କହିଛନ୍ତି। ପାଡୁଆ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳାରେ ୨୩୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧୬ ଛାତୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟ ଟପ୍ପର ବିଷ୍ଣୁପ୍ରିୟା ଆର୍ଲବ୍ ଓ ଅଧ୍ୟକ୍ଷ ଅର୍ଜୁନ ଚିଞ୍ଚିହା ସୂଚନା ଦେଇଛନ୍ତି। ବ୍ଲକ୍‌ରେ ୯୩୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୩୨ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ୨୧ ପରୀକ୍ଷାର୍ଥୀ ପ୍ରଥମ, ୯୬ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କୁ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି। ଜୁନ୍ ୨୯ରେ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ନେଇ ସେ କହିଛନ୍ତି।


ଧନପତି


ରାଧିକା


ବିଷ୍ଣୁପ୍ରିୟା

### କଳାରେ ଅମ୍ବିକା, ବିଜ୍ଞାନରେ ରବୀନ୍ଦ୍ର, ଧନ୍ଦାମୂଳକରେ ରିଙ୍କି ପ୍ରଥମ

କୁନ୍ଦୁରା,୨୨।୫(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଉପକଣ୍ଠସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ଯୁକ୍ତ ୨ କଳାରେ ଅମ୍ବିକା ଅମନାତ୍ୟ, ବିଜ୍ଞାନରେ ରବୀନ୍ଦ୍ର କୁମାର ରନ୍ଧାରୀ ଓ ଧନ୍ଦାମୂଳକରେ ରିଙ୍କି ନାୟକ ପ୍ରଥମ ସ୍ଥାନରେ ରହିଛନ୍ତି। ଚଳିତବର୍ଷ ଯୁକ୍ତ ୨ ପରୀକ୍ଷାରେ ମହାବିଦ୍ୟାଳୟର କଳାରେ ମୋଟ ୪୦୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୨୮୯ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୬୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୪ ଉତ୍ତୀର୍ଣ୍ଣ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୩୦ରୁ ୨୫ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା କଲେଜ ଅଧ୍ୟକ୍ଷା ରୀତା କରନ ସୂଚନା ଦେଇଛନ୍ତି। କଳାରେ ଆଦିବାସୀ ଝିଅ ଅମ୍ବିକା ୪୫୯ ନମ୍ବର ରଖି ୭୬.୫ ପ୍ରତିଶତ ରଖିଛନ୍ତି। ବିଜ୍ଞାନରେ ରବୀନ୍ଦ୍ର ୩୬୪ ମାର୍କରେ ୬୦.୬ ପ୍ରତିଶତ ରଖିଛନ୍ତି। ଧନ୍ଦାମୂଳକରେ ରିଙ୍କି ମହାବିଦ୍ୟାଳୟ ସ୍ତରରେ ପ୍ରଥମ ହୋଇଥିବା ବେଳେ ୩୯୨ ମାର୍କରେ ୬୫.୩ ପ୍ରତିଶତ ରଖିଛନ୍ତି। ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜା, ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ, ଜିଲା ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ, ଶିକ୍ଷବିତ ରାମକୃଷ୍ଣ ସାବତ, ବିଜୟ କୁମାର ଭଙ୍ଗ, ଆଇନଜୀବୀ କାହ୍ନୁଚରଣ ନାୟକ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### କୋଟପାଡ଼ କଲେଜର ଆଶାନୁରୂପ ଫଳାଫଳ

କୋଟପାଡ଼,୨୨।୫
(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ଏକ ଆଦିବାସୀ ଅଞ୍ଚଳ ହେଇଥିବା ବେଳେ ସହରାଞ୍ଚଳସ୍ଥିତ କୋଟପାଡ଼ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ଆଶାନୁରୂପ ସଫଳତା ହାସଲ କରିଛନ୍ତି। କଳାରେ ୭୨ ପ୍ରତିଶତ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୫ ଛାତ୍ରୀଛାତ୍ର ପ୍ରଥମ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୯୦ ପ୍ରତିଶତ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫ଜଣ ପ୍ରଥମ ରହିଛନ୍ତି। ଚଳିତବର୍ଷ ବିଜ୍ଞାନରେ ୮୨ ଭାଗ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୬ଜଣ ପ୍ରଥମ, ୯ଜଣ ଦ୍ୱିତୀୟ ଓ ୨୮ଜଣ ତୃତୀୟ ସ୍ଥାନରେ ରହିଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୫୩ ଛାତ୍ରୀଛାତ୍ର ସଫଳତା ପାଇଛନ୍ତି। କଲେଜ ଅଧ୍ୟକ୍ଷ ଡ. ଶେଷାନନ୍ଦ ମିଶ୍ର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

### କୁମୁଲିପୁଟ,ଅନ୍ତାରେ ଅବକାରୀ ଚଢ଼ାଉ: ୨ ଗିରଫ

ଜୟପୁର,୨୨।୫(ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗୁରୁବାର ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ କୁମୁଲିପୁଟ ଗ୍ରାମର ଶମ୍ଭୁ ଦାସ(୫୦), ଅନ୍ତା ଗ୍ରାମର ଟଙ୍କଧର ଗଣ୍ଡ(୪୫)। ସୂଚନା ଅନୁଯାୟୀ, କୁମୁଲିପୁଟ ଓ ଅନ୍ତା ଗ୍ରାମ ରାସ୍ତାରେ ଚଢାଉ କରି ୧୭ ଲିଟର ଦେଶୀ ମଦ ଜବତ କରାଯାଇଛି। ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କଳାରେ ଦେବକୀ,ବାଣିଜ୍ୟରେ ଶୁଭଶ୍ରୀ, ବିଜ୍ଞାନରେ ରୋହିତ ପ୍ରଥମ

ବୋରିଗୁମ୍ମା,୨୨।୫(ବିଜୟ ସାହୁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚଏସଇ) ପକ୍ଷରୁ ଯୁକ୍ତ ୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତବର୍ଷ କୋରାପୁଟ ଜିଲା ବୋରିଗୁମ୍ମା ସହରର ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୫୬୦ ଛାତ୍ରୀଛାତ୍ର କଳା, ବାଣିଜ୍ୟ ଓ ବିଜ୍ଞାନ ୩ ବିଭାଗରେ ପରୀକ୍ଷା ଦେଇଥିଲେ। କଳାରେ ୩୧୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୭ କୃତକାର୍ଯ୍ୟ ହୋଇଛନ୍ତି। ସେଥିରୁ ୨୨ଜଣ ପ୍ରଥମ, ୩୮ଜଣ ଦ୍ୱିତୀୟ ଓ ୧୭୭ ତୃତୀୟ ସ୍ଥାନରେ ରହିଛନ୍ତି। ଦେବକୀ ଭତ୍ରା କଳାରେ ୪୮୬ ନମ୍ବର ରଖି ସ୍କୁଲରେ ପ୍ରଥମ,୪୩୯ ନମ୍ବର ରଖି ଶୁଭସ୍ମିତା ପାଣିଗ୍ରାହୀ ଦ୍ୱିତୀୟ ଓ ୪୩୫ ମାର୍କ ରଖି କୈଳାସ ଜାନି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟରେ ମୋଟ ୧୨୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୪ଜଣ ପାସ ହୋଇଛନ୍ତି। ଜଣେ ପ୍ରଥମ, ୧୧ଜଣ ଦ୍ୱିତୀୟ ଓ ୭୨ ଛାତୀଛାତ୍ର ତୃତୀୟ ହୋଇଛନ୍ତି। ବାଣିଜ୍ୟରେ ୩୮୪ ମାର୍କ ରଖି ଏନ୍ ଶୁଭଶ୍ରୀ ପ୍ରଥମ, ୩୪୧ ନମ୍ବର ରଖି ପ୍ରୀୟାଂଶୁ ମହାରଣା ଦ୍ୱିତୀୟ ରହିଛନ୍ତି। ସେହିପରି ବିଜ୍ଞାନ ବିଭାଗରେ ୧୩୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୯ଜଣ ପାସ ହୋଇଛନ୍ତି। ରୋହିତ କୁମାର ପଣ୍ଡା ୫୩୯ ନମ୍ବର ରଖି ବିଜ୍ଞାନ ବିଭାଗରେ ପ୍ରଥମ, ଏମ୍. ହର୍ଷିତା ୪୫୮ ନମ୍ବର ରଖି ଦ୍ୱିତୀୟ ଓ ୩୯୧ ମାର୍କ ରଖି ମୁସ୍କାନ କୁମାରୀ ଗୁପ୍ତା ତୃତୀୟ ରହିଛନ୍ତି। କୃତୀ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଦାଶରଥି ଗୌଡ।

## ଘରକୁ ଘର ସର୍ଭେ ସହ ବୁଲିଲା ମଶାଧୂଆଁ ଗାଡ଼ି

**ଅଜଣା ରୋଗରେ ଆକ୍ରାନ୍ତ ଘଟଣା**

କୋରାପୁଟ,୨୨।୫(ଅମିତାଭ ବେହେରା)

କୋରାପୁଟ ମ୍ୟୁନିସପାଲଟିର ରଥଶର୍ମା କୋଲନୀରେ ଅଜଣା ରୋଗ ବ୍ୟାପି ଲୋକେ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ଧରିତ୍ରୀରେ ପ୍ରକାଶ ପାଇବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଞ୍ଚଳରେ ରୋଗର ନିରାକରଣ ନେଇ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦ୍ୱାରା ଘରକୁ ଘର ସର୍ଭେ, ଓଆରଏସ୍ ଓ ସଚେତନତା ଲିଫଲେଟ ଗୁରୁବାର ବଣ୍ଟନ କରାଯାଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରକଳ୍ପ ସଂଯୋଜକ ଉମେଶ ପ୍ରସାଦ ଷଡଙ୍ଗି ସୂଚନା ଦେଇଛନ୍ତି। ମ୍ୟୁନିସପାଲଟି ପକ୍ଷରୁ ମଶା ନିପାତ ତେଲ ସିଞ୍ଚନ ସହ ମଶାଧୂଆଁ ଗାଡି ଅଞ୍ଚଳରେ ବୁଲି ମଶା ନିପାତ କାର୍ଯ୍ୟରେ ନିୟୋଜିତ ଥିବା ଜଣାପଡ଼ିଛି। ସେହିପରି ଏହି ଅଞ୍ଚଳରେ ଥିବା ଡମ୍ପିୟାର୍ଡ ଓ ନାଳନର୍ଦ୍ଦମା ଯୋଗୁ ଚିକେନଗୁନିଆ, ଡେଙ୍ଗୁ ମଶା ବୃଦ୍ଧି ହୋଇ ସାହିରେ ରୋଗ ବ୍ୟାପିଥିବା ଡ. ଶିବ ସାଇ ସ୍ୱରୁପ କହିଛନ୍ତି। ସହରାଞ୍ଚଳର ପାନୀୟ ଜଳକୁ ପରୀକ୍ଷଣ ପାଇଁ ପଠାଯାଇଛି। ବୁଧବାର ସାହିରେ ମେଡିକାଲ ସର୍ଭୋଲାଇନ ଟିମ୍ ଘର ଘର ବୁଲି ବିଭିନ୍ନ ସ୍ଥାନରୁ ସଂଗୃହୀତ ୨୦ରୁ ଊର୍ଦ୍ଧ୍ୱ ନମୁନାକୁ କୋରାପୁଟ ମେଡିକାଲ କଲେଜରେ ପରୀକ୍ଷଣ କରାଯାଇଥିଲା। ସେଥିରୁ ୭ଟି ନମୁନା ଚିକେନଗୁନିଆ ପଜିଟିଭ ଚିହ୍ନଟ ହୋଇଥିଲା।

## ପ୍ରଶାସନର ରାସ୍ତା ଜବରଦଖଲ ଉଚ୍ଛେଦ ଆରମ୍ଭ

**୧୦୧ ଜବରଦଖଲକାରୀଙ୍କ ଦୋକାନ, ଘରେ ଚାଲିଲା ବୁଲ୍‌ଡୋଜର**

ନନ୍ଦପୁର,୨୨।୫(ତୁଷାରକାନ୍ତ ମହାନ୍ତି)

ନନ୍ଦପୁର ବ୍ଲକ୍ ସଦର ମହକୁମାରେ ତହସିଲ ପ୍ରଶାସନ ପକ୍ଷରୁ ଏମ୍‌ଡିଆର୍ ୫୫ ରାସ୍ତା ଉପରୁ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଛି। ମାଜିଷ୍ଟ୍ରେଟ ତହସିଲଦାର ପ୍ରଭାତୀ ଖୋଡ଼ିଆଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ମାଧବ ପାଙ୍ଗୀ, ରାଜସ୍ୱ ମଣ୍ଡଳ ପରିଦର୍ଶକ ସୋମନାଥ ମୁଦୁଲି, ରାଜସ୍ୱ ନିରୀକ୍ଷକ ମଧୁସୂଦନ ଖେମୁଣ୍ଡୁ ଓ ବିନୋଦ ପଟ୍ଟନାୟକ ପ୍ରମୁଖ ସାମିଲ ରହିଥିଲେ। ପୂର୍ବରୁ ନୋଟିସ କରାଯାଇଥିବା ୧୦୧ଜଣ ଜବରଦଖଲକାରୀ ରାସ୍ତା ଓ ପାର୍ଶ୍ୱ ନାଳ ଉପରେ ନିର୍ମାଣ କରିଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ଗୃହଗୁଡ଼ିକ ଉଚ୍ଛେଦ କରାଯାଇଥିଲା। କେତେଜଣ ଲୋକ ଉଚ୍ଛେଦ ପ୍ରକ୍ରିୟା ବେଳେ ଚିହ୍ନଟ ଜବରଦଖଲ ନିଜେ ହଟାଇଥିଲେ। ଅନ୍ୟଗୁଡ଼ିକୁ ଲୋକ ନିର୍ମାଣ ବୁଲ୍‌ଡୋଜର ଦ୍ୱାରା ଭଙ୍ଗାଯାଇଥିଲା। କିନ୍ତୁ ତହସିଲ ପ୍ରଶାସନ ପକ୍ଷରୁ କେତେଜଣ ଲୋକଙ୍କୁ ନିର୍ମାଣ ଭାଙ୍ଗିବାକୁ ସମୟ ଦେବା ଓ ନ ଦେବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଜବରଦଖଲ ଚିହ୍ନଟ ଓ ଉଚ୍ଛେଦ ବେଳେ ପାତରଅନ୍ତର କରାଯାଉଥିବା କହିଥିଲେ। କେତେଜଣ ଲୋକ ଅଳ୍ପ ଜାଗାରେ ବ୍ୟବସାୟିକ ପ୍ରତିଷ୍ଠାନ କରି ଜୀବିକା ନିର୍ବାହ କରୁଥିବା ବେଳେ ସେମାନଙ୍କ ଦୋକାନ ଭାଙ୍ଗି ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କୁ ତହସିଲ ପ୍ରଶାସନ ରିହାତି ଦେଉଥିବା ଅଭିଯୋଗ କରିଥିଲେ। ତହସିଲଦାର ପ୍ରଶାସନ ନିକଟରେ ଗରିବ ଧନୀ ସମସ୍ତେ ସମାନ। ସମସ୍ତଙ୍କୁ ସମାନ ସୁଯୋଗ ଦିଆଯିବ। ମହଲତ ମଧ୍ୟରେ ନିଜେ ଜବରଦଖଲ ଉଚ୍ଛେଦ ନ କଲେ ପ୍ରଶାସନ ପୁଣି ଉଚ୍ଛେଦ ଅଭିଯାନ ଆରମ୍ଭ କରିବ ବୋଲି ସୂଚନା ଦିଆଯାଇଥିଲା। ନନ୍ଦପୁର ଥାନା ଅଧିକାରୀ ମମତା ପଣ୍ଡାଙ୍କ ନେତୃତ୍ୱରେ ପୋଲିସ ଟିମ୍, ଅଗ୍ନିଶମ ବାହିନୀ ଓ ବିଦ୍ୟୁତ୍ କର୍ମଚାରୀ ଉଚ୍ଛେଦରେ ସହଯୋଗ କରିଥିଲେ।



ପ୍ରଶାସନ ପକ୍ଷରୁ ଦୋକାନ ଓ ଘର ଉଚ୍ଛେଦ କରାଯାଉଛି।






# ବର୍ଷାରେ ଭାଙ୍ଗିଲା ହାଇସ୍କୁଲ ପାଚେରି



ଗୁଡାରି,୨୨।୫
(ପ୍ରମୋଦ କୁମାର ପତି)

ଗୁଡାରିରେ ଗୁରୁବାର ସନ୍ଧ୍ୟାରେ ପ୍ରାୟ ୧ ଘଣ୍ଟା ଧରି ପ୍ରବଳ ବର୍ଷା ଯୋଗୁ ସ୍ଥାନୀୟ ସରକାରୀ ହାଇସ୍କୁଲର ପାଚେରୀ ଭାଙ୍ଗିଯାଇଛି। ଏହାକୁ ତୁରନ୍ତ ମରାମତି କରା ନ ଗଲେ ସ୍କୁଲ ଭିତରେ ଗୋରୁଙ୍କ ଅବାଧ ପ୍ରବେଶ ରହିବ। ଏହି ପାଚେରୀକୁ ମରାମତି କରିବା ନିମନ୍ତେ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

# ସହରରୁ ହଟିଲା ପୋଷ୍ଟର, ବିଜ୍ଞାପନ ହୋର୍ଡିଂ

ରାୟଗଡ଼ା,୨୨।୫
(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ସରକାରଙ୍କ ନିୟମକୁ ଅଣଦେଖାକରି ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଲାଗିଥିବା ବ୍ୟାନର, ପୋଷ୍ଟର ଓ ହୋର୍ଡିଂକୁ ହଟାଇଛି ରାୟଗଡ଼ା ପୌର ପ୍ରଶାସନ । ବୁଧବାରଠାରୁ ଏହି ସଫେଇ କାର୍ଯ୍ୟକ୍ରମ ଆରମ୍ଭ କରିଛି ପୌର ପରିଷଦ । କେତେଜଣ ଅସାଧୁ ବ୍ୟକ୍ତି ତଥା ବ୍ୟବସାୟିକ ଅନୁଷ୍ଠାନ ସରକାରଙ୍କ ନିୟମକୁ ଉଲ୍ଲଂଘନ କରି ସହର ମଧ୍ୟରେ ଥିବା ବିଭିନ୍ନ କାର୍ଯ୍ୟାଳୟର କାନ୍ଥ , ପାଚେରି , ପ୍ରବେଶ ଦ୍ୱାର ତଥା ବିଜ୍ଞାପନ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ବିନା ଅନୁମତିରେ ବଡ ବଡ ହୋର୍ଡିଂ ମାରି ସହରର ସ୍ୱଚ୍ଛତାକୁ ନଷ୍ଟ କରୁଥିଲେ। ତେବେ ସହରର ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ ରାୟଗଡ଼ା ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କ ନିର୍ଦ୍ଦେଶରେ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ହୋର୍ଡିଂ, ବ୍ୟାନର ଓ ପୋଷ୍ଟର ଆଦି ହଟାଯାଇଛି। ଯଦି କୌଣସି ବ୍ୟକ୍ତିବିଶେଷ କିମ୍ବା ବ୍ୟବସାୟିକ ସଂସ୍ଥା ଏପରି କରୁଥିବା ନଜରକୁ ଆସେ ତେବେ ତୁରନ୍ତ ପୌର କାର୍ଯ୍ୟାଳୟରେ ସୂଚନା ଦେବା ପାଇଁ ନିର୍ବାହୀ ଅଧିକାରୀ କୁଳଦୀପ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ସହରର ସ୍ୱଚ୍ଛତା ପାଇଁ ବ୍ୟାପକ ଅର୍ଥ ବ୍ୟୟ କରାଯାଉଥିବା ବେଳେ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ତଥା ସ୍ୱଚ୍ଛତା ବ୍ୟବସ୍ଥାକୁ ବଜାୟ ରଖିବାରେ ସାଧାରଣ ଜନତାଙ୍କ ସହଭାଗିତା ଏକାନ୍ତ କାମ୍ୟ ବୋଲି ପରିଷଦର ଅଧ୍ୟକ୍ଷ ପି. ମହେଶ ପଟ୍ଟନାୟକ ଦୃଢୋକ୍ତି ରଖିଛନ୍ତି ।



ରାୟଗଡ଼ା ପୌର ପ୍ରଶାସନ ପକ୍ଷରୁ ହୋର୍ଡିଂ ହଟାଯାଉଛି।

**ସରକାରୀ ନିୟମକୁ ଅଣଦେଖା ଅଭିଯୋଗ**

# ପଞ୍ଚାୟତ ପୁନର୍ଗଠନ ପାଇଁ ବୈଠକ



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଏବଂ ଗ୍ରାମବାସୀ ।

ମୁନିଗୁଡ଼ା,୨୨।୫
(ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ା ବ୍ଲକ୍ ଅନ୍ତର୍ଗତ ଶିବପଦର ଗ୍ରାମ ପଞ୍ଚାୟତର ବିଜାବଣ୍ଡଲି ଗ୍ରାମ ଆମ୍ବତୋଟା ପରିସରରେ ଗୁରୁବାର ପଞ୍ଚାୟତ ପୁନର୍ଗଠନ ନିମନ୍ତେ ପଞ୍ଚାୟତସ୍ତରୀୟ ସାମୂହିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ବେହେରାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଉକ୍ତ ବୈଠକରେ ରାଜ୍ୟ ଓବିସି ମୋର୍ଚ୍ଚା ଉପ ସଭାପତି ରାମଚନ୍ଦ୍ର ବେହେରା, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ସରପଞ୍ଚ ପ୍ରକାଶ କରସିକା, ପୂର୍ବତନ ସରପଞ୍ଚ ଜଗନ୍ନାଥ ନୁଣ୍ଡୁକା, ସମିତି ସଭ୍ୟ ଆମ୍ବାଡି ସାମନ୍ତଙ୍କ ସମେତ ୩୮ରୁ ଊର୍ଦ୍ଧ୍ୱ ଗ୍ରାମ,୧୪ଟି ୱାର୍ଡର ଲୋକେ ଓ ପଞ୍ଚାୟତର ପ୍ରତେକ ଗ୍ରାମରୁ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଦୂରତା,ଭୌଗଳିକ ଅବସ୍ଥିତି ଓ ଜନସଂଖ୍ୟା ଆଧାରରେ ଶିବପଦର ଗ୍ରାମ ପଞ୍ଚାୟତରୁ ବିଭକ୍ତ ହୋଇ ୨ଟି ଗ୍ରାମ ପଞ୍ଚାୟତ ହାଟ ଦହିଖାଲ ଓ ବିଜାବଣ୍ଡଲି ନାମରେ ଗଠନ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ପଦ୍ମନାଭ ଚୌଧୁରୀ, ପ୍ରତାପ ସାହୁକାର ନିଜର ମତ ଉପସ୍ଥାପନ କରି ଏଥିପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ପୁନର୍ଗଠନ ପ୍ରକ୍ରିୟାରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲେ । ବୈଠକ ପରିଚାଳନାରେ ମଧୁସୂଦନ ବେହେରା, ବୁଡୁ ଯାକେସିକା, ରାମମୂର୍ତ୍ତି ଆମ୍ବାଡି, ଆର୍ଯ୍ୟ କଦଣ୍ଡ, ରାଜେନ୍ଦ୍ର ବେହେରା, ଭାସ୍କର ସାହୁକାର ଙ୍କ ସମେତ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ ।

# ବିଜ୍ଞାନରେ ମହିପାଳ, କଳାରେ ଶୁଭମ୍ ଟପ୍ପର



ମହିପାଳ ଶବର



ଶୁଭମ୍ ସାହୁ।

ଗୁଣପୁର,୨୨।୫
(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନ ଏବଂ କଳା ଉଭୟ ବିଭାଗରେ ଛାତ୍ରୀଛାତ୍ର ଏ ବର୍ଷ ଅଧିକ ସଂଖ୍ୟାରେ ପାସ କରିଛନ୍ତି । ବିଜ୍ଞାନରେ ୧୩୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୧ ଜଣ ପାସ୍ କରିଛନ୍ତି। ଏଥିରେ ପ୍ରଥମ ଶ୍ରେଣୀରେ ୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୭ ଜଣ ଓ ତୃତୀୟ ଶ୍ରେଣୀରେ ୩୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ବିଜ୍ଞାନରେ ମହିପାଳ ଶବର ସର୍ବାଧିକ ୪୫୧ ନମ୍ବର ରଖିଛନ୍ତି । କଳା ବିଭାଗରେ ୨୨୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ଏଂ ତନ୍ମଧ୍ୟରୁ ୧୭୯ ଜଣ ପାସ କରିଛନ୍ତି । ଏଥିରେ ପ୍ରଥମ ଶ୍ରେଣୀରେ ୨୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୫ ଜଣ ଓ ତୃତୀୟ ଶ୍ରେଣୀରେ ୧୩୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗରେ ଶୁଭମ ସାହୁ ସର୍ବାଧିକ ୫୦୨ ନମ୍ବର ଗୁଣପୁର ବ୍ଲକ୍‌ର ଟପ୍ପର ହୋଇଛନ୍ତି। ସେହିପରି ଧନ୍ଦାମୂଳକ ଶିକ୍ଷାରେ ହର୍ଟିକଲଚରରେ ୧୨ ଜଣରୁ ୯ ଜଣ ଓ ବାଣିଜ୍ୟରେ ଶତପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

**ଯୁକ୍ତ ୨ କଳା, ଧନ୍ଦାମୂଳକ ଶିକ୍ଷାର ପରୀକ୍ଷା ଫଳ ଉତ୍ସାହଜନକ**

# ଶପିଂ ମଲ୍‌ରେ ପାର୍କିଂ ବ୍ୟବସ୍ଥା ନାହିଁ, ଟ୍ରାଫିକ୍ ସମସ୍ୟା

ରାୟଗଡ଼ା,୨୨।୫
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ପୌରାଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଛି ବିଭିନ୍ନ ଶପିଂ ମଲ୍ । ଶପିଂ ମଲ ନିର୍ମାଣ ପୂର୍ବରୁ ଏକ ପ୍ରକାର ଟାଉନ ପ୍ଲାନିଂ ଅନୁମୋଦନ ଆଣି ପରବର୍ତ୍ତୀ ସମୟରେ ଏହାକୁ ସମ୍ପୂର୍ଣ୍ଣ ବ୍ୟତିକ୍ରମ କରି ବଡ଼ ବଡ଼ ଶପିଂ ମଲ ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ରାୟଗଡ଼ା ସହର ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥ କଡ଼ରେ ରହିଛି ଏକ ଶପିଂ ମଲ୍ । ସୁରକ୍ଷା ଦୃଷ୍ଟିରୁ ଦେଖିଲେ ଉକ୍ତ କୋଠାର କୌଣସି ପାର୍କିଂ ବ୍ୟବସ୍ଥା ନାହିଁ। ଫଳରେ ପ୍ରତିଦିନ ଜାତୀୟ ରାଜପଥ ଅବରୋଧ ହୋଇ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଏଭଳିକି ଉକ୍ତ କୋଠାର ଅନୁମୋଦିତ ଟାଉନ ପ୍ଲାନ୍ ରେସିଡେନ୍ସିଆଲ ହୋଇଥିବା ବେଳେ ତାହା କମର୍ସିଆଲ କୋଠା ଭାବେ ବ୍ୟବହୃତ ହେଉଛି । ପୌର ବିଭାଗ ହୋଲ୍ଡିଂ ନମ୍ବର ୧୧/୯୨୮ରେ ଏକ କମର୍ସିଆଲ ଶପ୍ କରାଯାଇ ବାର୍ଷିକ ୩୮୨୪ ଟଙ୍କା ପୈଠ କରାଯାଉଥିବା ବେଳେ ୧୧/୯୨୮(ଏ)ରେ ୧୦ହଜାର ୨୦୦ ଟଙ୍କା ଟ୍ୟାକ୍ସ ପୈଠ କରାଯାଉଛି । ତେବେ ମାସିକ ୨ଲକ୍ଷ ଟଙ୍କା ଭଡ଼ା ପାଉଥିବା ବେଳେ ବାର୍ଷିକ ଆନୁମାନିକ ୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟ୍ୟାକ୍ସ ପୌର ପରିଷଦକୁ ଦେବା କଥା । ତେବେ ଉକ୍ତ ଟାଉନ ପ୍ଲାନିଂରେ ପରିବର୍ତ୍ତନ କରି ଆବଶ୍ୟକୀୟ ରାଜସ୍ୱ ପୈଠ କରାଯାଉ ନ ଥିବାରୁ ପୌର ପରିଷଦ ଓ ରାଜ୍ୟ ସରକାରଙ୍କ ବ୍ୟାପକ ରାଜସ୍ୱ କ୍ଷୟକ୍ଷତି ଘଟୁଛି । ଅନ୍ୟପଟେ ଉକ୍ତ ଶପିଂ ମଲରେ କୌଣସି ପାର୍କିଂ ବ୍ୟବସ୍ଥା ନ ଥିବାରୁ ଏବଂ ଏହା ଜାତୀୟ ରାଜପଥ କଡ଼ରେ ରହିଥିବା କାରଣରୁ ଦୁର୍ଘଟଣାର ଆଶଙ୍କାକୁ ଏଡ଼ାଇ ହେଉନାହିଁ । ତେଣୁ ପୌର ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ବୋଲି ସାଧାରଣରେ ଦାବି ଉଠିଛି । ଏ ନେଇ ରାୟଗଡ଼ା ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାରଙ୍କୁ ପଚାରିବାରୁ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

**ରେସିଡେନ୍ସିଆଲ ଟାଉନ ପ୍ଲାନିଂ କରି କମର୍ସିଆଲରେ ବ୍ୟବହୃତ ଅଭିଯୋଗ**

**ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି**

# ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଦାବିପତ୍ର



ଟ୍ରାକ୍ଟର ସଂଘ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ଗୁଣପୁର,୨୨।୫
(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳରେ ବାଲିକୁ ନେଇ ସମସ୍ୟା ଦେଖାଦେଇଛି। ବଂଶଧାରା ନଦୀ କୂଳରେ ଗୁଣପୁର ରହିଥିଲେ ମଧ୍ୟ ଅଞ୍ଚଳରେ ବାଲି ନ ମିଳିବାରୁ ଉନ୍ନୟନ କାମ ସହ ଗୃହ କର୍ତ୍ତାଙ୍କ କାମ ଠପ୍ ହୋଇପଡିଛି। ଏହାକୁ ନେଇ ଗୁରୁବାର ଟ୍ରାକ୍ଟର ମାଲିକ ସଂଘ ପକ୍ଷରୁ ଏକ ଦାବିପତ୍ର ଗୁଣପୁର ଉପଜିଲାପାଳ କିରନଦୀପ କୌର ସହୋତାଙ୍କୁ ପ୍ରଦାନ କରାଯାଇଛି। ବାଲି ସମସ୍ୟାର ସମାଧାନ କରିବା ପାଇଁ ଟ୍ରାକ୍ଟର ମାଲିକମାନେ ନିବେଦନ କରିବା ପରେ ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ପ୍ରଶାସନ ପକ୍ଷରୁ ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଟ୍ରାକ୍ଟର ମାଲିକ, ଶ୍ରମିକ, ଗାଡି ଚାଳକ, ରାଜମିସ୍ତ୍ରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ତେଣୁ ଭୋର ୪ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ନଦୀରୁ ବାଲି ଉଠାଇବା ପାଇଁ ଅନୁମତି ଦେବାକୁ ସଂଘ ପକ୍ଷରୁ ଦାବି କରଯାଇଛି । ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୩୧ ତାରିଖରୁ ବାଲିକୁ ନେଇ ଏହି ଅଚଳାବସ୍ଥା ସୃଷ୍ଟି ହୋଇଛି ।

# ବାଲି ବୋଝେଇ ଟିପ୍ପର, ଜେସିବି ଜବତ



ଜବତ ଜେସିବି ମେଶିନ।

ଗୁଡାରି,୨୨।୫
(ପ୍ରମୋଦ କୁମାର ପତି)

ରାୟଗଡ଼ା ଜିଲା ଗୁଡ଼ାରି ବଂଶଧାରା ନଦୀର ବନ୍ଦ ଥିବା ବାଲିଘାଟରୁ ଚୋରା ଚାଲାଣ ବେଳେ ବୁଧବାର ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଗୋଟିଏ ବାଲି ବୋଝେଇ ଟିପ୍ପର ଜବତ କରାଯାଇଛି। ଏହାଛଡ଼ା ବାଲି ବୋଝେଇରେ ବ୍ୟବହୃତ ଏକ ଜେସିବି ମେଶିନକୁ ମଧ୍ୟ ଜବତ କରାଯାଇଛି। ବୁଧବାର ସକାଳୁ ଜୁନିୟର ଖଣି ଅଧିକାରୀ ରାଜେନ୍ଦ୍ର ସେନାପତିଙ୍କ ନେତୃତ୍ୱରେ ବିଭାଗର ଏକ ଟିମ୍ ବଂଶଧାରା ନଦୀ ବାଲିଘାଟରେ ହଠାତ୍ ଚଢ଼ାଉକରି ବାଲି ବୋଝେଇ ଟିପ୍ପର (ଓଡି ୧୮ ଏମ୍ ୫୫୫୩) ଜବତକରି ସ୍ଥାନୀୟ ଥାନାରେ ଜିମା ଦେଇଛନ୍ତି। ଏହାଛଡ଼ା ଜେସିବି ମେଶିନ ଷ୍ଟାର୍ଟ ନ ହେବାରୁ ଘାଟ ନିକଟରେ ମରାମତି କରାଯିବା ପରେ ଜେସିବିକୁ ମଧ୍ୟ ଥାନାକୁ ନିଆଯାଇଥିଲା। ବେଆଇନ ବାଲି ଚାଲାଣରେ ଅଟକ ଟିପ୍ପର ଓ ଜେସିବିରୁ ନିୟମ ଅନୁଯାୟୀ ବହୁ ଟଙ୍କା ଜରିମାନା ଆଦାୟ କରାଯିବ ବୋଲି ଖଣି ଅଧିକାରୀ ସେନାପତି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚରୁ ଏହି ବାଲିଘାଟ ବିଭାଗ ପକ୍ଷରୁ ବନ୍ଦ କରାଯାଇଛି। ପ୍ରକାଶ ଥାଉକି ଗତ ଏପ୍ରିଲ ୫ ତାରିଖ ରେ ଖଣି ବିଭାଗ ପକ୍ଷରୁ ଏହି ଘାଟରୁ ଚୋରା ଚାଲାଣ ବେଳେ ୨ଟି ଟିପରରୁ ୮ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ ହୋଇଥିଲା।

# ସେନାକୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭାଯାତ୍ରା



ଗୁଣପୁରରେ ତ୍ରିରଙ୍ଗା ଶୋଭାଯାତ୍ରା।

ଗୁଣପୁର/ମୁନିଗୁଡ଼ା, ୨୨।୫
(ପ୍ରଦୀପ କୁମାର ପାଢ଼ୀ)

ଅପରେଶନ ସିନ୍ଦୂରର ସଫଳତା ପରେ ଭାରତୀୟ ସେନାଙ୍କ ଶୌର୍ଯ୍ୟ ଓ ବୀରତ୍ୱକୁ ସମ୍ମାନ ଜଣାଇ ରାୟଗଡା ଜିଲା ଗୁଣପୁର ଏବଂ ମୁନିଗୁଡାରେ ଗୁରୁବାର ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗୁଣପୁର ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ପୁରୁଣା ବସ୍‌ଷ୍ଟାଣ୍ଡ ଦେଇ ଗୁଣପୁର କଲେଜ ପର୍ଯ୍ୟନ୍ତ ଯାଇଥିଲା । ଏଥିରେ ଜାତି, ବର୍ଣ୍ଣ, ଦଳ ନିର୍ବିଶେଷରେ ସମସ୍ତେ ସାମିଲ ହୋଇଥିଲେ । ଗରିକ କମିଟିର ଉମା ଦାସଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିବାବେଳେ ତ୍ରିପତି ଗମାଙ୍ଗ, ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ, ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼, ବିଜେଡି ନେତା ରାମ ପଣ୍ଡା, ଭାଜପା ନେତା ବଦ୍ରି ମହାନ୍ତି, କଂଗ୍ରେସ ନେତା ତରଣୀ ଶତପଥୀ, ଓକିଲ ସଂଘର ସଭାପତି ଗୌରୀ ଶଙ୍କର ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ପଦ୍ମପୁର, ରାମନାଗୁଡା ଅଞ୍ଚଳରୁ ମଧ୍ୟ ଲୋକମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ମୁନିଗୁଡା ଭାଜପା ତରଫରୁ ମଣ୍ଡଳ ସଭାପତି ସୁବାସ ଗୌଡ଼ଙ୍କ ନେତୃତ୍ୱରେ ଗୁରୁବାର ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁକା, ନାରୀନେତ୍ରୀ ସୁଶୀଳା ସରାଫଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ରହି ସ୍ଥାନୀୟ ମୁନିଖୋଲଠାରୁ ହାତରେ ତ୍ରିରଙ୍ଗା ଧରି ଏକ ବାଇକ ଶୋଯାତ୍ରାରେ ବାହାରି ସହର ପରିକ୍ରମାକରି କଲେଜ ଛକ ପର୍ଯ୍ୟନ୍ତ ଯାଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଦଳର ବରିଷ୍ଠ ନେତା ମୀନ ଗୌଡ଼, ଭୀମ ବେହେରା, ସୁବାସ ପ୍ରାସ୍କା, ଟୁନା କରକାରିଆ, ଆଲିବାନ ବାଗ, ସୁବାସ ସାହୁକାର, ଧନୁ କୁଶୁଲିଆ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ।

# ଶ୍ରୀୟାଞ୍ଜଳି ଅବିଭକ୍ତ କୋରାପୁଟ ଜିଲା ଟପ୍ପର

ପଦ୍ମପୁର, ୨୨।୫
(ପ୍ରଶାନ୍ତ କୁମାର କର)



ଶ୍ରୀୟାଞ୍ଜଳି ପଟ୍ଟନାୟକ

ଚଳିତ ବର୍ଷ ଯୁକ୍ତ ୨ କଳା ବିଭାଗରେ ପଦ୍ମପୁର ତ୍ରିବେଣୀ ଜ୍ଞାନ ମନ୍ଦିର ଶିକ୍ଷାନୁଷ୍ଠାନର ଛାତ୍ରୀ ଶ୍ରୀୟାଞ୍ଜଳି ପଟ୍ଟନାୟକ ୬୦୦ ରୁ ୫୪୫ ନମ୍ବର ରଖି ଅବିଭକ୍ତ କୋରାପୁଟ ଜିଲାର ଟପ୍ପର ହୋଇଛନ୍ତି। ସେହିଭଳି ତ୍ରିବେଣୀ ଅନୁଷ୍ଠାନର ଛାତ୍ରୀ ଆଶା ସାହୁ ୫୩୬ ରଖି ଦ୍ୱିତୀୟ, ଦେବକୀ ନାୟକ ୫୨୩ ରଖି ତୃତୀୟ, ଜ୍ୟୋତି ସାହୁ ୫୧୯ ରଖି ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ତ୍ରିବେଣୀ ଜ୍ଞାନ ମନ୍ଦିରରେ ଏହିବର୍ଷ ୪୪ ଜଣ ପ୍ରଥମ ସ୍ଥାନ, ୩୭ ଜଣ ଦ୍ୱିତୀୟ ସ୍ଥାନ ଏବଂ ୨୬ ଜଣ ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୀର୍ଘ ବର୍ଷ ଧରି ତ୍ରିବେଣୀ ଜ୍ଞାନ ମନ୍ଦିରର ଛାତ୍ରୀଛାତ୍ର ଶତ ପ୍ରତିଶତ ସଫଳତା ଆଣୁଛନ୍ତି। ଏ ନେଇ ମହାବିଦ୍ୟାଳୟର ସଭାପତି ସ୍ୱାଗତ ଶେଖର ଜେନା, ଅଧ୍ୟକ୍ଷା ଅନୀତା ମିଶ୍ର,ସମସ୍ତ କର୍ମକର୍ତ୍ତା, ଅଭିଭାବକ ତଥା ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

# ମୁନିଗୁଡ଼ା ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

ମୁନିଗୁଡ଼ା,୨୨।୫ (ନନ୍ଦ କିଶୋର ପଟ୍ଟନାୟକ)



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଜନପ୍ରତିନିଧି।

ମୁନିଗୁଡ଼ା ବ୍ଲକ ସଭାଗୃହ ପରିସରରେ ଗୁରୁବାର ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡ଼ା ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାୟଗଡ଼ା ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଆସିଷ୍ଟାଣ୍ଟ ଇଞ୍ଜିନିୟର ତ୍ରିଲୋଚନ ସେଠୀ, ସମ୍ମାନିତ ଅତିଥିଭାବେ ମୁନିଗୁଡ଼ା ସହକାରୀ ଯନ୍ତ୍ରୀ ରମାକାନ୍ତ ମହାପାତ୍ର, ଏପିଓ ମାର୍ଶାଲ ପ୍ରଧାନ, ଥାନା ଏସ୍‌ଆଇ ସୁଶୀଲ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଶେଷ ସମୀକ୍ଷା ମଧ୍ୟରେ ଆର୍ଥିକ ବର୍ଷ ୨୦୨୪-୨୫ ସାମାଜିକ ସମୀକ୍ଷା ଅବଧି ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଅନ୍ତର୍ଗତ ବିଭିନ୍ନ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାର ହୋଇଥିବା କାର୍ଯ୍ୟର ଚିହ୍ନିକିଖି ସମୀକ୍ଷା କରିଥିଲେ। ୨୦୨୩ ଅକ୍ଟୋବର ପହିଲାରୁ ୨୦୨୫ ମାର୍ଚ୍ଚ ୩୧ ଏବଂ ୧ ଏପ୍ରିଲ ୨୦୨୪ ରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟରେ ଖର୍ଚ୍ଚ ହୋଇଥିବା ଅର୍ଥରାଶିର ସମସ୍ତ ବିବରଣୀ ଉପସ୍ଥାପନା କରାଯାଇଥିଲା। ଏଥିସହ ପ୍ରତ୍ୟେକ କାର୍ଯ୍ୟର ବିବରଣୀ ଉପରେ ଅଧିକାରୀ ଓ କର୍ମଚାରୀଙ୍କୁ ପ୍ରଶ୍ନ ପଚାରି ସମସ୍ତ ତଥ୍ୟ ବୁଝିବା ସହ ସମସ୍ତ କାର୍ଯ୍ୟରେ ସ୍ୱଚ୍ଛତା, ଦକ୍ଷତା ଓ ଉଚ୍ଚମାନର ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ମୁନିଗୁଡା ସରପଞ୍ଚ ସରସ୍ୱତୀ ଶବର, ଅନନ୍ତ ନୁଣ୍ଡୁକା, ପାଇକ ଜାକେଶିକା, ପ୍ରକାଶ କରସିକା, ଉପେନ୍ଦ୍ର ସିକାକା, ସାନ ମାଝୀ, ସମିତି ସଭ୍ୟ ସୁବାସ ପ୍ରାସ୍କା, ଅନଙ୍ଗ ନାଗ ପ୍ରମୁଖ ଅନେକ ଲୋକପ୍ରତିନିଧି ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ବ୍ଲକର ସେକ୍ସନ ଅଫିସର ଜିତେନ୍ଦ୍ର ଧର, ଅତିରିକ୍ତ ସହକାରୀ ଯନ୍ତ୍ରୀ ଅଶୋକ କୁମାର ପାତ୍ର, ଗୌରୀ ଶ୍ୟାମ ନାୟକ, ସନ୍ଧ୍ୟାରାଣୀ ମଲ୍ଲିକ, ରମେଶ ମିଞ୍ଜ, ଅତିରିକ୍ତ ସାମାଜିକ ସୁରକ୍ଷା ଅଧିକାରିଣୀ କଳ୍ପନା ସାହୁ, ଜିପିଇଓ ମନୋରଞ୍ଜନ ବେହେରା,ମଙ୍ଗଳ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ ଯାଦବ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ ।

# ଲୋକେ ସଚେତନ ହେଲେ ବାଲ୍ୟବିବାହ ରୋକିହେବ

ରାୟଗଡ଼ା,୨୨।୫
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ପୌର ପ୍ରଶାସନ ଓ କୋଲନାରା ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ବାଲ୍ୟବିବାହ ନିବାରଣ ନିମନ୍ତେ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଳ୍ପ ବୟସରେ କିଶୋରୀମାନେ ପ୍ରେମରେ ପଡ଼ି ମାତୃତ୍ୱ ଲାଭ କରୁଛନ୍ତି। ଫଳରେ ପରିବାର ଲୋକେ ସେମାନଙ୍କ ବାହାଘର କରିଦେଉଥିବା ଦେଖିବାକୁ ମିଳୁଛି। ତେଣୁ ଏହାକୁ ରୋକିବା ପାଇଁ ବିଭିନ୍ନ ଗୋଷ୍ଠୀକୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ, ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟକ୍ଷା, ଛାତ୍ରୀନିବାସର ମେଟ୍ରନ, ସମସ୍ତ ପଞ୍ଚାୟତ ଅଧିକାରୀ, ଅଙ୍ଗନୱାଡି କର୍ମୀ, ଆଶା ଓ ସ୍ୱାସ୍ଥ୍ୟ କର୍ମୀ, ଜାତି କୂଳ ସମାଜ କର୍ମକର୍ତ୍ତା,ଧାର୍ମିକ ସଂଗଠନର କର୍ମକର୍ତ୍ତା, ପଞ୍ଚାୟତିରାଜ ସଦସ୍ୟ ଓ ଟେଣ୍ଟହାଉସ ମାଲିକ ଆଦିଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ମିନତି ଦେଓ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ମହିଳା ସୁରକ୍ଷା ଅଧିକାରୀ ପ୍ରତିମା ରାଣୀ ଦାଶ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁଚରଣ ନାୟକ, ଶିଶୁ ବିକାଶ ଅଧିକାରୀ ମିନାକ୍ଷୀ ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. ସୁନୀଲ କୁମାର ମହାପାତ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରାମର୍ଶଦାତା ନିରାକାର ପାଢ଼ୀ, ଟାଉନ ଥାନାର ଉପ ନିରୀକ୍ଷକ ଆଦି ଯୋଗଦାନ କରି ବାଲ୍ୟ ବିବାହ ବିରୋଧରେ ସଚେତନ କରିଥିଲେ । ରାୟଗଡ଼ା ବ୍ଲକରେ ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର ପରିଚାଳନା କରିଥିଲେ । ସେହିପରି କୋଲନରା ବ୍ଲକ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ, ଶିଶୁ ବିକାଶ ଅଧିକାରୀ ବିଜୟାଲକ୍ଷ୍ମୀ ନିଶାଙ୍କ ଓ ଅନ୍ୟମାନେ ଯୋଗଦାନ କରି ଲୋକଙ୍କୁ ସଚେତନ କରିଥିଲେ । ତେବେ ଏହି ସଚେତନତା କାର୍ଯ୍ୟକ୍ରମ କାଗଜକଲମରେ ସୀମିତ ନ ରହି ତୃଣମୂଳସ୍ତରରେ ଲୋକେ ସଚେତନ ହେଲେ ବାଲ୍ୟବିବାହ ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ**


Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ DHARITRI 51 Years

www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ Bhubaneswar, Friday, May 23/ 2025

# ୨୭ ମାଓବାଦୀଙ୍କ ମୃତଦେହ ଜବତ

- ସୀମାନ୍ତରେ ଗୁଳି ବିନିମୟ ଘଟଣା
- ୨ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

ମାଲକାନଗିରି, ୨୨।୫(ନୃସିଂହ ଚରଣ ମହାନ୍ତି)

ଛତିଶଗଡ଼ ବିଜାପୁର-ନାରାୟଣପୁର ଜିଲା ମଧ୍ୟରେ ଥିବା ଅବୁଜମାଡ ଜଙ୍ଗଲରେ ବୁଧବାର ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ୩୦ ମାଓବାଦୀ ନିହତ ଓ ୨ଜଣ ଡିଆର୍‌ଜି ଯବାନ ଶହୀଦ ହୋଇଥିଲେ। ଗୁରୁବାର ୨୭ ମାଓବାଦୀଙ୍କ ମୃତଦେହ ଓ ବିପୁଳ ଅସ୍ତ୍ରଶସ୍ତ୍ର ଏବଂ ସାମଗ୍ରୀ ଜବତ କରାଯାଇ ନାରାୟଣପୁର ପୋଲିସ ମୁଖ୍ୟାଳୟକୁ ଅଣାଯାଇଛି। ସେହିପରି ୨ ଶହୀଦ ଯବାନଙ୍କୁ ନାରାୟଣପୁର ପୋଲିସ ଲାଇନରେ ଛତିଶଗଡ଼ର ଡିଜି ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ



ମୃତଦେହ ନିକଟରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ଉପସ୍ଥିତିରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି ଗୁଳି ବିନିମୟରେ ନିହତ ନମ୍ବାଲା କେଶବ ରାଓ ଓରଫ ବାସଭାରାଜୁ ମାଓବାଦୀ ସଙ୍ଗଠନର ମେରୁଦଣ୍ଡ ସଦୃଶ କାର୍ଯ୍ୟ କରୁଥିବା ବେଳେ ତାଙ୍କ ମୃତ୍ୟୁ ଯବାନଙ୍କୁ ବଡ଼ ସଫଳତା ଆଣିଦେଇଛି । ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଓଡ଼ିଶା ଓ ଝାଡ଼ଖଣ୍ଡରେ ମଧ୍ୟ କେଶବ ରାଓଙ୍କ ମୁଣ୍ଡ ଉପରେ ବହୁ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ହେଲେ ସବୁବେଳେ ପୋଲିସକୁ ଚକ୍‌ମା ଦେଇ ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ଖସିପଳାଇଥିଲେ ବାସଭାରାଜୁ। ଶେଷରେ ଛତିଶଗଡ଼ ଡିଆର୍‌ଜି ବାହିନୀର ଗୁଳିରେ ପ୍ରାଣ ହରାଇଛନ୍ତି। ଘଟଣାସ୍ଥଳରୁ ୩ଟି ୧୨ବୋର୍ ବନ୍ଧୁକ, ୮ ଥ୍ରୀ ନଟ୍ ଥ୍ରୀ ବନ୍ଧୁକ, ୪ ଏସ୍‌ଏଲ୍‌ଆର୍ ବନ୍ଧୁକ, ୩ ଏକେ ୪୭ ବନ୍ଧୁକ, ୬ ଇନ୍‌ସାସ୍ ବନ୍ଧୁକ, ୩ ବିଜିଏଲ୍ ଲଞ୍ଚର, ଗୋଟିଏ କାର୍ବାଇନ ଓ ୩୦ରୁ ଊର୍ଦ୍ଧ୍ୱ ଛୋଟ ବଡ ବିଜିଏଲ ସେଲ୍ ଜବତ କରାଯାଇଛି।

# ମତ୍ସ୍ୟଚାଷୀଙ୍କୁ ତାଲିମ

ମାଲକାନଗିରି, ୨୨।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ମତ୍ସ୍ୟଚାଷୀଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ସିନ୍ଧ୍ରିମାଳ ପଞ୍ଚାୟତରେ ଗୁରୁବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଓ ପୁରୁଷ ମତ୍ସ୍ୟଚାଷୀ ଅଂଶଗ୍ରହଣ କରି ମାଛଚାଷ ସମ୍ବନ୍ଧରେ ତାଲିମ ନେଇଥିଲେ । ଜିଲା ମତ୍ସ୍ୟ ଅଧିକାରୀ ସୁଶାନ୍ତ କୁମାର ଗୌଡ, ସହକାରୀ ମତ୍ସ୍ୟ ଅଧିକାରୀ ମୁକେଶ ମାଝୀ, ଇତିଶ୍ରୀ ଦାସ, ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ ପାତ୍ର, ସମବାୟ ସମିତି ପରିଚାଳକ ସଂଗ୍ରାମ ବିଶ୍ୱାସ, କନିଷ୍ଠ ମତ୍ସ୍ୟ ସହଯୋଗୀ ମାଥିଲି ମିହିରକାନ୍ତ ସିଂ, ଡାକ୍ତର ଗୁଡ୍ଡୁ, କଳ୍ପିତା ତ୍ରିପାଠୀ, ସାମାଜିକ କର୍ମୀ ଉଙ୍ଗା ପଡିଆମି ପ୍ରମୁଖ ଉପସ୍ଥିତ ରହି ମତ୍ସ୍ୟ ଚାଷ ସମ୍ବନ୍ଧରେ କି କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ବନ୍ଧରେ ତାଲିମ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ମତ୍ସ୍ୟଚାଷୀ ।

ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରଥିଲା ବେଳେ ଅନୁସୂଚିତ ଜାତି ଜନଜାତିଙ୍କ ପାଇଁ ୫୦ ପ୍ରତିଶତ ରିହାତି ପ୍ରଦାନ କରିଥିଲା ବେଳେ ସାଧାରଣବର୍ଗଙ୍କ ପାଇଁ ୪୦ ପ୍ରତିଶତ ଅର୍ଥ ରିହାତି ପ୍ରଦାନ କରୁଛନ୍ତି। ଏଥିରେ ନୂତନ ପୋଖରୀ ଖୋଳା, ପୁରୁଣା ପୋଖରୀର ପୁନରୁଦ୍ଧାର, ଉନ୍ନତ କିସମର ଜାଆଁଳ ପ୍ରସ୍ତୁତି, ମାଛ ଜାଆଁଳକୁ ପୁଷ୍ଟିକର ଖାଦ୍ୟ, ରୋଗରୁ ମୁକ୍ତ ପାଇଁ ଜଳ ବିଶୋଧନ ଏବଂ ଔଷଧ ପ୍ରୟୋଗ, ଜାଲ ଖରିଦ, ମତ୍ସ୍ୟ ଜୀବିମାନଙ୍କୁ ଡଙ୍ଗା ଜାଲ, ଲାଇଫ ଜ୍ୟାକେଟ ଯୋଗାଇବା, ଚାଷୀମାନେ ସୋସାଇଟି ମାଧ୍ୟମରେ ମାଛ ବିକ୍ରି କରିବା ଇତ୍ୟାଦି ସମ୍ବନ୍ଧରେ ତାଲିମ ପ୍ରଦାନ କରିଥିଲେ । ସଫଳ ଚାଷୀଙ୍କୁ ଜିଲା ଓ ରାଜ୍ୟସ୍ତରରେ ସମ୍ମାନିତ ପାଇଁ ଚୟନ କରାଯିବ । ଚାଷୀମାନେ ତାଲିମ ପରେ ନିଜ ପୋଖରୀରେ ମାଛ ଚାଷ କରି ହେକ୍ଟର ପିଛା ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିପାରିବେ ବୋଲି ବିଭାଗୀୟ ଅଧିକାରୀମାନେ ବୁଝାଇଥିଲେ ।

# ବ୍ୟବସାୟୀଙ୍କ ଗୋଦାମ ଗୃହ ପାଲଟିଛି ଅଳିଆ ପୃଥକୀକରଣ ଗୃହ

କୋରୁକୋଣ୍ଡା,୨୨।୫(ଶିବଦତ୍ତ ସାହୁ )

ଅଳିଆ ପୃଥକୀକରଣ କରିବା ନିମନ୍ତେ ସରକାରଙ୍କ ତରଫରୁ ପ୍ରତେକ ପଞ୍ଚାୟତରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଗୃହ ନିର୍ମାଣ ହୋଇଥିବା ବେଳେ, ଘର ଘର ବୁଲି ଅଳିଆ ଆଣିବା ନିମନ୍ତେ ସରକାର ଗାଡି ଯୋଗାଇ ଦେଇଛନ୍ତି। ବିଭିନ୍ନ ପଞ୍ଚାୟତରେ ଗାଡିଗୁଡିକ ରାସ୍ତାରେ ଗଡୁନଥିବା ଦେଖିବାକୁ ମିଳୁଛି ବୋଲି ଗ୍ରାମବାସୀ କହୁଥିବା ବେଳେ, ଅଳିଆ ପୃଥକୀକରଣ ଗୃହ ଗୁଡିକ ଆଉ କେଉଁ କାମରେ ଆସିବ ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ଅଞ୍ଚଳର କେତେକ ବ୍ୟବସାୟୀ ଉକ୍ତ ଗୃହକୁ ନିଜ ଗୋଦାମ ଗୃହ ଭାବେ ବ୍ୟବହାର କରୁଛନ୍ତି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଧାନ ସମୟରେ ଧାନ,ବାଦାମ ବେଳେ ବାଦାମ ଏବଂ ମହୁଲ ଆଦି ବିଭିନ୍ନ ସାମଗ୍ରୀ ରଖୁଥିବା ଦେଖିବାକୁ ମିଳୁଛି। ଏହା ସହିତ ଉକ୍ତ ଗୃହକୁ ନିଜ ଗୋଦାମ ଭାବି ବ୍ୟବସାୟୀମାନେ ତାଲା ପକାଇ ନିଜ ଅକ୍ତିଆରରେ ରଖୁଛନ୍ତି। ଏମିତି ଏକ ଅଳିଆ ପୃଥକୀକରଣ ଗୃହ ଦେଖିବାକୁ ମିଳିଛି କୋରୁକୋଣ୍ଡା ବ୍ଲକ ଡୁଡାମେଟା ପଞ୍ଚାୟତ ସଦରରେ। ସରକାରଙ୍କ ତରଫରୁ ୩.୫୦ହଜାର ଟଙ୍କା ବ୍ୟୟ ଅଟକଳରେ ଏକ ଅଳିଆ ପୃଥକୀକରଣ ଗୃହ ନିର୍ମାଣ ହୋଇଥିଲା। ହେଲେ ଏବେ ସେହି ଗୃହକୁ କେତେକ ସ୍ଥାନୀୟ ବ୍ୟବସାୟୀ ଗୋଦାମ ଗୃହ ଭାବେ ବ୍ୟବହାର କରିବାର ଦେଖିବାକୁ ମିଳିଛି। ଗ୍ରାମବାସୀଙ୍କ କହିବା ଅନୁଯାଇ ଉକ୍ତ ଗୃହ ନିର୍ମାଣ ହେବା ଠାରୁ ଦିନେ ମଧ୍ୟ ଲୋକଙ୍କ କାମରେ ଆସିନି, କି କୌଣସି ଅଳିଆ ବୁହା ଗାଡି ଦିନେ ମଧ୍ୟ କେଉଁ ଗାଁରେ ବୁଲି ଅଳିଆ ସଂଗ୍ରହ କରିବା ଦେଖିବାକୁ ମିଳିନି ବୋଲି ଗ୍ରାମବାସୀ ଅଭିଯୋଗ କହିଛନ୍ତି। ବିଭିନ୍ନ ସମୟରେ ଧାନ,ବାଦାମ ଓ ମହୁଲ ଆଦି କିଛି ବ୍ୟବସାୟୀ ଉକ୍ତ ଗୃହରେ ରଖୁଥିବାର ଦେଖିବାକୁ ମିଳୁଛି। ପଞ୍ଚାୟତ ସଦରଠାରୁ ମାତ୍ର ୫୦ ମିଟର ଦୂର ରାସ୍ତା କଡରେ ଏହି ପୃଥକୀକରଣ ଗୃହଟି ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କ ଦୃଷ୍ଟି ଏହା ଉପରେ ପଡୁନାହିଁ। ସବୁ ଜାଣିଶୁଣି ଅଧିକାରୀମାନେ ନୀରବଦ୍ରଷ୍ଟା ସାଜି ବ୍ୟବସାୟିଙ୍କୁ ଗୋଦାମ ଗୃହ ଭାବେ ବ୍ୟବହାର କରିବାକୁ ସୁଯୋଗ ଦେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ କୋରୁକୋଣ୍ଡା ବିଡିଓ ଅମୁଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ମୁଁ ଏ ବିଷୟରେ କିଛି ଜାଣିନି । ଘଟଣାର ତଦନ୍ତ କରିବି ଯଦି ସେମିତି କିଛି ହୋଇଛି, ତେବେ ଉକ୍ତଗୃହକୁ ଖାଲି କରାଯିବ। ଉକ୍ତ ଗୃହଟି କିପରି ଭାବେ ଜନସାଧାରାଙ୍କ କାର୍ଯ୍ୟରେ ଲାଗିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ଅଳିଆ ପୃଥକୀକରଣ ଗୃହ ।

# ସଂକ୍ଷେପରେ

## ବଜ୍ରପାତରେ ପୃଥକ୍ ସ୍ଥାନରେ ୨ ଜଣଙ୍କ ମୃତ୍ୟୁ

ମାଲକାନଗିରି, ୨୨।୫(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ପୃଥକ୍ ଦୁଇଟି ସ୍ଥାନରେ ବଜ୍ରପାତରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ମାଥିଲି ଥାନା ଦଳପତିଗୁଡା ପଞ୍ଚାୟତ ମେଣ୍ଟୁକୁଲି ଗ୍ରାମରେ ୩ ଜଣ ନାବାଳକ ଆମ୍ବ ଗୋଟାଉଥିବା ସମୟରେ ହଠାତ୍ ପବନ ସହ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୩ଜଣ ପଡିଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିବା ବେଳେ ସେଠାରେ ଜଣଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ମୃତକ ମେଣ୍ଟୁକୁଲି ଗ୍ରାମର ରାମା ମାଡିଙ୍କ ପୁଅ ରାହୁଲ(୯) । ସେହିପରି ଅନ୍ୟ ଏକ ଘଟଣାରେ ମାଲକାନଗିରି ବ୍ଲକ ଚଲାଣଗୁଡା ପଞ୍ଚାୟତ ଏମ୍‌ଭି ୪୦ ଗ୍ରାମର ଧେନା ମାଡି (୫୬) ଜମିରେ କାମ କରିବାକୁ ଯାଇ ସନ୍ଧ୍ୟାରେ ସାଇକେଲରେ ଘରକୁ ଫେରୁଥିବା ବେଳେ ହଠାତ୍ ବିଜୁଳି ଘଡଘଡି ସହ ବଜ୍ରପାତ ହୋଇଥିଲା। ସେ ରାସ୍ତାରେ ପଡିଯାଇଥିବା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ମାଲକାନଗିରି ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି।

## ଅପରେଶନ ସିନ୍ଦୂରର ପରାକ୍ରମ ଶୋଭାଯାତ୍ରା

ପଡିଆ, ୨୨।୫(ଭାସ୍କର ରାଓ)

ଆତଙ୍କବାଦୀଙ୍କ ପକ୍ଷରୁ ପହଲଗାମ୍‌ରେ ନିରୀହ ପର୍ଯ୍ୟଟକ ମାନଙ୍କୁ ନିର୍ମମ ହତ୍ୟା ପ୍ରତିବାଦରେ ଭାରତୀୟ ସେନାମାନେ ଅପରେଶନ ସନ୍ଦୂରରେ ଯେଉଁ ବୀରତ୍ୱ ଦେଖାଇବା ସହ ତ୍ୟାଗ କରିଛନ୍ତି ସେଥିପାଇଁ ସାରା ଭାରତବାସୀ ଆଜି ଗର୍ବିତ। ଗୁରୁବାର ସେହି ଯବାନମାନଙ୍କ ଉଦ୍ଦେଶ୍ୟରେ ପଡିଆ ଅଞ୍ଚଳବାସୀଙ୍କ ପକ୍ଷରୁ ଏମ୍‌ପି ପ୍ରତିନିଧି ପି.ଭେଙ୍କଟେଶ୍ୱର ରାଓଙ୍କ ନେତୃତ୍ୱରେ ଭାରତୀୟ ଯବାନଙ୍କ ବୀରତ୍ୱ ଓ ତ୍ୟାଗକୁ ସମ୍ମାନ ଜଣାଇ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦେବା ମାଡକାମୀ, ବିଧାୟକ ପ୍ରତିନିଧି ମନଦୀପନ ରାୟ, ବ୍ଲକ୍ ଭାଜପା ସଭାପତି କୋଟାମ ବାଲାୟା, କେ. ଭାସ୍କର ରାଓ, ସୁଜିତ ମଣ୍ଡଳ ଓ ଅଶୋକ ପାଲ ପ୍ରମୁଖ ଯୋଗଦେଇଥିଲେ ।

## ରେଡକ୍ରସ ପାଣ୍ଠିକୁ ୧୦ ହଜାର ଦାନକଲେ ମୁରଲୀ କ୍ରିଷ୍ଣା



ନବରଙ୍ଗପୁର,୨୨।୫ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ପୌର ପରିଷଦର କାଉନସିଲର ମୁରଲୀ କ୍ରିଷ୍ଣା ଅନେକ ସମୟରେ ନିଜର ସମାଜସେବା ଦ୍ୱାରା ଜିଲାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ନବରଙ୍ଗପୁର ମ୍ୟୁନିସପାଲିଟି ୫ ନମ୍ବର ୱାର୍ଡର କାଉନସିଲର ମୁରଲୀ କ୍ରିଷ୍ଣା ଗୁରୁବାର ପୌର କାର୍ଯ୍ୟାଳୟରେ ଅଧ୍ୟକ୍ଷ କୁନୁ ନାୟକ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତିଙ୍କୁ ଭେଟି ୧୦ ହଜାର ଟଙ୍କା ଜିଲା ରେଡ଼କ୍ରସ ପାଣ୍ଠିକୁ ଦାନ କରିଛନ୍ତି। ନବରଙ୍ଗପୁର ମ୍ୟୁନିସପାଲିଟି ପକ୍ଷରୁ ପାଇଥିବା ଗତ ୩ ବର୍ଷର ପ୍ରାପ୍ୟ ୧୦ ହଜାର ଟଙ୍କା ସେ ଜିଲା ରେଡ଼କ୍ରସ ପାଣ୍ଠିକୁ ଦାନ କରିଥିବା କହିଛନ୍ତି। ପୂର୍ବରୁ ମଧ୍ୟ ମୁରଲୀ କ୍ରିଷ୍ଣା ଅନେକ ସାମାଜିକ କାର୍ଯ୍ୟ କରିଆସୁଛନ୍ତି। ତାଙ୍କର ଏହି କାର୍ଯ୍ୟ ପାଇଁ ଜନସାଧାରଣରେ ତାଙ୍କୁ ପ୍ରଶଂସା କରାଯାଉଛି ।

# ଲାଇଟ୍ ହାଉସ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟିତ

କୋରାପୁଟ,୨୨।୫(ଅମିତାଭ ବେହେରା)

କୋରାପୁଟ ବ୍ଲକ୍ ବଗେଇପଦରରେ ଲାଇଟ ହାଉସ ଅଙ୍ଗନୱାଡି କେନ୍ଦ୍ର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା,ବିଧାୟକ ରଘୁରାମ ମାଛ, ଜିଲାପାଳ ଭି.କୀର୍ତ୍ତିଭାସନ, ବ୍ଲକ୍ ଅଧ୍ୟକ୍ଷା ନମିତା ମାଝୀଙ୍କ ଉପସ୍ଥିତ ଥିଲେ। ଏହି କେନ୍ଦ୍ରରେ ୱାଇଫାଇ ସେବା, ସ୍ମାର୍ଟ ଟିଭି ସ୍ଥାପନ,ଦୋଳି, ସାଣ୍ଡ ପିଟ, ସ୍ଲିଡ଼ିଂ, ଶୌଚାଳୟ, ଆମ୍ଫିଥିଏଟର, ବର୍ଷାଜଳ ସଂରକ୍ଷଣ, ପାନୀୟ ଜଳ



ଯୋଗାଣ, ପୁଷ୍ଟି ବଗିଚା, ଅଙ୍ଗନୱାଡି କର୍ମୀ ଗୃହ ଓ ମେଡିକାଲ ଗୃହ ଆଦି ନିର୍ମାଣ କରାଯାଇଛି। କାର୍ଯ୍ୟକ୍ରମରେ ଦେଓଘାଟି ସରପଞ୍ଚ ହାରାମଣି ଜାନୀ, ସମିତି ସଭ୍ୟା ମଞ୍ଜୁଳା ବାଘ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, କୋରାପୁଟ ବିଡିଓ ଦେବାଶିଷ ଗୌଡ଼, ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ପାଢ଼ୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ସତ୍ୟନାରାୟଣ ଆବାସିକ ବିଜ୍ଞାନ ମହାବିଦ୍ୟାଳୟ ପାସ୍ ହାର ୯୬.୧୮ ପ୍ରତିଶତ

ମାଲକାନଗିରି,୨୨।୫ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସତ୍ୟନାରାୟଣ ଆବାସିକ ବିଜ୍ଞାନ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନରେ ପାସ୍ ହାର ୯୬.୧୮ ପ୍ରତିଶତ ହୋଇଛି। ସେଥିରୁ ରାହୁଲ ପଡିଆମି ୯୦.୩୩ ପ୍ରତିଶତ ନମ୍ବର ରଖି ମହାବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ଚନ୍ଦନ ହାଲ୍‌ଦାର ୮୬.୮୭ ପ୍ରତିଶତ ରଖି ଦ୍ୱିତୀୟ ଓ ରିୟା ବାଇନ ୮୬.୫୦ ପ୍ରତିଶତ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ମୋଟ ୧୩୪ ଛାତ୍ରୀଛାତ୍ର ଯୁକ୍ତ ୨ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଜଣେ, ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ୧୫, ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ୧୭ ଜଣ, ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ମାର୍କ ୪୭ ରଖି ପାସ୍ କରିଛନ୍ତି। ମୋଟ ୮୦ ଜଣ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି । ଏହା ଜିଲାର ସର୍ବାଧିକ ପାସ୍‌ହାର ପ୍ରତିଶତ ବୋଲି ଜଣାପଡିଛି।



ରାହୁଲ ପଡିଆମି

# ଘଡ଼େଇ କଲେଜ ବିଜ୍ଞାନରେ ରାହୁଲ ସାଗର କୁଣ୍ଡୁ ଜିଲା ଟପ୍ପର

ମାଲକାନଗିରି, ୨୨।୫ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଯୁକ୍ତ ୨ ବାଣିଜ୍ୟ, ବିଜ୍ଞାନ ଓ କଳା ପରୀକ୍ଷାଫଳ ଘୋଷଣା ହୋଇଛି। ବିଜ୍ଞାନରେ ଘଡେଇ ଆବାସିକ ମହାବିଦ୍ୟାଳୟ ଛାତ୍ର ରାହୁଲ ସାଗର କୁଣ୍ଡୁ ୫୪୯ ନମ୍ବର ରଖି ଜିଲା ଟପ୍ପର ହୋଇଛନ୍ତି। ଏହି ମହାବିଦ୍ୟାଳୟରେ ୨୧୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ଜଣେ, ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ୧୫ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଓଁ ଭୁର୍ଭୁବଃସ୍ୱଃ ଆବାସିକ ବିଦ୍ୟାଳୟରେ ଦେବଜିତ ବିଶ୍ୱାସ ୪୫୧ ନମ୍ବର ୭୫.୧ ପ୍ରତିଶତ ରଖି କଲେଜ ଟପ୍ପର ହୋଇଛନ୍ତି। ଏହି ମହାବିଦ୍ୟାଳୟରେ ୪୯ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ପ୍ରଥମ ଡିଭିଜନରେ ୧୫, ଦ୍ୱିତୀୟରେ ୨୪ ଜଣ ତୃତୀୟ ଡିଭିଜନରେ ୪ ଜଣ ପାସ୍ କରିଛନ୍ତି। ସେହିପରି ମହିଳା ମହାବିଦ୍ୟାଳୟ ଛାତ୍ରୀ ସାରା ଭୂମିଆ ୪୫୩ ନମ୍ବର ୭୫.୫ ପ୍ରତିଶତ ରଖି ଟପ୍ପର ହୋଇଛନ୍ତି। ପ୍ରଥମ ଡିଭିଜନରେ ୪୯, ଦ୍ୱିତୀୟରେ ୬୭ ଓ ତୃତୀୟରେ ୧୬୨ ଛାତ୍ରୀ ପାସ୍ କରିଛନ୍ତି। ଜିଲାରେ ଚଳିତ ବର୍ଷ ପାସ୍ ହାର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ରହିଥିବାରୁ ଅଭିଭାବକ ଓ ଜିଲାବାସୀ ଖୁସି ବ୍ୟକ୍ତ କରିଛନ୍ତି।



ରାହୁଲ ସାଗର କୁଣ୍ଡୁ

# କନିଷ୍ଠ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମାଲକାନଗିରି,୨୨।୫ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ା ଭବନରେ ଗ୍ରୀଷ୍ମକାଳୀନ କନିଷ୍ଠ ବର୍ଗ ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବି. ରବିକିରଣ, କୋଚ୍ ଲକ୍ଷ୍ମୀକାନ୍ତ ପୂଜାରୀ, ବାଲିମେଳା କୋଚ୍, କ୍ରୀଡ଼ାବିତ୍‌ମାନଙ୍କୁ ୨ସପ୍ତାହ ଧରି ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଦିନ କ୍ରୀଡ଼ାବିତମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୧ ବର୍ଷରୁ ୧୨ ବର୍ଷର ପ୍ରତିଯୋଗୀଙ୍କ ମଧ୍ୟରେ ଉଇନର ଅନସିତ୍ ପାଣିଗ୍ରାହୀ, ଉଇନର ଆଦିତ୍ୟ ବର୍ଦ୍ଧନ ମଣ୍ଡଳ, ସେହିପରି ୧୩ ବର୍ଷ ମଧ୍ୟରେ ଉଇନର ଆୟୁଷ କୁମାର ସାହା, ଉଇନର ଭାବେ ସ୍ୱୟଂ ସତ୍ୟମ୍ ବେହେରା, ୧୫ ବର୍ଷ ମଧ୍ୟରେ ଉଇନର ନମନ କୁମାର ବରାଡ, ଉଇନର ଅଭୟରାଜ ମଣ୍ଡଳ, ୧୬ ବର୍ଷ ପ୍ରତିଯେଗୀଙ୍କ ମଧ୍ୟରେ ଉଇନର ଶୁଭମ୍ ବଟେ, ଉଇନର ଶୁଭ୍ରାଂଶୁ ଶେଖର ଦଳେଇ, ସେହିପରି ବାଳିକାମାନଙ୍କ ମଧ୍ୟରେ ଉଇନର ଦୀପ୍ତା ଦିଗ୍ବାସା ସାହୁ ଓ ଶୁଭଶ୍ରୀ ହୋଇଛନ୍ତି। ଏମାନଙ୍କୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ପ୍ରୀତପଲ ସିଂ ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଶନ ସଭ୍ୟ ଅଶୋକ ସାହୁ, ଅଜିତ ସାହୁ ଓ ଅଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କ୍ରୀଡାବିତ୍ ।

# ଅଣସ୍ୱୀକୃତିପ୍ରାପ୍ତ କମ୍ପାନୀର ବିହନ ବିକ୍ରି ରୋକିବାକୁ ଗୁରୁତ୍ୱ

ନବରଙ୍ଗପୁର,୨୨।୫(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କୃଷି ବିଭାଗ ତରଫରୁ ସ୍ୱୀକୃତିପ୍ରାପ୍ତ ବିହନ ଉତ୍ପାଦନକାରୀ କମ୍ପାନୀଙ୍କ ପ୍ରତିନିଧିଙ୍କୁ ନେଇ ଏକ ଜରୁରୀ ବୈଠକ ନବରଙ୍ଗପୁର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ବିହନ କମ୍ପାନୀଙ୍କ ୩୫ ଜଣ ପ୍ରତିନିଧି ସହ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ପ୍ରତିନିଧି ପ୍ରଣୟ କୁମାର ମନ୍ତ୍ରୀ, ନବରଙ୍ଗପୁର କୃଷି ଜିଲା ଅଧିକାରୀ, ପାପଡ଼ାହାଣ୍ଡି, ଉମରକୋଟର କୃଷି ଯୋଜନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ଖରିଫ ଋତୁ-୨୦୨୫ ନିମନ୍ତେ ଚାଷୀମାନଙ୍କୁ ଉନ୍ନତମାନର ବିହନ ଅଧିକୃତ ବିହନ କମ୍ପାନୀଙ୍କ ଦ୍ୱାରା ଲ୍ୟାମ୍ପସ ଏବଂ ସ୍ୱୀକୃତିପ୍ରାପ୍ତ ବିହନ ବ୍ୟବସାୟୀଙ୍କୁ ଠିକ ସମୟରେ ଯୋଗାଇ ଦେବା ନିମନ୍ତେ ଗୁରୁତ୍ୱ ଦିଆଯାଇଥିଲା। ଜିଲାରେ ଧାନ ଓ ମକା ମୁଖ୍ୟ ଚାଷ ହୋଇଥିବାରୁ ଏବଂ ଚାଷୀଙ୍କ ଦ୍ୱାରା ସଙ୍କର ଜାତୀୟ ବିହନ ପ୍ରତି ଅଧିକ ଆଗ୍ରହ ଥିବାରୁ ଚାଷୀଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଇ ବିହନ ଯୋଗାଣ କାର୍ଯ୍ୟପନ୍ଥା ସ୍ଥିର କରାଯାଇଥିଲା। ଅଣସ୍ୱୀକୃତିପ୍ରାପ୍ତ କମ୍ପାନୀଙ୍କ ବିହନ କୌଣସି ପରିସ୍ଥିତିରେ ବିକ୍ରୟ କରାଯିବ ନାହିଁ। ଯଦି କୌଣସି ସ୍ଥାନରେ ଅନିୟମିତତା ପରିଲକ୍ଷିତ ହୁଏ, ତେବେ ନିୟମ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଲାରେ ଚଳିତ ଖରିଫ ଋତୁରେ ୬୯୦୦୦ ହେକ୍ଟର ଜମିରେ ସଙ୍କର ଜାତୀୟ ମକା ଚାଷ ହେବ । ୪୫୦୦୦ ହେକ୍ଟର ଜମିରେ ସଙ୍କର ଜାତୀୟ ଧାନ ଚାଷ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସ୍ୱୀକୃତିପ୍ରାପ୍ତ କମ୍ପାନୀଙ୍କ ତରଫରୁ ଉନ୍ନତମାନର ବିହନ ଠିକ୍ ସମୟରେ ସୁଲଭ ମୂଲ୍ୟରେ ଚାଷୀଙ୍କ ପାଖରେ ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲା ଓ ବ୍ଲକ୍‌ସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଗଠନ କରାଯାଇଛି। ଯେଉଁମାନେ ଜିଲାରେ ଯେ କୌଣସି ସାର,ବିହନ,କୀଟନାଶକ ଯେକୌଣସି ଅଧିକୃତ ବିକ୍ରେତାଙ୍କ ଦୋକାନରେ ବିକ୍ରି କରୁଥିବେ ବିନା ନୋଟିସରେ ଚଢାଉ କରି ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି।

# ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗ

ଡାବୁଗାଁ, ୨୨।୫ (ପ୍ରଜ୍ଞାରଞ୍ଜନ ପରିଡା)

ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଗୁରୁବାର ନବରଙ୍ଗପୁର ଜିଲା ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଯୁବକ ଚନ୍ଦନ ଭତ୍ରାଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

ସୂଚନା ଅନୁଯାୟୀ, ଡାବୁଗାଁ ଥାନା ଅଞ୍ଚଳର ଜଣେ ୨୨ ବର୍ଷୀୟ ଯୁବତୀଙ୍କ ୨୦୧୯ରେ ସେହି ଗ୍ରାମର ଚନ୍ଦନ ଭତ୍ରାଙ୍କ ସହ ବନ୍ଧୁତା ସ୍ଥାପନ ହୋଇଥିଲା। ପରେ ୨ ଜଣଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଚନ୍ଦନ ବିବାହର ପ୍ରଲୋଭନ ଦେଇ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ଏକଥା କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଚନ୍ଦନ ଯୁବତୀଙ୍କୁ ଭୟ ଦେଖାଇ ବାରମ୍ବାର ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଜଣକ ଗର୍ଭବତୀ ହେବା ନେଇ ଚନ୍ଦନ ଜାଣିବା ପରେ ଜବରଦସ୍ତି ଔଷଧ ଖୁଆଇ ଗର୍ଭପାତ କରାଇଥିଲେ । ତେବେ ଚନ୍ଦନ ଅନ୍ୟ ଜଣେ ଯୁବତୀକୁ ବିବାହ କରିବା ଖବରପାଇ ଯୁବତୀ ଜଣଙ୍କ ଚନ୍ଦନଙ୍କ ଘରକୁ ଯାଇ ବିବାହ କରିବାକୁ କହିଥିଲେ। ଏହାପରେ ଚନ୍ଦନ ଯୁବତୀଙ୍କୁ ନିଜ ଘରେ ରଖି ସ୍ୱାମୀ ସ୍ତ୍ରୀ ଭାବେ ରହିଥିଲେ। ଏହାର କିଛିଦିନ ପରେ ଚନ୍ଦନ ଯୁବତୀଙ୍କୁ ଆଣି ତାଙ୍କ ଘରେ ଛାଡି ଚାଲି ଯାଇଥିଲେ। ପରେ ଗ୍ରାମରେ ବୈଠକ କରାଯାଇ ଚନ୍ଦନ ଯୁବତୀଙ୍କୁ ନିଜ ଘରକୁ ନେବେ ବୋଲି କହିଥିଲେ ମଧ୍ୟ ନେଇନଥିଲେ। ଗତ ୧୩ ତାରିଖ ସନ୍ଧ୍ୟାରେ ଚନ୍ଦନ ଯୁବତୀଙ୍କ ଘରକୁ ଆସି ନେଇଯିବେ ବୋଲି କହିଥିଲା। କିନ୍ତୁ ରାତ୍ର ୧୧ଟା ୩୦ରେ ଚନ୍ଦନ ଯୁବତୀଙ୍କୁ ଘରର ବାଡି ପଛକୁ ନେଇ ବେକ ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଯୁବତୀ ଜଣକ ପାଟି କରିବାରୁ ପରିବାର ଲୋକେ ପହଞ୍ଚି ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଏ ନେଇ ପିଡିତା ଗୁରୁବାର ସନ୍ଧ୍ୟାରେ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏ ନେଇ କେସ ନଂ ୧୧୪/୨୫ରେ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ଯୁବକ ଚନ୍ଦନଙ୍କୁ ଥାନାରେ ଅଟକ ରଖିଛି। ଯୁବତୀଙ୍କୁ ଡାବୁଗାଁ ସ୍ୱଧାର ଗୃହରେ ରଖାଯାଇଛି। ଶୁକ୍ରବାର ଯୁବତୀ ଓ ଚନ୍ଦନଙ୍କ ଡାକ୍ତରୀ ମାଇନା କରାଯିବ ବୋଲି ସବଇନିସ୍ପେକ୍ଟର ଚନ୍ଦନ ସାହୁ କହିଛନ୍ତି।

# ନିମ୍ନମାନର ରାସ୍ତା ନିର୍ମାଣ: କାମ ବନ୍ଦ କଲେ ଗ୍ରାମବାସୀ

କୋରୁକୋଣ୍ଡା,୨୨।୫(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ପୁରୁଣା ଚିତାପାରିଠାରୁ ଚିତାପରି-୪ ପର୍ଯ୍ୟନ୍ତ ୨.୫ କି.ମି. ରାସ୍ତା ନିର୍ମାଣ କାର୍ଯ୍ୟ ଦୀର୍ଘ ଦିନ ପରେ ଆରମ୍ଭ ହୋଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସୂଚନା ଅନୁସାରେ ନୂତନ ରାସ୍ତା ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପ୍ରାୟ ୧ କୋଟି ୪ ଲକ୍ଷ ୫୨ ହଜାର ଟଙ୍କା ବ୍ୟୟରେ ବିଭାଗ ପକ୍ଷରୁ କାମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ପିଚୁ କାମ ହେଉଥିବା ବେଳେ ତାହା ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ କାମ ବନ୍ଦକରି ଦେଇଛନ୍ତି। ସ୍ଥାନୀୟ ସରପଞ୍ଚଙ୍କ ସମେତ ଉକ୍ତ ଅଞ୍ଚଳର ବହୁ ଗ୍ରାମବାସୀ ଏ ନେଇ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଇସାକ୍ ଖୋସ୍‌ଲା, ସରପଞ୍ଚ ଦଇମତି ପଡିଆମି ଏବଂ କାର୍ଯ୍ୟ ଦାୟିତ୍ୱରେ ଥିବା କନିଷ୍ଠଯନ୍ତ୍ରୀଙ୍କୁ ଅବଗତ କରାଇବା ସହ କାର୍ଯ୍ୟସ୍ଥଳକୁ ଆସି ଅନୁଧ୍ୟାନ କରିବାକୁ ଡାକିଥିଲେ। ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟ ବନ୍ଦ କରିବା ସହ ଉନ୍ନତମାନର କାମ କରିବାକୁ ଗ୍ରାମବାସୀ ଅନୁରୋଧ କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଉକ୍ତ ରାସ୍ତାରେ ଯେଉଁ ପିଚୁ ପଡୁଛି ଗରମ ବଦଳରେ ଥଣ୍ଡା ଥିବା ନେଇ କନିଷ୍ଠଯନ୍ତ୍ରୀଙ୍କୁ ଦେଖାଇଥିଲେ । ଗ୍ରାମବାସୀଙ୍କ କହିବା ଅନୁଯାୟୀ, କାମରେ ବ୍ୟବହାର ନିମନ୍ତେ ଟିମ୍ବ ପିଚୁ ମିଶାଇ ପ୍ରାୟ ୧୦୦କି.ମି.ରୁ ଅଧିକ ଦୂର ଜୟପୁର ନିକଟ ଆମ୍ବାଗୁଡ଼ାରୁ ଅଣାଯାଉଥିବା ନେଇ ଯନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ଅଧିକାରୀମାନେ ମଧ୍ୟ ଏହାକୁ ସ୍ୱୀକାର କରିଥିଲେ।

ସୂଚନାଯୋଗ୍ୟ, ବିଭାଗ ପକ୍ଷରୁ ଉକ୍ତ ରାସ୍ତା ନିମନ୍ତେ ୨୦୨୩ରେ ଟେଣ୍ଡର ହୋଇଥିଲା। ପ୍ରକ୍ରିୟା ସରିବା ପରେ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଏହାକୁ ନିର୍ମାଣ କରିବାକୁ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ବିଭାଗୀୟ

ଅଧିକାରୀଙ୍କ ଅବହେଳା ଯୋଗୁ ଏପରି କାର୍ଯ୍ୟ ହେଉଥିବା ଗ୍ରାମର ସୋନୁ କବାସୀ, ବକ୍ସି ଦଳପତି, ରାମା ମାଢ଼ି, ଗଙ୍ଗାଧର ପଡିଆମି ଓ ଶରତ ପଡିଆମି, ମାଲା ମାଢ଼ି, ଇର୍ମା ପଡିଆମି, ଦେବା ମାଢ଼ି, ଲକ୍ଷ୍ମଣ ଖିଲ, ସମା ପଡିଆମି ଓ ଇର୍ମା କବାସୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ଭୋଳାନାଥ ସେଠୀଙ୍କୁ ପଚାରିବାରୁ ୬୦କି.ମି.ଦୂରରୁ ପିଚୁ ଅଣାଗଲେ ତା'ର ଉତ୍ତାପ ଠିକ୍ ରହିବ । ନିର୍ମାଣରେ ଉପଯୋଗୀ ହୋଇପାରିବ ବୋଲି ସେ କହିଛନ୍ତି । ଏଣୁ ଉକ୍ତ ରାସ୍ତାକାମର ତଦନ୍ତ କରାଯିବ। ଯଦି କାମ ଖରାପ ହୋଇଥାଏ ତେବେ ପୁନର୍ବାର କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସୁଜାତା ଦିସାରିଙ୍କୁ ପଚାରିବାରୁ ଏସ୍‌ଡିଓ ଯାଇ କାମ ଅନୁଧ୍ୟାନ କରିଥିଲେ। କିଛି ସ୍ଥାନରେ ମୋଟେଇ କମ ଥିବା ସେ କହିଥିଲେ। କାର୍ଯ୍ୟସ୍ଥଳରୁ ମାତ୍ର ୬୦କି.ମି.ଦୂରରୁ ପିଚୁ ଆଣିବା କଥା ହେଲେ ଉକ୍ତ ଠିକାଦାରଙ୍କ ଜିଲାର ଏକା ସଙ୍ଗେ ୩ ରୁ ଅଧିକ ସ୍ଥାନରେ ରାସ୍ତା କାମ ଚାଲିଥିବାରୁ ଏଠାରେ କେହି ପିଚୁ ଯୋଗାଇ ଦେଇପାରିଲେ ନାହିଁ । ଏଣୁ ବାହାରୁ ଆଣି ପକାଇବାକୁ ପଡୁଛି ବୋଲି ଠିକାଦାର କହିଥିବା କଥା ଅଧିକାରିଣୀ କହିଥିଲେ। ୩ରୁ ୪ଦିନ ପରେ ଉକ୍ତ କାର୍ଯ୍ୟର ତଦନ୍ତ କରାଯିବ। ଯଦି ନିମ୍ନମାନର ହୋଇଥାଏ, ତେବେ ପୁଣି ନୂତନ ଭାବେ କାମ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି ଦିସାରି କହିଥିଲେ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା-୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, May 23/2025 | Page 16 | ₹ 7.00 | RAYAGADA

୫୧ଶ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 177 | ମୂଲ୍ୟ ₹୭/-

*Admission Going on for +2 1st Yr. Sc.(CHSE & CBSE), JEE & NEET - 2025-26*

TETRAHEDRON GROUP OF INSTITUTIONS, TANGI, CUTTACK

# TETRAHEDRON
## GROUP OF INSTITUTIONS

Tangi,Cuttack, For Admission Contact : 8093064522, 8093064525,9040363480, 7008222977

## OUR CHSE RESULT -2025

99% 1st Division

RESULT : 99.7%
ABOVE 95% : 13
ABOVE 560 : 51
ABOVE 90% : 185
ABOVE 89% : 229
ABOVE 88% : 280
ABOVE 85% : 446
ABOVE 500 : 534
ABOVE 80% : 712
ABOVE 75% : 902
ABOVE 70% : 1023
ABOVE 60% : 1120

581
ABINASH PANDA
R. NO. : 312CZ142
MOB. : 8926374475

578 ANUNJAYA R.NO. : 312CZ044 M. : 9937820270
575 HARAPRASAD R.NO. : 312CZ052 M. : 9777635809
574 ANANYA ANUPRITA R.NO. : 321CZ001 M. : 6372522094
574 ANANYA R.NO. : 321CZ018 M. : 9178552089
574 PRIYADARSHINI R.NO. : 321CZ020 M. : 8456010982
574 RUTUPURNA R.NO. : 321CZ025 M. : 8908000397
573 ASHUTOSH R.NO. : 312CZ009 M. : 7008710810
573 SWARNA PRAVA R.NO. : 321CZ002 M. : 9348538749
572 SOUMYAK R.NO. : 312CZ015 M. : 6372996292
572 SANDEEP R.NO. : 312CZ021 M. : 9438775289
571 PRIYANKA R.NO. : 321CZ016 M. : 8328937059
570 SWAYAM R.NO. : 312CZ039 M. : 9583495922

569 ARPIT R.NO. : 312CZ011 M. : 7894911960
568 SUBHALAXMI R.NO. : 321CZ017 M. : 6371705857
568 BHAGYASHREE R.NO. : 321CZ509 M. : 9853578058
568 SWAYAMSHREE R.NO. : 321CZ510 M. : 9827872997
567 SATYAJIT R.NO. : 312CZ010 M. : 7978274905
567 SUBHASHREE SUBHASMITA R.NO. : 321CZ068 M. : 7978768887
567 ASHASRI R.NO. : 321CZ111 M. : 9237473625
566 SAI ARPIT R.NO. : 312CZ118 M. : 8917543238
566 RUMITA R.NO. : 321CZ024 M. : 9178152840
565 SUBHAM HARAPRIYA R.NO. : 312CZ033 M. : 9668325122
564 SHUBHAM R.NO. : 312CZ007 M. : 9937533036
564 SUBHANKAR R.NO. : 312CZ026 M. : 7064837405

564 BABUL R.NO. : 312CZ093 M. : 7381834918
564 PRAGYNA PARMITA R.NO. : 321CZ065 M. : 9937431840
564 BINODINI R.NO. : 321CZ072 M. : 9438279824
564 TANUSHREE R.NO. : 321CZ082 M. : 8457958145
563 MOHIT R.NO. : 312CZ003 M. : 7042591220
563 RUTENDRA R.NO. : 312CZ005 M. : 8376946436
563 RAJESH R.NO. : 312CZ008 M. : 9437824159
563 CHINMAYA R.NO. : 312CZ097 M. : 7750985855
563 RUDRA NARAYAN R.NO. : 312CZ104 M. : 7908558686
563 PRIYANKA R.NO. : 321CZ039 M. : 9883320962
563 ANANYA R.NO. : 321CZ063 M. : 7894879290
563 RASHMITA R.NO. : 321CZ122 M. : 8249824883
562 DIBYAJYOTI R.NO. : 312CZ086 M. : 9692268696

562 JYOTI RANJAN R.NO. : 312CZ153 M. : 9861434928
561 SITANSHU R.NO. : 312CZ105 M. : 9178515603
561 PRITISMITA R.NO. : 321CZ007 M. : 9861306001
561 PRIYANSHA R.NO. : 321CZ010 M. : 8961657265
561 SOUVAGYALAXMI R.NO. : 321CZ022 M. : 9658552663
561 PRAVASINI R.NO. : 321CZ173 M. : 9348692263
560 TANMAY R.NO. : 312CZ006 M. : 9439099339
560 RAJESH R.NO. : 312CZ145 M. : 8328867688
560 SOUMYA RANJAN R.NO. : 312CZ158 M. : 9938372676
560 PRATEEK R.NO. : 312CZ234 M. : 9777204680
560 RUDDHI SWASTIK R.NO. : 312CZ581 M. : 7539031933
560 SUBHASMITA R.NO. : 321CZ011 M. : 8338816946
560 PRANGYA R.NO. : 321CZ511 M. : 6370197299

## We are expecting 140 to 180 Govt. MBBS Admissions in 2025

71 MBBS IN 2024 | 54 MBBS IN 2023

We are expecting 10 to 20 IIT '& NIT Admissions in 2025

## OUR ACHIEVERS IN AIIMS

710 AIIMS,BBSR(2024) KAMALAKANTA Mob. : 8249906661
700 AIIMS,RAIPUR(2024) RAHUL M. : 6372741832
697 AIIMS,DELHI(2021) SUSHREE SANGITA Mob. : 9810975701
695 AIIMS,GRORAKHAPUR(2024) OMM PRAKASH M. : 6372521307

695 SWAGATIKA M. : 7381845430 AIIMS GORAKHAPUR(2024)
680 DEVASIS SAHOO Mob. : 9861492793 AIIMS BBSR(2021)
675 ASHIRBAD BISWAL Mob. : 7846821473 AIIMS GORAKHPUR(2023)
670 ADITYA NARAYAN M. : 8260333635 AIIMS MADURAI(2024)
670 ANUPAM NAYAK Mob. : 7205755502 AIIMS KALYANI (2023)
665 SATYAJIT NAYAK Mob. : 8260601336 AIIMS RAIPUR(2022)

## Qualifying & Scholarship Test for NEET :

25th May, 1st June and 9th June 2025 (any one)
Exam from 11am. to 2.00pm. (Reporting at 10.00am.)
FOR ONLINE REGISTRATION VISIT OUR WEBSITE : https://neet.tetrahedroncoaching.com

### Name of the Exam Centres :

| TETRAHEDRON | TETRAHEDRON | OASIS | SRIRAM HIGHER | ARYAVAT | SANDILYA |
|---|---|---|---|---|---|
| Group of Institutions | Coaching | Gopabandhu Square | Secondary School | Higher Secondary School | College of Science |
| Tangi, Cuttack | Arunodaya Nagar, Cuttack | Bhubaneswar | Soro, Near NH-16,Balasore | Soubhagya Nagar, Angul | Dehuripali, Budharaja,Sambalpur |
| M. : 9040363480 | M. : 8093064572 | M. : 8093064525 | M. : 8093664112 | M. : 9348300700 | M. : 9040363480 |

One Year NEET Coaching Starts from 29th May, 4th June & 22nd June 2025

# TETRAHEDRON
HIGHER SECONDARY SCHOOL
WOMEN'S HIGHER SECONDARY SCHOOL
RESIDENTIAL COACHING FOR NEET & JEE

www.tetrahedroncoaching.com

# କ୍ଷୀର ଉତ୍ପାଦନ କ୍ଷେତ୍ରରେ ବହୁ ପଛରେ ନବରଙ୍ଗପୁର ଜିଲ୍ଲା

ନବରଙ୍ଗପୁର,୨୨।୫ (ସଦାଶିବ ପ୍ରହରାଜ)


ଗାଈ, ବାଛୁରୀ ସହ ଗୋପାଳକ।

ନବରଙ୍ଗପୁର ଜିଲାରେ କ୍ଷୀର ଉତ୍ପାଦନ ବୃଦ୍ଧି ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ତେବେ ଗୋପାଳନ, କ୍ଷୀର ଉତ୍ପାଦନ ଓ ବଜାର ବ୍ୟବସ୍ଥାକୁ ଦୃଷ୍ଟିକୁ ନେଲେ ନବରଙ୍ଗପୁର ଜିଲା ବହୁ ପଛରେ ରହିଛି। ଗ୍ରାମାଞ୍ଚଳରେ ବଜାର ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ବଜାର ବ୍ୟବସ୍ଥା ରହିଥିଲେ ମଧ୍ୟ ଉପଭୋକ୍ତା ସଂଖ୍ୟା କମ୍ ଥିବାରୁ ଚାହିଦାଠାରୁ କମ୍ କ୍ଷୀର ଉତ୍ପାଦନ ହେଉଛି। ତେଣୁ ବାହାର ରାଜ୍ୟର କ୍ଷୀର ବଜାର ନବରଙ୍ଗପୁର ଜିଲାକୁ କବ୍ଜା କରି ରଖିଛି ।

ଜିଲାରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗାଈ ପାଳନ ପାଇଁ ଅନୁସୂଚିତ ଜାତି ଜନଜାତି, ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ୬୦ ପ୍ରତିଶତ ଓ ସାଧାରଣ ବର୍ଗଙ୍କ ପାଇଁ ୫୦ ପ୍ରତିଶତ ରିହାତି ରହିଛି । ୨୦୨୪-୨୫ ବର୍ଷ ନବରଙ୍ଗପୁର ଜିଲାକୁ ୫୬ଟି ଟାର୍ଗେଟ ଥିବାବେଳେ ପ୍ରଶାସନ ପକ୍ଷରୁ ୧୦୯ଜଣଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି । ସେଥିମଧ୍ୟରୁ ୪୫ ଜଣଙ୍କୁ ୮୦ ଲକ୍ଷ ଟଙ୍କା ରିହାତି ପାଇସାରିଛନ୍ତି ବୋଲି ଜିଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀ ରାଧେଶ୍ୟାମ ନାଏକ କହିଛନ୍ତି । ଘାସ ଉତ୍ପାଦନ ପାଇଁ ୩୯ ଏକର ଲକ୍ଷ୍ୟ ଧାର୍ଯ୍ୟ ରହିଥିଲା ବେଳେ ୨୯ ଏକର ଘାସ ଚାଷ ହୋଇଛି। ଏକର ପିଛା ୩୫ ହଜାର ଟଙ୍କା ତିନୋଟି ପର୍ଯ୍ୟାୟରେ ରିହାତି ଯୋଗାଇ ଦିଆଯାଉଛି । ତେବେ ୪ ଜଣ ଚାଷୀ ରିହାତି ଟଙ୍କା ପାଇଁ ସାରିଛନ୍ତି। ସଙ୍କର ଜାତୀୟ ମାଈ ବାଛୁରୀକୁ ଜନ୍ମର ୩ ମାସରୁ ଗାଈ ହେବା ପର୍ଯ୍ୟନ୍ତ ୫୦ ପ୍ରତିଶତ ରିହାତିରେ ଦାନା ଯୋଗାଇଦିଆଯାଉଛି । ୯ଶହ ମାଈ ବାଛୁରୀ ଟାର୍ଗେଟ ରହିଥିବା ବେଳେ ୨୫୬ ଚାଷୀଙ୍କ ୨୭୨ ବାଛୁରୀକୁ

- ବଜାର ବ୍ୟବସ୍ଥା ନ ଥିବାରୁ ବାହାର ରାଜ୍ୟର କ୍ଷୀର କରିଛି କବ୍ଜା
- ଗୋପାଳନ, କ୍ଷୀର ଉତ୍ପାଦନ ବୃଦ୍ଧି ପାଇଁ ପ୍ରଶାସନର ଉଦ୍ୟମ

ଦାନା ଦେବା ବ୍ୟବସ୍ଥା କରାଯାଇଛି। ତେବେ ଜିଲାରେ କ୍ଷୀର ଉତ୍ପାଦନ ପରିମାଣ ଆଶାଜନକ ହୋଇପାରୁନାହିଁ ।

ଜିଲାରେ ୨୦୨୩-୨୪ରେ ୨୨ ହଜାର ଲିଟର କ୍ଷୀର ଉତ୍ପାଦନ ଥିବାବେଳେ ୨୦୨୪-୨୫ରେ ଏହା ୧ ହଜାର ଲିଟରକୁ ବୃଦ୍ଧି ପାଇ ୨୩ ହଜାର ଲିଟରକୁ ପହଞ୍ଚିଛି। ଅନ୍ୟ ରାଜ୍ୟ ଓ ଜିଲା ଭଳି ନବରଙ୍ଗପୁର ଜିଲାରେ କ୍ଷୀର ପିଇବା, ଦହି, ଛେନା ଓ ଘିଅର ବ୍ୟବହାର କମ୍ ରହିଛି। ସହରାଞ୍ଚଳରେ ଖୋଲା ବଜାରରେ ବିକ୍ରି ହେଉଥିବା ଗାଈ କ୍ଷୀର ଲିଟର ପିଛା ୫୦ ଟଙ୍କାରେ ବିକ୍ରି ହେଉଥିବାବେଳେ ଓମ୍‌ଫେଡ୍ ଚାଷୀଙ୍କଠାରୁ ଲିଟର ପିଛା ୩୨ ଟଙ୍କାରେ କ୍ଷୀର ନେଉଛି, ଯାହାକି ଅତି କମ୍ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଗାଈକୁ ଖାଇବାକୁ ଦେବା, ଚିକିତ୍ସା ଓ ସେବାକୁ ଆଧାର କରି କ୍ଷୀର ଦାମ ଅତି କମ ରହୁଥିବା ଚାଷୀ କହୁଛନ୍ତି। ଅନ୍ୟପକ୍ଷରେ ଗ୍ରାମାଞ୍ଚଳ ତଥା ଜିଲାର ସମସ୍ତ ବ୍ଲକ୍ ଅଞ୍ଚଳରୁ ଓମ୍‌ଫେଡ୍ ଓ କୌଣସି ଘରୋଇ ସଂସ୍ଥା ମଧ୍ୟ କ୍ଷୀର ନେଉନାହାନ୍ତି । ବଜାର ବ୍ୟବସ୍ଥା ନ ଥିବାରୁ ହୋଟେଲ ଓ ଗାଁ ବଜାରରେ କମ୍ ମୂଲ୍ୟରେ ଚାଷୀ କ୍ଷୀର ବିକ୍ରି କରିବାକୁ ବାଧ ହେଉଥିବା କହିଛନ୍ତି। ଜିଲାରେ ଓମ୍‌ଫେଡ୍ ବ୍ୟତୀତ ବାହାର ରାଜ୍ୟର ପ୍ୟାକେଟ କ୍ଷୀର ବିକ୍ରି ହେଉଛି । ତେବେ ନିୟମିତ ଭାବେ ଓମ୍‌ଫେଡ୍‌କୁ କ୍ଷୀର ପ୍ରଦାନ କରୁଥିବା ଲୋକଙ୍କ ଲିଟର ପିଛା ୫ ଟଙ୍କା ଅଧିକ ପ୍ରଦାନ କରାଯାଉଛି । ବିଭିନ୍ନ କାରଣରୁ ନିୟମିତ କ୍ଷୀର ପ୍ରଦାନ କରି ନ ପାରିବା ଯୋଗୁ ଅନେକ ଚାଷୀ ତାହାର ସୁଫଳ ଉଠାଇ ପାରୁନାହାନ୍ତି ।

# ଦାଦନ ଖଟିବାକୁ ଯାଇ ବିଶାଖାପାଟଣାରେ ଶ୍ରମିକ ନିଖୋଜ

ଉମରକୋଟ,୨୨।୫ (ସନ୍ତୋଷ ଶତପଥୀ)


ନିଖୋଜ ଶ୍ରମିକ ।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ୍ ଅନ୍ତର୍ଗତ ବେନରା ଗ୍ରାମର ଜଣେ ଶ୍ରମିକ ବିଶାଖାପାଟଣାକୁ ଦାଦନ ଖଟିବାକୁ ଯାଇ ୪ ଦିନ ହେଲା ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ନିଖୋଜ ଶ୍ରମିକ ହେଲେ ବନ ସିଂ ହରିଜନ (୫୫)। ବନ ସିଂଙ୍କ ପୁଅ ଗୁରୁବାରୁ ହରିଜନଙ୍କ କହିବା ଅନୁଯାୟୀ, ଘରେ କାହାକୁ କିଛି ନ ଜଣାଇ ବନ ସିଂ ଶୁକ୍ରବାର ସନ୍ଧ୍ୟାରେ ବିଶାଖାପାଟଣା ଯାଇଥିଲେ ଓ ଶନିବାର ସକାଳେ ସେଠାର ପହଞ୍ଚିଥିଲେ। ମାଲକାନଗିରିର ଜଣେ ଦଲାଲଙ୍କ ଦ୍ୱାରା ବିଶାଖାପାଟଣାର କୌଣସି ବିଲ୍ଡିଂ ନିର୍ମାଣ କାର୍ଯ୍ୟରେ ଶ୍ରମିକ ଭାବେ ଯୋଗଦେଇଥିଲେ। ତେବେ ରବିବାର ସକାଳ ୪ ଟାରେ ବନ ସିଂ ଶୌଚହେବାକୁ ଯାଉଥିବା କହି ଆସିଥିଲେ ହେଲେ ଆଉ କ୍ୟାମ୍ପକୁ ଫେରି ନ ଥିଲେ। ତେବେ ଅନ୍ୟ ଶ୍ରମିକମାନେ ସେଠାରେ ବହୁ ଖୋଜାଖୋଜି କରିବା ପରେ ବି ବନ ସିଂଙ୍କ କୌଣସି ଖୋଜ ଖବର ମିଳିପାରି ନ ଥିଲା। ତେବେ ବନ ସିଂଙ୍କ ସହ ଯାଇଥିବା ଅନ୍ୟ ଜଣେ ଶ୍ରମିକ ଗୁରୁବାରୁକୁ ଫୋନ କରି ବାପା ନିଖୋଜ ଥିବା ସୂଚନା ପ୍ରଦାନ କରିଥିଲେ। ବାପାଙ୍କୁ ଖୋଜିବା ପାଇଁ ଗୁରୁବାର ଗୁରୁବାରୁ ବିଶାଖାପାଟଣା ଯିବେ ବୋଲି କହିଛନ୍ତି।

# ମହିମା ଧର୍ମର ବାନା ମନ୍ଦିର ପ୍ରତିଷ୍ଠା


କଳସଯାତ୍ରା ପାଇଁ ନଦୀକୂଳରେ ପୂଜାର୍ଚ୍ଚନା କରାଯାଉଛି।

ଡାବୁଗାଁ,୨୨।୫ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ମେଦନା ଗ୍ରାମରେ ମହିମା ଧର୍ମର ନୂତନ ବାନା ମନ୍ଦିର ପ୍ରତିଷ୍ଠା ପାଇଁ ଗୁରୁବାର କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଶାନ୍ତି ମୈତ୍ରୀ ପାଇଁ ବୈଦିକ ସତ୍ୟ ସନାତନ ମହିମା ଧର୍ମ ଦୀକ୍ଷିତ ଭକ୍ତଙ୍କ ସମାଗମରେ ବକ୍କଳଧାରୀ ବ୍ରହ୍ମ ଅବଧୂତ ଅନାଦି ବାବା, ଡମ୍ବରୁ ବାବା, ରାମଚନ୍ଦ୍ର ବାବାଙ୍କ ସଭାପତିତ୍ୱରେ ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ କରାଯାଇଛି। ଗୁରୁବାର ସକାଳ ୧୦ରେ ନଦୀକୂଳରୁ ଜଳ ସଂଗ୍ରହ ସହ ମନ୍ଦିର ପିଠରେ ଶୁଭ ଅନୁକୂଳ କଳସ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରୁ ଅହରାତ୍ର ବ୍ୟାପି ମହିମା ଧର୍ମର ନାମ ଧ୍ୱନିରେ ଘିଅ ସମର୍ପଣ ସହ ଯଜ୍ଞ କାର୍ଯ୍ୟ ସମ୍ପାଦନ ହେଉଛି। ପୂର୍ବତନ ବ୍ଲକ୍ ଚେୟାରମ୍ୟାନ ବଂଶୀଧର ମାଝୀ, ହିରଣ୍ୟ ମାଝୀ ଓ ମେଦନାର ଗ୍ରାମବାସୀ ଓ ଭକ୍ତଙ୍କ ପ୍ରୟାସରେ ବିଶ୍ୱଶାନ୍ତି ପାଇଁ ବୈଦିକ ସତ୍ୟ ସନାତନ ମହିମା ଧର୍ମର ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ କରାଯାଉଛି।

# ରେଡ଼କ୍ରସ୍ ପାଣ୍ଠିର ଆୟ ବୃଦ୍ଧି ଉପରେ ଜିଲାପାଳଙ୍କ ଗୁରୁତ୍ୱ

ନବରଙ୍ଗପୁର,୨୨।୫ (ସଦାଶିବ ପ୍ରହରାଜ)


ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

## ଜିଲା ରେଡ଼କ୍ରସ୍ ଶାଖା ସୋସାଇଟି ବୈଠକ

ନବରଙ୍ଗପୁର ମିଶନ ଶକ୍ତି ସଭାଗୃହରେ ଗୁରୁବାର ଜିଲାସ୍ତରୀୟ ରେଡ଼କ୍ରସ ସୋସାଇଟିର ସାଧାରଣ ବୈଠକ ଭାରତୀୟ ରେଡ଼କ୍ରସ ସୋସାଇଟି, ନବରଙ୍ଗପୁର ଜିଲା ଶାଖା ଅଧ୍ୟକ୍ଷ ତଥା ଜିଲାପାଳ ଡ଼. ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କୁ ରେଡ଼କ୍ରସର ମୌଳିକ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ। ପରେ ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ ୨୦୨୪-୨୦୨୫ ବର୍ଷର ଆୟ ଓ ବ୍ୟୟର ହିସାବ ଉପସ୍ଥାପନା କରିଥିଲେ । ଜିଲାର ବିଭିନ୍ନ ବିଭାଗର ପଦାଧିକାରୀଙ୍କ ସହ ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ଆଶାନୁରୂପ ଶତପ୍ରତିଶତ ରେଡକ୍ରସ ପାଣ୍ଠି ମିଳିଥିବାରୁ ଜିଲାପାଳ ମହାପାତ୍ର ଖୁସିବ୍ୟକ୍ତ କରିଥିଲେ । ଯେଉଁ ଅଧିକାରୀମାନେ ନିର୍ଦ୍ଧାରିତ ଆଶାନୁରୂପକ ରେଡ଼କ୍ରସ ପାଣ୍ଠି ଜମା କରିନାହାନ୍ତି ଅତିଶୀଘ୍ର ଜିଲା ଜରୁରୀ କାଳୀନ ବିଭାଗ ରେ ପାଣ୍ଠି ପଇଠ କରିବା ପାଇଁ ପରାମର୍ଶ ଦେଇଥିଲେ । ଆଜୀବନ ରେଡକ୍ରସ ସଭ୍ୟ ସଂଖ୍ୟା ଆଶାନୁରୂପକ ଭାବେ ବୃଦ୍ଧି ହୋଇ ନ ଥିବାରୁ ଜିଲାପାଳ ଗୃହରେ କ୍ଷୋଭ ପ୍ରକାଶ କରିଥିଲେ । ରେଡ଼କ୍ରସ ପାଣ୍ଠିର ଆୟ ବୃଦ୍ଧି କରିବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଜିଲା ଜରୁରୀକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ଜରୁରୀକାଳୀନ ବିଭାଗ ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ପ୍ରକଳ୍ପ ପ୍ରଶାସକ ପିଏଆଇଟିଡିଏ ରାଜୀବ କୁମାର ସାହୁ, ଜିଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ରାଧାଶ୍ୟାମ ଲାଇକ, ନବରଙ୍ଗପୁର ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସ, ନବରଙ୍ଗପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଉମରକୋଟ ପୌର ପରିଷଦ ନିର୍ବାହୀ ଅଧିକାରୀ ସମରେଶ ମହାନ୍ତି, ଆଲୋକ କୁମାର ଅନୁଗୁଳିଆ, ନବରଙ୍ଗପୁର ପବ୍ଲିକ ସ୍କୁଲର ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପଟ୍ଟନାୟକଙ୍କ ସହ ଜିଲାର ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନର ଅଧକ୍ଷ ଏବଂ ଜଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଭିନ୍ନ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ । ଜିଲା ଜରୁରୀକାଳୀନ ଉପ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଚନ୍ଦନା ମଲ୍ଲିକ ଏହି ବୈଠକକୁ ପରିଚାଳନା କରିଥିଲେ।



# ରେଙ୍ଗାଲି ଡ୍ୟାମ୍‌ରେ ବୁଡ଼ି ୨ ପୁଅ, ମା’ ମୃତ

**ଦେବଗଡ଼, ୨୨।୫ (ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ତଲେଇସର ଗ୍ରାମ ନିକଟ ରେଙ୍ଗାଲି ଡ୍ୟାମ୍‌ରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଦେଶୀ ଡଙ୍ଗାରେ ମାଛ ଧରିବାକୁ ଯାଇଥିବା ଗୋଟିଏ ପରିବାରର ସ୍ତ୍ରୀ ଓ ୨ ପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ସ୍ୱାମୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମୃତକ ହେଲେ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ପୁଡାଡିହି ଗ୍ରାମର ଜ୍ୟୋତ୍ସ୍ନା ପେଣ୍ଢେଇ ଓ ତାଙ୍କ ୨ ପୁଅ ଆୟୁଷ(୬), ରିୟାଂଶ(୪)। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସବୁଦିନ ଭଳି ବୁଧବାର ରାତିରେ ୨ ପୁଅ, ସ୍ତ୍ରୀଙ୍କୁ ନେଇ ପୁଡାଡିହି ଗ୍ରାମର ବୁଲୁ ପେଣ୍ଢେଇ ଏକ ଦେଶୀ ଡଙ୍ଗାରେ ରେଙ୍ଗାଲି ଡ୍ୟାମ୍‌କୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରିବା ପାଇଁ ଜାଲ ପକାଉଥିବାବେଳେ ହଠାତ୍ ଜୋର୍‌ରେ ପବନ ହେବାରୁ ଡଙ୍ଗା ଓଲଟି ପଡ଼ିଥିଲା। ଫଳରେ ସେମାନେ ପାଣିରେ ବୁଡ଼ି ଯାଇଥିଲେ। କିଛି ଘଣ୍ଟା ପରେ ୨ ପୁଅଙ୍କ ମୃତଦେହକୁ ବୁଲୁ ପାଣିରୁ ଉଦ୍ଧାର କରିଥିଲେ। ହେଲେ ଜ୍ୟୋତ୍ସ୍ନାଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ରିଆମାଳ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ଜ୍ୟୋତ୍ସ୍ନାଙ୍କ ମୃତଦେହ କିଛି ଦୂରରେ ଥିବା ଏକ ଜାଲରେ ଛନ୍ଦି ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରି କୂଳକୁ ଆଣିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବୁଲୁଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଖବରପାଇ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସେହିପରି ଦେବଗଡ଼ ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ମତ୍ସ୍ୟ ଅଧିକାରୀ ଏବଂ ରିଆମାଳ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ଦିଆଯିବ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅଧିକ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ଉପଜିଲାପାଳ ସାହୁ କହିଛନ୍ତି।



ତାମିଲନାଡୁର ଡିଣ୍ଡିଗୁଲ ଜିଲା କୋଡ଼ାଇକାନାଲସ୍ଥିତ ମାନ୍ନାଭନୁର ହ୍ରଦ ନିକଟରେ ଗୁରୁବାର ଗୁଡ଼ିଉଡ଼ା ପର୍ବ ପାଳନ ବେଳେ ପ୍ରତିଯୋଗୀମାନେ ରଙ୍ଗବେରଙ୍ଗର ଗୁଡ଼ି ଉଡ଼ାଉଛନ୍ତି।

# ଭୁବନେଶ୍ୱରରୁ ପ୍ରଥମ କୋଭିଡ୍ ସଂକ୍ରମିତ ଚିହ୍ନଟ

**ଭୁବନେଶ୍ୱର, ୨୨।୫ (ବନ୍ଦନା ସେଠୀ)**

ପୁଣି ଫେରିଲା କରୋନା। ବେଶ୍ କିଛିଦିନର ବ୍ୟବଧାନ ପରେ ରାଜଧାନୀ ଭୁବନେଶ୍ୱରରୁ ବୁଧବାର ରାତିରେ ଜଣେ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତ ଜଣକ ୭୫ ବର୍ଷୀୟ ବୃଦ୍ଧ ହୋଇଥିବାବେଳେ ସେ ଦିଲ୍ଲୀଫେରନ୍ତା ବୋଲି ଜଣାପଡିଛି। ଚଳିତବର୍ଷ ରାଜ୍ୟରେ ଏହା ପ୍ରଥମ ଘଟଣା ହୋଇଥିବାରୁ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି। ତେବେ କରୋନାକୁ ନେଇ ଆଦୌ ଭୟଭୀତ ନ ହେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍. ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ମାଇଲ୍‌ଡ ଭାରିଏଣ୍ଟ, ବ୍ୟାପିବା ସମ୍ଭାବନା କମ୍। ରାଜ୍ୟ ସରକାର କୋଭିଡ୍ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି ଓ ଯେକୌଣସି ସ୍ଥିତିର ମୁକାବିଲା ପାଇଁ ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ତେଣୁ କେହି ବ୍ୟସ୍ତ ହୁଅନ୍ତୁ ନାହିଁ। ଆକ୍ରାନ୍ତ ବ୍ୟକ୍ତି ଜଣକ ବହୁବିଧ ରୋଗରେ ପୀଡ଼ିତ ଅଛନ୍ତି। ତେବେ ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି ଏବଂ ସେ ସଙ୍ଗରୋଧରେ ଅଛନ୍ତି। କୋଭିଡ୍‌କୁ ନେଇ ନୂଆ ଗାଇଡ୍‌ଲାଇନ ପାଇଁ ଭାରତ ସରକାରଙ୍କ କୌଣସି ଗାଇଡ୍ ଲାଇନ୍ ଆସିନାହିଁ। ୨୦୨୦-୨୧ରେ କୋଭିଡ୍ ନିୟନ୍ତ୍ରଣ ପରଠାରୁ ଦେଶର ବିଭିନ୍ନ ରାଜ୍ୟରେ କାଁ ଭାଁ କୋଭିଡ୍ ଲକ୍ଷଣ ଥିବା ରୋଗ ଦେଖାଦେଉଛି। ଏହି ରୋଗର ଭୟାବହତାକୁ ପୂର୍ଣ୍ଣ ନିୟନ୍ତ୍ରଣରେ ରଖାଯାଇଛି। ଜନସାଧାରଣଙ୍କ ଟିକାକରଣ ଏବଂ ନିରନ୍ତର ସରକାରୀ ପ୍ରଚେଷ୍ଟା ଯୋଗୁ ଓଡ଼ିଶାରେ କୋଭିଡ୍ ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି। ସେହିପରି କୋଭିଡ୍ ଲକ୍ଷଣ ଥିବା ରୋଗ ସାମ୍ନାକୁ ଆସିଲେ, ସେସବୁ କେସ୍‌କୁ ନିର୍ଦ୍ଧାରିତ ପ୍ରୋଟୋକଲ୍ ଅନୁଯାୟୀ ଚିକିତ୍ସା କରାଯାଉଛି ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ରାଜ୍ୟରେ ପ୍ରଥମ କୋଭିଡ୍ ସଂକ୍ରମଣ ଚିହ୍ନଟ ହେବା ପରେ ଗୁରୁବାର ବିଭାଗୀୟ ଶାସନ ସଚିବ ଏବଂ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ନୂଆ କୋଭିଡ୍ ଭୂତାଣୁ ଚିହ୍ନଟ ନେଇ ବିଭାଗୀୟ ସଚିବଙ୍କୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ରିପୋର୍ଟ ପ୍ରଦାନ କରିଥିଲେ। ଏଥିସହ ସଂକ୍ରମିତ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିଲା। ବୈଠକ ପରେ ଶାସନ ସଚିବ କୋଭିଡ୍‌କୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ ଦେଇଥିଲେ।

# ଇଡି ସବୁ ସୀମା ଲଂଘୁଛି: ସୁପ୍ରିମକୋର୍ଟ

- **ତାମିଲନାଡୁରେ ମଦ ଦୋକାନ ଲାଇସେନ୍ସ ପ୍ରଦାନରେ ୧,୦୦୦ କୋଟିର ଦୁର୍ନୀତି**
- **ଟିଏଏସ୍ଏମ୍ଏସି ବିରୋଧରେ ପିଏମ୍ଏଲ୍ଏ ତଦନ୍ତ ଉପରେ ସ୍ଥଗିତାଦେଶ ଜାରି**

**ନୂଆଦିଲ୍ଲୀ, ୨୨।୫**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସବୁ ସୀମା ଲଂଘୁଛି ଏବଂ ଶାସନର ସଂଘୀୟ ବିଚାରଧାରାର ଉଲ୍ଲଂଘନ କରୁଛି ବୋଲି କହି ଗୁରୁବାର ସୁପ୍ରିମକୋର୍ଟ କେନ୍ଦ୍ରୀୟ ଏଜେନ୍ସିକୁ ଭର୍ତ୍ସନା କରିଛନ୍ତି। ତାମିଲନାଡୁ ସରକାର ପରିଚାଳିତ ଲିକର ରିଟେଲର ଟିଏଏସ୍ଏମ୍ଏସି ପକ୍ଷରୁ ମଦ ଦୋକାନ ଖୋଲିବା ଲାଇସେନ୍ସରେ ଦୁର୍ନୀତି ଅଭିଯୋଗର ମନିଲଣ୍ଡରିଂ ତଦନ୍ତ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଜାରି କରିବା ସହ ଇଡିକୁ ନୋଟିସ କରିଛନ୍ତି। ତାମିଲନାଡୁ ସରକାର ଏବଂ ତାମିଲନାଡୁ ଷ୍ଟେଟ୍ ମାର୍କେଟିଂ କର୍ପୋରେଶନ୍ (ଟିଏଏସ୍ଏମ୍ଏସି) ପକ୍ଷରୁ ଦାଖଲ ପିଟିଶନର ଶୁଣାଣିକରି ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଅଗଷ୍ଟାଇନ୍ ଜର୍ଜ ମନୀଷଙ୍କ ଖଣ୍ଡପୀଠ ମନିଲଣ୍ଡରିଂ ନିରୋଧୀ ତଦନ୍ତକାରୀ ସଂସ୍ଥା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କୁ କହିଛନ୍ତି, ଆପଣଙ୍କ ଇଡି ସବୁ ସୀମା ଲଂଘୁଛି। ଇଡି ଶାସନର ସଂଘୀୟ ବିଚାରଧାରାକୁ ଉଲ୍ଲଂଘନ କରୁଛି। ଟିଏଏସ୍ଏମ୍ଏସି ବିରୋଧରେ ବର୍ତ୍ତମାନ ଇଡି ତଦନ୍ତ ଚାଲିବ ନାହିଁ। ରାଜୁ ଏହାକୁ ବିରୋଧ କରି କହିଥିଲେ, ୧,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏହି ଦୁର୍ନୀତି ପ୍ରସଙ୍ଗରେ ତଦନ୍ତ ବେଳେ ଇଡି କୌଣସି ସୀମା ଲଂଘିନାହିଁ। ଶୁଣାଣି ବେଳେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅମିତ୍ ଆନନ୍ଦ ତିୱାରୀ ଯୁକ୍ତି



ବାଢ଼ିଥିଲେ, ୨୦୧୪ରୁ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ ସମ୍ପର୍କିତ ଅନିୟମିତତା ଅଭିଯୋଗରେ ତାମିଲନାଡୁ ସରକାର ନିଜେ ୪୦ରୁ ଅଧିକ ମାମଲାରେ ଏଫ୍ଆଇଆର୍ ରୁଜୁ କରିଛନ୍ତି। ଏବେ ଇଡି ଏହା ଭିତରେ ମୁଣ୍ଡ ପୂରାଇବା ସହ ଟିଏଏସ୍ଏମ୍ଏସି ଉପରେ ଚଢ଼ାଉ କରୁଛି। ପୂର୍ବତନ ଆର୍ଟର୍ନି ଜେନେରାଲ ମୁକୁଲ ରୋହତ୍‌ଗୀ ମଧ୍ୟ ରାଜ୍ୟ ପକ୍ଷରୁ ମାମଲା ପରିଚାଳନା କରି କହିଥିଲେ, ଇଡି ଟିଏଏସ୍ଏମ୍ଏସି ଅଧିକାରୀମାନଙ୍କ ଫୋନ୍‌ଗୁଡ଼ିକୁ କ୍ଲୋନ୍ କରି ସେମାନଙ୍କ ପ୍ରିଭେସିର ଉଲ୍ଲଂଘନ କରୁଛି, ଯାହାକି କୋର୍ଟ ନିର୍ଦ୍ଧାରିତ ଗାଇଡ୍‌ଲାଇନ୍‌ର ପରିପନ୍ଥୀ। ଏହା ଶୁଣିବା ପରେ ଖଣ୍ଡପୀଠ ପ୍ରଶ୍ନ କଲେ ଇଡି କିପରି ଭାବେ ସରକାର ପରିଚାଳିତ ଟିଏଏସ୍ଏମ୍ଏସି ଉପରେ ଚଢ଼ାଉ କରୁଛି।

ପ୍ରକାଶ ଯେ, ଏପ୍ରିଲ ୬ରୁ ୮ ମଧ୍ୟରେ ଇଡି ଟିଏଏସ୍ଏମ୍ଏସି ମୁଖ୍ୟାଳୟରେ ଚଢ଼ାଉ କରିବା ସହ କର୍ପୋରେଶନ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କରିଥିଲା। ଏହା ବିରୋଧରେ ଟିଏଏସ୍ଏମ୍ଏସି ମାଡ୍ରାସ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏପ୍ରିଲ ୨୩ରେ ହାଇକୋର୍ଟ ଟିଏଏସ୍ଏମ୍ଏସିର ଆବେଦନକୁ ଖାରଜ କରିବା ସହ ଇଡିକୁ ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ଅଧୀନରେ କାର୍ଯ୍ୟାନୁଷ୍ଠାନ ଅନୁମତି ଦେଇଥିଲେ। ଇଡି ଚଢ଼ାଉକୁ ତାମିଲନାଡୁର ଡିଏମ୍‌କେ ସରକାର ଏବଂ ଟିଏଏସ୍ଏମ୍ଏସି ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

# ଭତ୍ତା ପାଇଁ ଗାଁଦାଣ୍ଡରେ ଘୁଷୁରିଲେ ବୃଦ୍ଧ



ଶ୍ରୀଧର ବେହେରା ପଞ୍ଚାୟତ କାର୍ଯ୍ୟାଳୟକୁ ଘୁଷୁରି ଘୁଷୁରି ଯାଉଛନ୍ତି।

**କେନ୍ଦ୍ରାପଡ଼ା, ୨୨।୫ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡା ବ୍ଲକ କୋରୋ ପଞ୍ଚାୟତରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ନିଜର ମାସିକ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଗାଁ ଦାଣ୍ଡରେ ୮୦ ବର୍ଷର ବୃଦ୍ଧ ଶ୍ରୀଧର ବେହେରା ପଞ୍ଚାୟତ କାର୍ଯ୍ୟାଳୟକୁ ଘୁଷୁରି ଘୁଷୁରି ଯାଉଥିଲେ। ଏହି ଘଟଣାର ଦୃଶ୍ୟ ଭାଇରାଲ ହେବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟଲକ୍ଷ୍ମୀ ପାଠୀ ରାସ୍ତା ମଝିରେ ଶ୍ରୀଧରଙ୍କୁ ଭତ୍ତା ଅର୍ଥ ପ୍ରଦାନ କରିଛନ୍ତି। ଅସୁସ୍ଥ ଓ ଅତିଶୟ ବୃଦ୍ଧାବୃଦ୍ଧଙ୍କୁ ଘରେ ଭତ୍ତା ଅର୍ଥ ପ୍ରଦାନ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଥିବାବେଳେ ଏପରି ଅଭାବନୀୟ ଦୃଶ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ହିତାଧିକାରୀ ଶ୍ରୀଧରଙ୍କୁ ପଚାରିବାରେ ପ୍ରତିମାସ ଭତ୍ତା ବାବଦ ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରୁ ଝିଅ ନେଇଥାଏ। ତେବେ ଗତ ମାସରେ ଝିଅକୁ ଭତ୍ତା ଅର୍ଥ ନ ଦେବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଥିଲେ। ଆର୍ଥିକ ଦୁରବସ୍ଥା ଥିବାରୁ ଭତ୍ତା ଅର୍ଥ ପାଇଁ ବାଧ ହୋଇ ଆସିଥିବା ଶ୍ରୀଧର କହିଛନ୍ତି। ଅପରପକ୍ଷରେ ଗ୍ରାମର ମହେଶ୍ୱର ନାୟକଙ୍କ ସମେତ କେତେଜଣ ଅଧିବାସୀ କହିଛନ୍ତି, ନିର୍ବାହୀ ଅଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ସବୁବେଳେ ଆସୁନାହାନ୍ତି। ଫଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ହିତାଧିକାରୀ ଶ୍ରୀଧରଙ୍କ ବୟସ ବହୁତ ଅଧିକ। ଆର୍ଥିକ ଦୁରବସ୍ଥାରୁ ନୂଆଣିଆ ଚାଳ ଘରେ ରହୁଛନ୍ତି। ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ ନ ଥିବା ନେଇ ଦୁଃଖପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ପାଠୀଙ୍କୁ ପଚାରିବାରେ ହିତାଧିକାରୀଙ୍କ ସମ୍ପର୍କରେ କେତେକ ତଥ୍ୟ ସଂଗ୍ରହ କରିବାର ଥିଲା। ଏଥିପାଇଁ ଭତ୍ତା ଅର୍ଥ ଝିଅଙ୍କ ମାଧ୍ୟମରେ ଦେବାକୁ ମନା କରିଥିଲେ। ଭତ୍ତା ଅର୍ଥ ପ୍ରଦାନ ପରେ ହିତାଧିକାରୀ ଶ୍ରୀଧରଙ୍କ ଘରକୁ ଯାଇ ଭତ୍ତା ତଥ୍ୟ ସଂଗ୍ରହ ସହ ଭତ୍ତା ଅର୍ଥ ଦେବା ପାଇଁ ସ୍ଥିର କରିଥିଲେ। ଇତିମଧ୍ୟରେ ସେ ରାସ୍ତାରେ ଘୁଷୁରି ଘୁଷୁରି ଆସୁଥିବା ଖବରପାଇ ଅଧାବାଟରେ ଭତ୍ତା ଅର୍ଥ ପ୍ରଦାନ କରିଛନ୍ତି।

# ଓଏସ୍ଏସ୍‌ସି ଅଧ୍ୟକ୍ଷ ହେଲେ ସୁଧାକର ବୁର୍ଗି

**ଅଭୟଙ୍କ ଇସ୍ତଫା ଗ୍ରହଣକଲେ ସରକାର**

**ଭୁବନେଶ୍ୱର, ୨୨।୫ (ସୁନିତ୍ ମିଶ୍ର)**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର (ଓଏସ୍ଏସ୍‌ସି) ସଦସ୍ୟ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସୁଧାକର ବୁର୍ଗିଙ୍କୁ ରାଜ୍ୟ ସରକାର ଗୁରୁବାର ନୂଆ ଦାୟିତ୍ୱ ପ୍ରଦାନ କରିଛନ୍ତି। ସୁଧାକର ଏବେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଏହାସହ ସେ ତାଙ୍କ ପୁରୁଣା ଦାୟିତ୍ୱ ମଧ୍ୟ ପାଳନ କରିବେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏଥିସହ ଗତ ୧୯ ତାରିଖରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର ଅଧ୍ୟକ୍ଷ ପଦରୁ ଅଭୟ ଇସ୍ତଫା ଦେଇଛନ୍ତି। ରାଜ୍ୟ ସରକାର ମଧ୍ୟ ତାହାକୁ ଗ୍ରହଣ କରିଛନ୍ତି ବୋଲି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ପୂର୍ବତନ ଡିଜି ଅଭୟ ପୋଲିସ ମହାନିର୍ଦ୍ଦେଶକ ପଦରୁ ଅବସର ନେବା ପରେ ତତ୍କାଳୀନ ସରକାର ତାଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରିଥିଲେ।

# ପୋଖରୀ ଖନନ ନାଁରେ ସରକାରୀ ଟଙ୍କା ହଡ଼ପ

**ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ୫ଜଣଙ୍କୁ ଗିରଫ କଲା ଭିଜିଲାନ୍ସ**

**ରାୟଗଡ଼ା/ ଜୟପୁର, ୨୨।୫ (ଆଶିଷ ରଞ୍ଜନ ପଣ୍ଡା/ ପବନ ପାଣିଗ୍ରାହୀ)**

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପୋଖରୀ ଖନନ ନାଁରେ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ଅଭିଯୋଗରେ ରାୟଗଡ଼ା ଜିଲା ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ୪ ଜଣ ଅଧିକାରୀଙ୍କୁ ଗୁରୁବାର ଭିଜିଲାନ୍ସ ଗିରଫ କରିଛି। ସରକାରୀ ପାଣ୍ଠି ଆତ୍ମସାତ କରିଥିବା ଅଭିଯୋଗରେ ଜିଲା ଜଳଛାୟା ପ୍ରକଳ୍ପର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ (ଏପିଡି) ରାଜେନ୍ଦ୍ର ନାଥ ନାୟକ, ଓଭରସିଅର ଯୋଗେନ୍ଦ୍ର ଖୋସ୍‌ଲା, ଦୀପକ କୁମାର ସାହୁ ଏବଂ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ ଶ୍ରୀକୁମାର ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପୋଖରୀ ଖନନ ନାଁରେ ଦୁର୍ନୀତି ହୋଇଥିବା ନେଇ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଏ ନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। କାଶୀପୁର ବ୍ଲକ୍‌ରେ କେବଳ କାଗଜପତ୍ରରେ ୨୩ଟି ପୋଖରୀ ଖନନ ହୋଇଥିବା ଦର୍ଶାଇ ୨୦ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଭିଜିଲାନ୍ସ ତଦନ୍ତରୁ ଜଣାପଡିଥିଲା। ତେଣୁ ଉକ୍ତ ତଦନ୍ତକୁ ଭିତ୍ତିକରି ରାୟଗଡ଼ା ଜିଲା ଜଳଛାୟା ମିଶନ ଓ ମୃତ୍ତିକା ସଂରକ୍ଷଣ ବିଭାଗର ୪ ଜଣ କର୍ମଚାରୀଙ୍କୁ ଭିଜିଲାନ୍ସ ଗିରଫ କରିଛି।

# ନିଜସ୍ୱ ଉଦ୍ୟମରେ ମିଷ୍ଟର ବିଷ୍ଟ ସର୍ବକନିଷ୍ଠ ବିଲିୟନେୟାର

**ୱାଶିଂଟନ, ୨୨।୫**

ମିଷ୍ଟର ବିଷ୍ଟ ଭାବେ ପରିଚିତ ପ୍ରସିଦ୍ଧ ଆମେରିକୀୟ ୟୁଟ୍ୟୁବର ଜିମି ଡୋନାଲ୍ଡସନ୍ ମାତ୍ର ୨୭ ବର୍ଷ ବୟସରେ ନିଜ ଉଦ୍ୟମରେ ବିଲିୟନେୟାର ହୋଇପାରିଛନ୍ତି। ସେଲିବ୍ରିଟି ନେଟ୍ ୱର୍ଥର ରିପୋର୍ଟ ଅନୁଯାୟୀ, ଏହି ଆମେରିକୀୟ କଣ୍ଟେଣ୍ଟ କ୍ରିଏଟରଙ୍କ ସମ୍ପତ୍ତି ୧ ବିଲିୟନ ଡଲାର (ପ୍ରାୟ ୮,୩୫୦ କୋଟି ଟଙ୍କା) ଛୁଇଁଛି। ଏହାସହ ସେ ନିଜସ୍ୱ ପ୍ରଚେଷ୍ଟାରେ ବିଶ୍ୱର ସର୍ବକନିଷ୍ଠ ବିଲିୟନେୟାର ହୋଇଛନ୍ତି। ମିଷ୍ଟର ବିଷ୍ଟ ୩୦ ବର୍ଷରୁ କମ୍ ବୟସର ବିଶ୍ୱର ଏକମାତ୍ର ସେଲ୍ଫ ମେଡ୍ ବିଲିୟନେୟାର ହୋଇଥିବା ନେଇ ସେଲିବ୍ରିଟି ନେଟ୍ ୱର୍ଥର ରିପୋର୍ଟରେ ପ୍ରକାଶ ପାଇଛି। ମିଷ୍ଟର ବିଷ୍ଟଙ୍କ ଏହି ସମ୍ପତ୍ତି ତାଙ୍କୁ ଉତ୍ତରାଧିକାରୀ ସୂତ୍ରରେ ମିଳିନାହିଁ ବରଂ ସେ ନିଜ ପରିଶ୍ରମ ବଳରେ ହାସଲ କରିଛନ୍ତି ବୋଲି ରିପୋର୍ଟରେ




କୁହାଯାଇଛି। ୟୁଟ୍ୟୁବ୍‌ରେ ୩୯୯ ମିଲିୟନ ଫଲୋଅର୍ସ ଥିବା ମିଷ୍ଟର ବିଷ୍ଟ ପ୍ରତି ମାସରେ ପ୍ରାୟ ୫୦ ମିଲିୟନ ଡଲାର ରୋଜଗାର କରନ୍ତି। ସେ ବିଶ୍ୱର ଅଷ୍ଟମ ସର୍ବକନିଷ୍ଠ ବିଲିୟନେୟାର ହୋଇଥିବା ଏହି ରିପୋର୍ଟରେ କୁହାଯାଇଛି। ମିଷ୍ଟର ବିଷ୍ଟ ୧୯୯୮ ମସିହା ମେ’ ୭ରେ ଉତ୍ତର କାରୋଲିନା ରାଜ୍ୟର ଗ୍ରୀନ୍‌ଭିଲେ ସହରରେ ଜନ୍ମ ହୋଇଥିଲେ। ୨୦୧୦ରେ ମାତ୍ର ୧୨ ବର୍ଷ ବୟସରେ ସେ ‘ମିଷ୍ଟର ବିଷ୍ଟ ୬୦୦୦’ ନାମରେ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରିଥିଲେ। ୨୦୧୬ରେ ଗ୍ରୀନ୍ ଭିଲେ ଖ୍ରୀଷ୍ଟିଆନ୍ ଏକାଡେମୀରୁ ସ୍ନାତକ ହାସଲ ପରେ ସେ ଉଚ୍ଚ ଶିକ୍ଷାରେ ନିଜକୁ ନିୟୋଜିତ ନ କରି କଣ୍ଟେଣ୍ଟ କ୍ରିଏଶନ ଉପରେ ଧ୍ୟାନ ଦେଇଥିଲେ। ପ୍ରଥମେ ସେ ଗେମ୍ କମେଣ୍ଟ୍ରି, ରିଆକ୍ସନ ଭିଡିଓ ଆଦିକୁ ନେଇ ୟୁଟ୍ୟୁବ୍‌ରେ ଭିଡିଓ କରୁଥିଲେ। ୨୦୧୭ରେ ତାଙ୍କ ‘କାଉଣ୍ଟିଂ ଟୁ ୱାନ୍ ଲାଖ୍’ ଭିଡିଓ ଭାଇରାଲ ହୋଇଥିଲା, ଯାହା ତାଙ୍କୁ ପ୍ରସିଦ୍ଧି ଦେଇଥିଲା। ଏହାପରଠାରୁ ତାଙ୍କ ଫଲୋଅର୍ସ ଏବଂ ୟୁଟ୍ୟୁବ୍ ଚ୍ୟାନେଲ ସବ୍‌ସ୍କ୍ରିପ୍ସନ ସଂଖ୍ୟା କ୍ଷିପ୍ରଗତିରେ ବଢ଼ିଥିଲା। ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ବିଭିନ୍ନ ଷ୍ଟଣ୍ଟ, ପ୍ରତିଯୋଗିତାମୂଳକ ଚ୍ୟାଲେଞ୍ଜ ଆଦିକୁ ନେଇ ଭିଡିଓ ପ୍ରସ୍ତୁତ କରିଥାନ୍ତି। ଏହି ପ୍ରତିଯୋଗିତାଗୁଡ଼ିକରେ ବିଜେତାଙ୍କ ପାଇଁ ସେ ବିଭିନ୍ନ ନଗଦ ପୁରସ୍କାର ରାଶି ଏବଂ ଉପହାର ଘୋଷଣା କରିଥାନ୍ତି।

# ଟିଗିରିଆ ଥାନା ଏଏସ୍‌ଆଇ ଭିଜିଲାନ୍ସ ଦ୍ୱାରା ଗିରଫ

କଟକ,୨୨।୫(କାର୍ତ୍ତିକ ସାହୁ) କଟକ ଜିଲ୍ଲା ଟିଗିରିଆ ଥାନା ଏଏସ୍‌ଆଇ ପ୍ରଦୀପ କୁମାର ବେହେରା ଲାଞ୍ଚ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗୁରୁବାର ଗିରଫ ହୋଇଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କ ସରକାରୀ ବାସଭବନ, ହିନ୍ଦୋଳ ନୂତନ ପାଟଣାସାହିସ୍ଥିତ ପୈତୃକ ବାସଗୃହରେ ଏକକାଳୀନ ତଲାସ ଜାରି ରହିଛି। ସୂଚନାନୁସାରେ, ଏଏସ୍‌ଆଇ ଅଭିଯୋଗକାରୀ ଓ ତାଙ୍କ ଜଣେ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ବିବାଦର ସମାଧାନ ପାଇଁ ଅଭିଯୋଗକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଉଭୟ ପକ୍ଷ ପରସ୍ପର ବିରୋଧରେ ଏତଲା ଦେଇଥିଲେ। ପ୍ରତିପକ୍ଷଙ୍କ କାଉଣ୍ଟର ଅଭିଯୋଗରେ ଅଭିଯୋଗକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଏଏସ୍‌ଆଇ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ବେହେରାଙ୍କ ବାମ ହାତ ଧୋଇବାରୁ ରାସାୟନିକ ପ୍ରକ୍ରିୟା ପଜିଟିଭ ଆସିଥିଲା। ଫଳରେ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏ ନେଇ କଟକ ଭିଜିଲାନ୍ସରେ ଏକ ମାମଲା (ନଂ.୧୨/୨୦୨୫) ରୁଜୁ ହୋଇଛି।

# ୨୭ ଯାଏ ବଢ଼ିଲା ଓଟିଇଟି ଆବେଦନ

କଟକ,୨୨।୫(କାର୍ତ୍ତିକ ସାହୁ) ଚାକିରିରେ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ନିମନ୍ତେ ଆବେଦନ ତାରିଖକୁ ଆସନ୍ତା ୨୭ ତାରିଖ ରାତି ୧୧.୪୫ ଯାଏ ବର୍ଦ୍ଧିତ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ପରେ ଆବେଦନ ଅବଧି ଆଉ ବର୍ଦ୍ଧିତ ହେବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ୭ ନେତାଙ୍କୁ ନେଇ ଶୃଙ୍ଖଳା କମିଟି ଗଢ଼ିଲା ବିଜେଡି

## ଦଳ ବିରୋଧୀ କାର୍ଯ୍ୟ ପାଇଁ ପାର୍ଥସାରଥି ମୁଦୁଲି ନିଲମ୍ବିତ

ଭୁବନେଶ୍ୱର,୨୨।୫(ସୁଜିତ୍ ମିଶ୍ର) ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଦଳର ଶୃଙ୍ଖଳା କମିଟି ଘୋଷଣା କରିଛନ୍ତି। ଏହି କମିଟିରେ ଦଳ ୭ ଜଣଙ୍କୁ ନିଯୁକ୍ତ କରିଛି। ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଦୀପ କୁମାର ଅମାତ, ଚନ୍ଦ୍ରଶେଖର ସାହୁ, ରାଜଶ୍ରୀ ମଲ୍ଲିକ, ସାରଦା ପ୍ରସନ୍ନ ଜେନା, ଶର୍ମିଷ୍ଠା ସେଠୀ ଏବଂ ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ ଦଳ ଶୃଙ୍ଖଳା କମିଟିରେ ରଖିଛି। ଅନ୍ୟପଟେ ପୂର୍ବତନ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ପାର୍ଥସାରଥି ମୁଦୁଲି ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ଦିଆଯାଇଛି। ଏନେଇ ବିଜେଡି ଉପ ସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଜଣେ ବରିଷ୍ଠ ନେତାଙ୍କ ସୂଚନା ମୁତାବକ ପାର୍ଥସାରଥି ବୁଧବାର ଏକ ଭିଡିଓ ଜାରିକରି ତାଙ୍କ ଦଳ ୨୪ ବର୍ଷ ସରକାରରେ ଥିବା ସମୟରେ ଓଡ଼ିଆମାନଙ୍କ ପାଇଁ କ'ଣ କରିଥିଲା ବୋଲି ପ୍ରଶ୍ନ ଉଠାଇଥିଲେ। ସେଥିଲାଗି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ସେ କହିଛନ୍ତି।

---

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ: (୦୬୭୪) ୨୩୯୦୩୪୨, ୨୩୯୦୩୪୧, ଫ୍ୟାକ୍ସ: (୦୬୭୪) ୨୩୯୦୭୫୧
ଫାକ୍ସ: (୦୬୭୪) ୨୩୯୦୭୬୨, ୱେବସାଇଟ: www.oshb.org

ପତ୍ର ସଂଖ୍ୟା: ୭୯ — ତା: ୨୧।୦୫।୨୫

### ବିଜ୍ଞାପନ

No. CAD-486: ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଘର ନଂ. ଏଚ୍.ଆଇ.ଜି.-୫୧ (HIG-51), ବାଡ଼ଗଡ଼ ସୋସିଆଲ ହାଉସିଂ ସ୍କିମ୍, ମହିଷାପାଟ ଫେଜ୍-୨, ହେଲ୍ପାନାଲ କୁମାର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଲଲାଟେନ୍ଦୁ ପ୍ରଧାନ, ପିତା: ବେଣୁଧର ପ୍ରଧାନ, ସା: କୁଆଁରୀ ପାଟଣା, ପୋ: କାମଧେନୁକୋଟ୍, ଜିଲ୍ଲା: ଢେଙ୍କାନାଳଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଲଲାଟେନ୍ଦୁ ପ୍ରଧାନ ଉକ୍ତ ଗୃହଟିକୁ ବିକ୍ରୟ ପତ୍ର ଆଧାରରେ ଶ୍ରୀ ଶିଶିର କୁମାର ନାୟକ, ପିତା: କୈଳାସ ଚନ୍ଦ୍ର ନାୟକ, ସା: ଅଣ୍ଡୋଳ, ଗୋଡ଼ିସାହି, ପୋ: ନରାଜ, ଥାନା: ବାଙ୍କୀ, ଜିଲ୍ଲା: କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରସ୍ତାବ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପରଠୁ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

OIPR-13030/11/0626/2526 — ସ୍ୱା./– ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

---

## ROURKELA DEVELOPMENT AUTHORITY
UDITNAGAR : ROURKELA-769012
No.1666/RDA., dated : 16.05.2025

### PROCLAMATION

No.CAD-478 : It is hereby informed to the General public that Smt. Biplabini Patnaik, W/O- Harihar Mohanty has applied for permission for transfer of **House No. L/119, under Durgapur Plot Hill Housing Project, Stage-I, Basanti Colony, Rourkela-12** in favour of **Sri Samapika Datta**, W/O - **Achintya Datta**. Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd./- Secretary
OIPR-13250/11/0085/2526 — Rourkela Development Authority

---

## ODISHA STATE CIVIL SUPPLIES CORPORATION LTD.
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. : 0674-2395391, Fax No. : 0674-2395291, Website : www.oscsc.in
OSCSC-ESTT-ESTT-0021-2024 No.6960 Date : 20.05.2025

### SHORT TENDER CALL NOTICE

No.CAD-502 : Sealed tenders in plain paper/letter pad in the prescribed format appended below are invited from the intending Registered Firms / Suppliers located at Bhubaneswar, having valid GST Registration Certificate and Income Tax Clearance Certificate for supply of Office Article / Stationeries, etc., for official use in the Corporation. The details of these articles can be obtained from House Stock & Store of OSCSC Ltd. on any working day between Office hours, and the same can be available on the website of OSCSC Ltd., Bhubaneswar. The tenderer should enclose earnest money of **Rs 25,000.00 (Rupees Twenty Five Thousand)** only in the shape of an Accounts Payee Bank Draft / Pay Order drawn in favour of **Managing Director, OSCSC Ltd., Bhubaneswar,** along with the tender, which will be refunded to the unsuccessful tenderer subsequently whose tender is not accepted. The tenders should reach the undersigned only through Speed Post/ Registered Post, super-scribing the word **"TENDER PAPER FOR SUPPLY OF STATIONERY ARTICLES"** on the envelope containing the Tender. The last date of receipt of the tender is **dated. 11.06.2025 up to 2.00 P.M.**, after which no tender shall be accepted. The tenders shall be opened on **11.06.2025 at 4.00 P.M.** in the presence of tenderers or their authorized representatives in the chamber of FA & CAO, OSCSC Ltd. Bhubaneswar. The itemwise short list shall be prepared basing on the lowest rate offered by the tenders. The authority reserves the right to reject any or all tenders without assigning any reason thereof. The tenders received incomplete shape or after the scheduled date & time shall be summarily rejected. For details please refer to our web site www.oscsc.in.

OIPR-07002/11/0036/2526 — Sd./- General Manager (Admn.)

---

## OFFICE OF THE PURI MUNICIPALITY, PURI
No.4785 /Dt.20.05.2025

### NOTICE INVITING TENDER

No.C-368 : Sealed quotations are invited from intending manufacturers/Suppliers/Agencies having valid GST, PAN & registration certificate for supply of 100 Nos of PRE- FABRICATED FRP TOILETS to Puri Municipality on hire basis for installation at different places of Puri town during the entire festive season of Rath Yatra-2025 in view of smooth & hygienic maintenance of sanitation activities in the city. The details of the quotation may be seen in the website www.purimunicipality.nic.in & www.puri.odisha.gov.in. The quotation paper along with terms & conditions shall be submitted to the Office of the Executive Officer, Puri Municipality, Puri on or before 30.05.25 at 05 P.M. through Speed Post/Regd Post/Courier only. The quotation documents should be submitted clearly superscribed on envelope as "BID DOCUMENT FOR THE SUPPLY OF FRP TOILETS ON HIRE BASIS The bidder/s may attend the pre bid meeting which is scheduled to be held on dtd. 26.05.25 at 04 P.M. The tenders will be opened at 11 A.M. on dt. 31.05.25 in presence of bidders or their authorized representatives, who may present at the time of opening of the tenders, Puri Municipality will in no way be responsible for any postal delay. Tenders received beyond the schedule date shall be rejected.

The authority reserves the right to reject any or all the tenders without assigning any reason thereof.

Sd./- Executive Officer
OIPR-13159/11/0052/2526 — Puri Municipality, Puri

---

## OFFICE OF THE DISTRICT COLLECTOR, NAYAGARH (EXCISE SECTION)

### NOTICE INVITING APPLICATIONS FOR SETTLEMENT OF COUNTRY LIQUOR SHOP OF NAYAGARH DISTRICT

No.524/Ex., Dated. 20.05.2025

**No.F-13** : Applications are invited for settlement of **02 (Two)** numbers of Country Liquor Shops of Nayagarh District for the year, 2025-26 onwards by way of lottery. The persons interested to participate may apply online in "Form-B" through the portal **http://stateexcise.odisha.gov.in** from **20.05.2025 to 02.06.2025 (05:00 P.M.)**. Lottery will be held on **05.06.2025 at Conference Hall of Collectorate, Nayagarh from 11:00 A.M.** onwards.

The details of the shops to be settled and the terms and conditions applicable thereof are available in the said website and notice boards of the District Excise Office, Nayagarh and Collectorate, Nayagarh.

OIPR-36020/11/0004/2526 — Sd./- Collector, Nayagarh

---

## GOVERNMENT OF ODISHA
## OFFICE OF THE EXECUTIVE ENGINEER, N.H. DIVISION, BHUBANESWAR
Email: eenh_bbsr@yahoo.co.in, Ph.No.-0674-2972908

### INVITATION FOR BIDS
### BID IDENTIFICATION NO. 02 SE NH, BBSR OF 2025-26

No.b:-The Superintending Engineer, National Highways Division, Bhubaneswar on behalf of Governor of Odisha invites percentage rate bids in Double cover system on online mode for construction of works as detailed in the table below from eligible contractors as mentioned in Col.7 registered with the State Govt. and Contractors of equivalent Grade or Class registered with Central Government / Other State Government/ MES/ Railways for execution of Civil Works, on production on definite proof from the appropriate authority.

| Sl. No. | Name of Work | Approximate Estimated Cost put to Tender | Concerned Sub-Division | Bid Security EMD (online) | Cost of Bid documents (online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "S/R to NH-57 such as Laying of 30 mm thick BC from km 257/020 to Km 258/050 at ROB Bolagarh for the year 2025-26" | Rs.6844177/- (Excluding GST) | NH Sub Division, Khordha | Rs.68442/- | Rs.10000/- | "B" Class Contractor | 01 (One Month) |

The bidders have to participate in ONLINE bidding only. The website for "ONLINE BIDDING" is http://tendersodisha.gov.in.
1.Bid documents will be available in above website from dt.26.05.2025 to dt.04.06.2025 upto 17.30 hours.The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at 12.30 hours on dt.05.06.2025. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in.
2. Subsequent corrigendum/addendum if required shall be available in the website as indicated above.
3. The authority reserves the right to cancel any/ all bids without assigning any reason.

OIPR-34044/11/0004/2526 — Sd./- Superintending Engineer, N.H. Division, Bhubaneswar

---

## ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

### Short Notice
### For Sale of Natural & Cutting Waste/ residual Khondalite stone

No.CAD-503:The Odisha Mining Corporation Ltd. intends to sell Natural and Cutting waste/ residual Khondalite produced at different Khondalite mines of OMC Ltd. at Gobindpur Mines & Narangarh Mines of Odisha through National e-auction. The e-auction will be conducted by MSTC Ltd. on dt.28.05.2025 from 11.00 AM to 2.00 PM.
For details, please visit the website of MSTC i.e. www.mstcecommerce.com.

OIPR-30005/11/0196/2526 — Chief General Manager (S&M)

---

## ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

### Short Notice
### For Sale of High Carbon Ferrochrome (HCFC)

No.CAD-504:The Odisha Mining Corporation Ltd. intends to sell various grades of High Carbon Ferrochrome (HCFC) produced at Ferrochrome plant, OMC Ltd., situated at Jajpur Road in Jajpur District of Odisha through National e-auction. The e-auction will be conducted by MSTC Ltd. on dt.28.05.2025 from 11.00 AM to 2.00 PM.
For details, please visit the website of MSTC i.e. www.mstcecommerce.com.

OIPR-30005/11/0199/2526 — Chief General Manager (S&M)

---

## OFFICE OF THE TALCHER ANGUL MERAMANDALI DEVELOPMENT AUTHORITY, TAMDA, ANGUL

No.230/TAMDA — Date: 19.5.2025
E. mail - secretary.tamdaangul@gmail.com

### EXPRESSION OF INTEREST

**No.CAD-481** : Expression of Interest in sealed cover are invited from the intending CAG empanelled Chartered Accountant firms for the Tax Audit of Accounts TAMDA, Angul for the financial year from **2020-21 to 2024-25** as per ODA R 1982. The CA firm having the Government entity audit will be given preference. The Sealed EOI along with all necessary documents should reach in the Office of the Secretary, TAMDA, Angul, Odisha, PIN-759122 **on or before Dt.04.6.2025 up to 12.00** Noon and same will be opened on the same day at 12.30 P.M. in the office chamber of the undersigned in presence of the participants or their authorized representative. TAMDA office may be contacted for detail information along with terms & conditions. The Authority reserves the right to reject any or all EOIs without assigning any reason thereof.

**OIPR-13264/11/0001/2526** — **Sd./- Secretary, TAMDA**

---

GOVERNMENT OF ODISHA — No.B-145

## OFFICE OF THE SUPERINTENDING ENGINEER BARGARH (R&B) DIVISION, BARGARH
E-mail:eepwdbgh@gmail.com, Phone/Fax:06646-234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE_PWD_BGH No.03 OF 2025-26
No.2467, Dated 19.05.2025

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System in **ONLINE MODE** for the Civil Works as detailed in the **Detailed Tender Call Notice (D.T.C.N.)** from the eligible class of contractors.
2. No. of Road & Building Works:- 02 Nos.
3. Cost of Tender Paper:- Rs.6,000/- & Rs.10,000/-
4. Class of Contractor :- "D", "C" & "B" Class Contractor
5. Date & Time of available in website & receipt of Bids:- **11.00 Hrs. of 23.05.2025 to 17.00 Hrs. of 02.06.2025.**
6. Date of Opening of Technical Bid:- **03.06.2025 at 11.30 Hrs.**
7. The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in.**
8) Any corrigendum/Addendum will be displayed in the website **https://tendersodisha.gov.in** only.

OIPR-34039/11/0023/2526 — **Sd./- Superintending Engineer Bargarh (R&B) Division**

---

## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୫ (ରେଗୁଲାର ଓ ଏକ୍ସ-ରେଗୁଲାର କାର୍ଯ୍ୟସୂଚୀ)
ବିଜ୍ଞପ୍ତି ନଂ **720** / (Exam. Conf.)/ ତା **20.5.25** ରିଖ

**No.N-51:** ଏତଦ୍ୱାରା ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ପତ୍ରମାଧ୍ୟମଶିକ୍ଷା ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣା ଦିଆଯାଉଅଛିଯେ ଆସନ୍ତା ୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ **(Regular ଏବଂ Ex-Regular)** ପରୀକ୍ଷା ତା୦୧/୦୭/୨୦୨୫ରିଖ ଠାରୁ ଆରମ୍ଭ ହୋଇ ତା୧୦/୦୭/୨୦୨୫ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଉଭୟ **Regular ଏବଂ Ex-Regular** ପରୀକ୍ଷା ଗୋଟିଏ **Sitting** ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ । ପରୀକ୍ଷା ପ୍ରତ୍ୟେକ ଦିନ **09.00 am** ରୁ ଆରମ୍ଭ ହୋଇ **11.30 am** ରେ ଶେଷ ହେବ । କେବଳ **MTH** ପରୀକ୍ଷା **11.45 am** ରେ ଶେଷ ହେବ ।

| | |
|---|---|
| **01/07/2025 (Tuesday) (09 am to 11.30 am)** ପ୍ରଥମ ଭାଷା (First Language)<br>FLO ଓଡ଼ିଆ, FLB ବଙ୍ଗଳା, FLH ହିନ୍ଦୀ, FLU ଉର୍ଦ୍ଦୁ, FLT ତେଲୁଗୁ<br>FLE ଅଲ୍‌ଟରନେଟିଭ ଇଂରାଜୀ (Alt. English) | **02/07/2025 (Wednesday) (09 am to 11.30 am)** SSC ସାମାଜିକ ବିଜ୍ଞାନ (Social Science)<br>**04/07/2025 (Friday) (09 am to 11.45 am)** MTH ଗଣିତ (Mathematics) |
| **07/07/2025 (Monday) (09 am to 11.30 am)** ଦ୍ୱିତୀୟ ଭାଷା (Second Language)<br>SLE ଇଂରାଜୀ English, SLH ହିନ୍ଦୀ Hindi,<br>SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) Env. & Population Edn. (Only for Hearing Impaired Candidates) | **08/07/2025 (Tuesday)** TLV Practical - 09 am to 11.00 am<br>**09/07/2025 (Wednesday) (09 am to 11.30 am)** GSC ବିଜ୍ଞାନ (Science) |
| **10/07/2025 (Thursday)** ତୃତୀୟ ଭାଷା (Third Language)<br>(09 am to 11.30 am) TLH (ହିନ୍ଦୀ), TLS (ସଂସ୍କୃତ), TLO (ଓଡ଼ିଆ), TLP (ପାର୍ସୀ)<br>(09 am to 10.00 am) TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ | (09 am to 10.30 am) Vocational Trade (Theory) - IT, RT, TH, AG, PL, BW, AH, AM, EH, CN, FP, TC<br>VT (Theory) - କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ |

- ✓ TLV ଏବଂ Vocational Trade ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର Subjective ପ୍ରଶ୍ନ ଏବଂ ୫୦ ମାର୍କର Objective (MCQ) ପ୍ରଶ୍ନ ଆସିବ ।
- ✓ Objective (MCQ) ପ୍ରଶ୍ନର ଉତ୍ତର OMR Answer Sheetରେ ଏବଂ Subjective ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ ।
- ✓ Vocational Trade(Theory) ବିଷୟ ଗୁଡ଼ିକରେ ୫୦ ମାର୍କ ଏବଂ TLV(Theory) ରେ ୨୦ ମାର୍କର Subjective ପ୍ରଶ୍ନ ଆସିବ ।
- ✓ Vocational Trade ଗୁଡ଼ିକର ପ୍ରାକ୍ଟିକାଲ ପରୀକ୍ଷା (୫୦ମାର୍କର) ନିଜ ନିଜ ବିଦ୍ୟାଳୟରେ ତା02/06/2025ରିଖ ଠାରୁ ତା05/06/2025ରିଖ ମଧ୍ୟରେ OSEPA ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ଏବଂ TLV Practical ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ୮୦ ମାର୍କରୁ ଅନୁଷ୍ଠିତ ହେବା ।

OIPR- 27004/11/0084/2526 — ସ୍ୱା./–ସମ୍ପାଦକ

---

## OFFICE OF THE CDM & PHO-CUM-DISTRICT MISSION DIRECTOR, NUAPADA
(District Programme Management Unit, NHM)
Telefax : 06678-223908, E-mail : nhmnuapada@gmail.com
Letter No. : 1275 Date : 19.05.2025

### EXTENSION NOTICE

**No.E-100** : The last dated for Sealed tenders invited from the reputed supplier of stationary items and reputed travel agencies/ Tour Operators/Private individuals, for supply of stationery items on annual rate contract basis and hiring of vehicle on monthly basis as per Notice No. 1171/DPMU/NHM/2025 dated 02.05.2025, is hereby extended to 28.05.2025 till 1.00 P.M. from 19.05.2025 till 1.00 P.M. and will be opened on 29.05.2025 at 11.00 A.M. at O/o of the CDM&PHO, Nuapada. All other terms and condition of the bid remains same.

Sd./- CDM&PHO-Cum-District-Mission Director, Nuapada
OIPR-10055/11/0018/2526

---

## ZILLA SWASTHYA SAMITI, ANGUL
O/o-The CDM & PHO cum District Mission Director, Angul

### TENDER CALL NOTICE

No. : 1098 — Date : 20.05.2025

**No.E-102** : Sealed tenders are invited from reputed Agencies or Firms for **Supply of PRINTING & IEC/BCC MATERIALS** under **NHM, Angul.** Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. **www.angul.odisha.gov.in.** The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

Sd./- CDM & PHO cum DMD, Angul
OIPR-10174/11/0002/2526

---

## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH
(Deptt. of Housing & Urban Development, Govt. of Odisha)
At/PO. Ps. : Titilagarh, Dist : Balangir - 767033, Ph-06655-295225,
e-mail : titilagarhmunicipality@gmail.com

### e-Procurement Notice
BID IDENTIFICATION NO. : TIG-MPL-13-2025
No.1410//Dtd.19.05.2025

**No.C-359** : The Executive Officer, Titilagarh Municipality on behalf of Governor of Odisha invites Percentage rate bid in double cover system in **ONLINE MODE** for the construction of works detailed in the table below from **"A" Class Contractors** registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

1. Name of the Work : **Const. of new Office Building of Titilagarh Municipality Office.**
2. No. of tender : **1 No.**
3. Estimated Cost : **Rs.5.24 (crore)**
4. Class of Contractor : **"A" Class Contractor**
5. Date & Time of availability in Portal : **From Dt.26.05.2025, 10.00 A.M. to Dt.20.06.2025 up to 05.00 P.M.**
6. Last Dt. & Time for deposit of fee & Documents at Titilagarh Municipality office in Office tender box only : **Dt.23.06.2025 at 5.00 P.M.**
7. Date of opening Bid : **Dt.24.06.2025 at 11.00 A.M.**
8. The bidders have to participate in ONLINE bidding only. Further details can be seen from the website :http://tendersodisha.gov.in. All future corrigendum will be available on Online Mode/Offline Mode.

Sd./- Executive Officer, Titilagarh, Municipality
OIPR-13095/11/0026/2526

---

## Government of Odisha
## Office of the Chief Construction Engineer Rural Works Circle, Sambalpur
E-mail Id serwcirclesbp@yahoo.com

**Bid Identification No. Road Tender Online RWCSBP-05/2025-26 No: 1614 Dated:21.05.2025**

**No.O-187:**The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for SACI for the year 2024-25.

| | | |
|---|---|---|
| 1 | Name of work | SACI for the year 2024-25. |
| 2 | No. of works | 02 Nos. details as per DTCN |
| 3 | Estimated cost | Approximately varies from Rs.294.65 lakhs to Rs.384.86 lakhs. |
| 4 | Class of Contractor | 'B', & 'A' Class |
| 5 | Cost of tender paper and mode of deposit | Rs. 10,000/- per set ( to be deposited On-line) in favour of concerned Executive Engineer |
| 6 | Mode of submission of tender | Tender should be submitted only Online in website www.tendersorissa.gov.in. (https//tendersodisha.gov.in) |
| 7 | EMD and mode of deposit | 1% of estimated cost of the work to be remitted online as mentioned in DTCN. |

8 Summary of key dates are provided below :

| Procurement Officer | Bid Identification No. | Availability of Tender online for bidding From | To | Last date & time for seeking clarification | Date & Time of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-05/2025-26 | 28.05.2025 From 11.00 A.M. | 11.06.2025 Upto 05.00 P.M. | 09.06.2025 Upto 5.00 P.M. | 12.06.2025 at 11.00 AM | Will be intimated later |

* Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
* Subsequent modification / corrigendum/ Addendum if required shall appear in website only.
* The amount put to bid is exclusive of GST.
* Bidder should inspect the road before bidding and quote his rate accordingly.

OIPR-25091/11/0060/2526 — Sd./- Chief Construction Engineer, Rural Works Circle, Sambalpur

---

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
ଉପ ମହାପ୍ରବନ୍ଧକ(ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ଭୁବନେଶ୍ୱର

No. CAD-512 — ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓପିଟିସିଏଲ୍ ଦ୍ୱାରା ନିର୍ମିତ ୨୨୦ କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍ ୨୨୦/୩୩ କେଭି ସବ-ଷ୍ଟେସନ, ନୟାଗଡ଼ ଠାରୁ ୨୨୦/୩୩ କେଭି ଜେଲ ଟ୍ରାକ୍ସନ ସବଷ୍ଟେସନ, ନୟାଗଡ଼ ପର୍ଯ୍ୟନ୍ତ ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଯାଇଅଛି । ଏହି ଲାଇନ୍ କୋମାନ୍ଦେଇପୁର, ଉଗ୍ରନାଥ ପ୍ରସାଦ, ଲାଠିପଡ଼ା, ବେରେଲିଅମ୍ରମଣୋହି, କୁଜ୍ଜାନଟି, ବିରୁଡ଼ା, ସରପଡ଼ା, ବଡ଼ପାଣସ୍ତପୁର, ଚମ୍ପତି ପୁର, ଢେଙ୍ଗାର ଗଡ଼ି, ଶୁକ୍ଳେଶ୍ୱରଡିହା, ଇଟାମାଟି, ବାଲିକୁଡ଼ିଆ, ପ୍ରତାପ ପ୍ରସାଦ, ଖଣ୍ଡୁଆଳ, ସୁନ୍ଦରିଆ ଗ୍ରାମ ଦେଇ ଯାଇଅଛି । ଉକ୍ତ ୨୨୦କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍ ଆସନ୍ତା ତା. ୩୧.୦୫.୨୦୨୫ ଠାରୁ ଯେକୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଞ୍ଚରଣ କରାଯିବ ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣା ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ୧୯୫୬ ଅର୍ନ୍ତଗତ ଧାରା ୭୯,୮୦ ଓ ୮୨(କ) ଅନୁଯାୟୀ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡ଼ିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଘର ତୋଳିବା, ଗଛ ଲଗାଇବା, ଟାୱାରରେ ଚଢ଼ିବା କିମ୍ବା ତା'ଠାରେ ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି । ଏଣୁ ଏ ବିଷୟରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ । ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ ।

ସ୍ୱା.- ଉପ-ମହାପ୍ରବନ୍ଧକ (ବିଦ୍ୟୁତ୍)
OIPR-04011/11/0161/2526 — ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ଭୁବନେଶ୍ୱର
/optcl.odisha — /optcl_odisha — FIPR-10/2025-26

# ସଙ୍କଟରେ ମଧୁର କଇଁଛ

କଇଁଛଙ୍କ ସୁରକ୍ଷା ଦ୍ୱାରା ଜୈବ ବିବିଧତାର ବିକାଶ ସମ୍ଭବ। ସେମାନେ ଆମ ପ୍ରକୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମାତ୍ର ଅନେକ ସମୟରେ ସଚେତନତାର ଅଭାବ କିମ୍ବା ଶିକାର ଲକ୍ଷ୍ୟରେ ସେମାନଙ୍କ ଉପରେ ଆକ୍ରମଣ କରାଯାଉଛି। ଯାହାର କୁପରିଣାମ ଆମ ପରିବେଶ ଉପରେ ପଡୁଛି। ତେଣୁ କଇଁଛଙ୍କୁ ସେମାନଙ୍କ ପ୍ରାକୃତିକ ପରିବେଶରେ ବଞ୍ଚିବା ଏବଂ ବଢ଼ିବାରେ ସହାୟତା ଲାଗି ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୨୩କୁ 'ବିଶ୍ୱ କଇଁଛ ଦିବସ' ଭାବେ ପାଳନ କରାଯାଉଛି। ଉକ୍ତଦିନ କଇଁଛ ସମ୍ପର୍କିତ ବିଭିନ୍ନ ବିଷୟରେ ସୂଚିତ କରାଯିବା ସହ ଏ ସମ୍ପର୍କରେ ସଚେତନତା ବୃଦ୍ଧି ଲାଗି ଲକ୍ଷ୍ୟ ରଖାଯାଇଛି। କଇଁଛମାନେ ଏକ ପ୍ରକାର ସରୀସୃପ, ଯାହା ସମଗ୍ର ବିଶ୍ୱରେ ଅନେକ ପରିବେଶରେ



ବିଦ୍ୟମାନ। ଜୀବବିଜ୍ଞାନୀଙ୍କ ମତରେ ପ୍ରାୟ ୧୫୭ନିୟୁତ ବର୍ଷତଳେ ସରୀସୃପ ପ୍ରଜାତିର ସୃଷ୍ଟି ହୋଇଥିଲା। ପ୍ରଥମେ ଆମେରିକାନ୍ ଟର୍ଟଏଜ୍ ରେସକ୍ୟୁ ସଂଗଠନ ୧୯୯୦ରେ ସ୍ଥାପନ ହୋଇଥିଲା। ଆମେରିକୀୟ କଇଁଛ ଉଦ୍ଧାର କାର୍ଯ୍ୟ ସୁଜନ ଟେଲେମ ଏବଂ ମାର୍ଶଲ ଥମ୍ପସନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ସାରା ବିଶ୍ୱରେ ଜନସାଧାରଣଙ୍କୁ ସଚେତନ କରାଇବା ସହ ସମସ୍ତଙ୍କୁ ଏଥିରେ ସାମିଲ କରାଇବା ଲକ୍ଷ୍ୟରେ ୨୦୦୦ ମସିହାରୁ ବିଶ୍ୱ କଇଁଛ ଦିବସ ପାଳନ କରଯାଉଛି।

ସାମ୍ପ୍ରତିକ ସମୟରେ କଇଁଛ ଏବେ ସଙ୍କଟରେ ପଡିଛନ୍ତି। ଏହାର ଅଧିକାଂଶ ପ୍ରଜାତି ବିଲୁପ୍ତ ମଧ ହୋଇଗଲେଣି। ମାଛଧରା ଜାଲରେ ଛନ୍ଦି ହୋଇ ହେଉ ଅବା ଟ୍ରଲର ବ୍ଲେଡ୍‌ରେ କଟି କିମ୍ବା ସମୁଦ୍ରରେ ଜମା ହୋଇଥିବା ପ୍ଲାଷ୍ଟିକ୍ ଖଣ୍ଡ ଖାଇ କଇଁଛମାନେ ଅସମୟରେ ମୃତ୍ୟୁବରଣ କରୁଛନ୍ତି। ଯାହାକି ପରିବେଶ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ପରିବେଶବିତ୍‌ମାନେ ମତ ଦେଉଛନ୍ତି। ଏନେଇ କଇଁଛଙ୍କ ସୁରକ୍ଷା ଦିଗରେ ଅଗ୍ରଣୀ ଭାବେ କାର୍ଯ୍ୟରତ ତଥା ଓପ୍‌ସା (ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ)ର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ବିଶ୍ୱାଳ କୁହନ୍ତି, ବିଶ୍ୱ କଇଁଛ ଦିବସ ଏବଂ ସାମୁଦ୍ରିକ କଇଁଛ ଦିବସ ସମ୍ପୂର୍ଣ୍ଣ ଅଲଗା। ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଉପରେ ଆମ ରାଜ୍ୟରେ କିଛି କିଛି କାମ କରାଯାଉଛି, ମାତ୍ର ମଧୁର କଇଁଛ ବା ନଦୀ, ପୋଖରୀ ଆଦି ଜଳରେ ଦେଖାଦେଉଥିବା କଇଁଛଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ସଚେତନ ମଧ କରାଯାଉନାହିଁ। ଫଳରେ ମଧୁର କଇଁଛଙ୍କ ବିପୁଳ ପରିମାଣରେ ଚୋରା ଚାଲାଣ ଚାଲିଛି। ସେହିପରି ଏବେ ବି କେତେଜଣ ଲୋକ କଇଁଛକୁ ମାରି ଖାଉଥିବା ଦେଖାଯାଉଛି। ତେଣୁ ନଦୀ, ପୋଖରୀରେ ମିଳୁଥିବା କଇଁଛମାନେ ସମ୍ପୂର୍ଣ୍ଣରୂପେ ଅସୁରକ୍ଷିତ। କେତେବେଳେ କେମିତି ବନବିଭାଗ ପକ୍ଷରୁ ଧରପଗଡ଼ ହେଲେ କଇଁଛ ଶିକାରୀ ଧରାପଡୁଛନ୍ତି। ମାତ୍ର ସେମାନଙ୍କୁ ସେହିଭଳି ଦଣ୍ଡବିଧାନ ମିଳୁନାହିଁ। ଫଳରେ ସେମାନେ ଏଭଳି କାର୍ଯ୍ୟରୁ କ୍ଷାନ୍ତ ହେଉନାହାନ୍ତି। ତେଣୁ ଉଭୟ ସରକାରୀ ଏବଂ ବେସରକାରୀସ୍ତରରେ ଏହି ପ୍ରଜାତିର କଇଁଛଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ।

ରିପୋର୍ଟ: **ବନ୍ଦନା ସେଠୀ**, ଭୁବନେଶ୍ୱର

## 'ଡ୍ୟାନ୍ସିଙ୍ଗ ଟର୍ଟଲ ରକ୍'

### ଏ ବର୍ଷର ଥିମ୍



ସାରା ପୃଥିବୀରେ କଇଁଛ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ୨୦୦୦ ମସିହାରୁ ପାଳିତ ହୋଇଆସୁଛି ବିଶ୍ୱ କଇଁଛ ଦିବସ। ଏହି ଦିବସ ଲାଗି ଚଳିତ ବର୍ଷ ଥିମ୍ ରହିଛି 'ଡ୍ୟାନ୍ସିଙ୍ଗ ଟର୍ଟଲ ରକ୍'। ବିଶ୍ୱ କଇଁଛ ଦିବସର ଫେସବୁକ ପୃଷ୍ଠା ଏବଂ ଇନ୍‌ଷ୍ଟାଗ୍ରାମ ଅନୁଯାୟୀ, ଏହି ଥିମ ଜନସାଧାରଣଙ୍କୁ କଇଁଛଙ୍କ ବିଷୟରେ ଅଧିକ ଜାଣିବା, ସେମାନଙ୍କ ସଂରକ୍ଷଣ ଲାଗି ସଚେତନତା ସୃଷ୍ଟି କରିଥାଏ। ଏଥିସହ ନୃତ୍ୟ ସମେତ ମଜାଦାର କାର୍ଯ୍ୟକଳାପରେ ସାମିଲ ହୋଇ କଇଁଛଙ୍କୁ ପାଳନ ଲାଗି ଉତ୍ସାହିତ କରେ।

# ଅଲିଭ ରିଡ୍‌ଲେ କଇଁଛ ଅସୁରକ୍ଷିତ

କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ଅଧୀନ ଗହୀରମଥା ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳ ଭାବେ ବିଦିତ। ଚଳିତବର୍ଷ ୬ ଲକ୍ଷରୁ ଅଧିକ ଅଲିଭ ରିଡ୍‌ଲେ ଏଠାରେ ଅଣ୍ଡାଦାନ କରିଛନ୍ତି। ନିକଟରେ ଶାବକ ସବୁ ସମୁଦ୍ରକୁ ଫେରିଛନ୍ତି। ତେବେ ସମୁଦ୍ର ତଟକ୍ଷୟ ପାଇଁ ଏଭଳି ସ୍ଥିତି ଆଗକୁ ରହିବ କି ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ; ଯାହା କି ବିରଳ ଅଲିଭ ରିଡ୍‌ଲେ କଇଁଛ ଅଣ୍ଡାଦାନ ପାଇଁ ଅସୁରକ୍ଷିତ ହେବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

ବିଶ୍ୱ ତାପନ ଓ ପାଣିପାଗ ପରିବର୍ତ୍ତନ କେନ୍ଦ୍ରାପଡ଼ା ଜିଲାର ୪୮ କିଲୋମିଟର ତଟାଞ୍ଚଳ ଉପରେ ପ୍ରଭାବ ପକାଉଛି। ଗତ ୬ ଦଶନ୍ଧି ମଧ୍ୟରେ ପ୍ରାୟ ୧୪ କିଲୋମିଟର ତଟ କେନ୍ଦ୍ରାପଡ଼ା ଜିଲାର ସ୍ଥଳଭାଗକୁ ମାଡ଼ି ଆସିଲାଣି। ବଡ଼ ଗହୀରମଥା, ସାନ ଗହୀରମଥା, ମୋହନପୁର, କାହ୍ନୁପୁର ଆଦି ସାତଭାୟାର ରାଜସ୍ୱ ଗ୍ରାମଗୁଡ଼ିକ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି। ଫଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳ କମିବାରେ ଲାଗିଛି। ଓଡ଼ିଶାର ୪୮୦ କିଲୋମିଟର ସମୁଦ୍ର ତଟାଞ୍ଚଳର ଗହୀରମଥା, ଦେବୀ ଓ ଋଷିକୁଲ୍ୟା ମୁହାଣ ଅଲିଭ ରିଡ୍‌ଲେଙ୍କ ପ୍ରଜନନସ୍ଥଳୀ। ତେବେ

## ଗହୀରମଥାର ତଟକ୍ଷୟ

ଗହୀରମଥାର ୧୩୩୬ ବର୍ଗ କିଲୋମିଟର ସାମୁଦ୍ରିକ ଅଞ୍ଚଳର ପ୍ରାୟ ୩୫ ବର୍ଗ କିଲୋମିଟର ତଟାଞ୍ଚଳ ଅର୍ଥାତ୍ ଦକ୍ଷିଣରେ ବ୍ରାହ୍ମଣୀ ନଦୀ ମୁହାଣଠାରୁ ଉତ୍ତରରେ ଥିବା ଧାମରା ବନ୍ଦର ପର୍ଯ୍ୟନ୍ତ ସମ୍ପ୍ରତି ଏହି କଇଁଛ ଅଣ୍ଡାଦାନ କରୁଛନ୍ତି। ୨୦୨୩ରେ ୩ଟି ଭାରତୀୟ ଅନୁଷ୍ଠାନ ଓ ବ୍ରାଜିଲ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ପତ୍ରରୁ ତଟାଞ୍ଚଳ ସ୍ଥିତି ଆଗକୁ ଆହୁରି ଖରାପ ରହିବ ବୋଲି କୁହାଯାଇଛି। ବରୁଣେଇ ମୁହାଣଠାରୁ ମାଇପୁରା ମୁହାଣ ପର୍ଯ୍ୟନ୍ତ ଦ୍ରୁତ ତଟକ୍ଷୟ ଜାରି ରହିଛି ; ଯାହା ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନକୁ ପ୍ରଭାବିତ କରିବ। ସେହିପରି ହୁକିଟୋଲା, ଏକକୁଳା, ହ୍ୱିଲରର ଦ୍ୱୀପ ସଙ୍କୁଚିତ ହେଉଛି। ୧୯୭୦ ଦଶକରେ ସାତଭାୟାଠାରୁ ଏକକୁଳା ପର୍ଯ୍ୟନ୍ତ ବିରଳ ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସ୍ଥଳୀ ଥିଲା। ୧୯୭୪ରେ ଏହା ନଜରକୁ ଆସିବା ପରେ ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏହି ବିରଳ ଜୀବଙ୍କ ପାଇଁ ଉପଯୁକ୍ତ ସ୍ଥଳ ବୋଲି ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଯୋଗାଇ ଦିଆଯାଉଛି। ମାତ୍ର ସମୁଦ୍ର ତଟକ୍ଷୟ ଏମାନଙ୍କ ଆଗମନକୁ ହ୍ରାସ କରିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି।

ରିପୋର୍ଟ: **ଜଗନ୍ନାଥ ଧଳ**, କେନ୍ଦ୍ରାପଡ଼ା

## ରେଳପଥ ମନ୍ତ୍ରାଳୟ
## (ପୂର୍ବ ତଟ ରେଳପଥ)
## ବିଜ୍ଞପ୍ତି

**ଭୁବନେଶ୍ୱର, ୧୦ ଜାନୁଆରୀ, ୨୦୨୫**

**ରେଳବାଇ ଅଧିନିୟମ, ୧୯୮୯ର ଧାରା ୨୦ଇ ଅନୁଯାୟୀ ବିଜ୍ଞପ୍ତି**

**ଏସ.ଓ. 2271(ଇ).-** ଯେତେବେଳେ, ଭାରତ ସରକାରଙ୍କ ବିଜ୍ଞପ୍ତି ଦ୍ୱାରା, ରେଳ ମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ, ନିର୍ମାଣ ସଂଗଠନ), ବିଜ୍ଞପ୍ତି ସଂଖ୍ୟା, ଏସ.ଓ. 2636(ଇ) ତାରିଖ 10 ସେପ୍ଟେମ୍ବର, 2024 ରେ ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ II, ଧାରା 3 ଉପ-ଧାରା (ii), ତାରିଖ 10 ସେପ୍ଟେମ୍ବର, 2024 (ଏଠାରେ ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ଏବଂ ରେଳ ଆଇନ, 1989 (1989 ର 24) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20ଏ ର ଉପ-ଧାରା (1) ଅନୁଯାୟୀ ଜାରି କରାଯାଇଛି, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାରେ **"ସାରଳା-ସାସନ ମଧରେ ତୃତୀୟ ଏବଂ ଚତୁର୍ଥ ଲାଇନ(୮ କିଲୋମିଟର)"** ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପର କାର୍ଯ୍ୟକାରୀ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ଉଦ୍ଦେଶ୍ୟରେ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ତାଙ୍କର ଉଦ୍ଦେଶ୍ୟ ଘୋଷଣା କରୁଛନ୍ତି।

ଏବଂ ଯେହେତୁ, ଉକ୍ତ ବିଜ୍ଞପ୍ତିର ସାରାଂଶ ଉକ୍ତ ଆଇନର ଧାରା 20ଏ ର ଉପଧାରା (4) ଅନ୍ତର୍ଗତ 22 ସେପ୍ଟେମ୍ବର, 2024 ରେ ଦୈନିକ ସ୍ଥାନୀୟ ସମ୍ବାଦପତ୍ର ଯଥା "ଧରିତ୍ରୀ" ଓଡ଼ିଆରେ (ଭୁବନେଶ୍ୱର ସଂସ୍କରଣ) ଏବଂ "ଦି ଟାଇମ୍ସ ଅଫ୍ ଇଣ୍ଡିଆ" ଇଂରାଜୀରେ (ଭୁବନେଶ୍ୱର ସଂସ୍କରଣ) ପ୍ରକାଶିତ ହୋଇଥିଲା;

ଏବଂ ଯେତେବେଳେ, ଆପତ୍ତି ଗ୍ରହଣ କରାଯାଇଥିଲା; ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିଗୁଡ଼ିକ ଶୁଣିଛନ୍ତି ଏବଂ ଉକ୍ତ ଆଇନର ଧାରା 20ଡି ଅନୁଯାୟୀ ଆଦେଶ ପାସ କରାଯାଇଛି।

ଏବଂ ଯେହେତୁ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ତେଣୁ, ବର୍ତ୍ତମାନ, ଦକ୍ଷ ଅଧିକାରୀଙ୍କ ରିପୋର୍ଟ ପ୍ରାପ୍ତ ହେବା ପରେ, ଏବଂ ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବ;

ଏବଂ ଏହା ସହିତ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ସମସ୍ତ ଭାରରୁ ମୁକ୍ତ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ।

### ଅନୁସୂଚୀ

ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର **"ସାରଳା-ସାସନ ମଧରେ ତୃତୀୟ ଏବଂ ଚତୁର୍ଥ ଲାଇନ (୮ କିଲୋମିଟର)"** ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ମଧରେ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା। ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର ସମ୍ବଲପୁର ତହସିଲରେ ୬ଟି ଗ୍ରାମ ଅବସ୍ଥିତ ଯାହାର ଅଧିକାରୀ ସମ୍ବଲପୁରର ତହସିଲଦାର, ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର ଅଧୀନରେ ଅବସ୍ଥିତ।

**ଜିଲ୍ଲାର ନାମ : ସମ୍ବଲପୁର**

| କ୍ରମିକ ନଂ. | ଗ୍ରାମର ନାମ | ଖାତା ନଂ. | ପ୍ଲଟ ନଂ. | ସମୁଦାୟ କ୍ଷେତ୍ର (ଏକର) | ଆଧିକୃତ କ୍ଷେତ୍ର (ଏକର) | କିସମ | ଅଭିଲିଖିତ ପ୍ରଜାର ନାମ |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| **ଗ୍ରାମର ନାମ : ରାଣୀ ଖୁଣ୍ଟା** | | | | | | | |
| 1 | ରାଣୀ ଖୁଣ୍ଟା | 466 | 705 | 0.120 | 0.020 | ଘର | ମୃଣାଳକାନ୍ତି ଶତପଥି ପି:ହାରାଧନ ଶତପଥି ଜା: ବ୍ରାହ୍ମଣ ବା: ନିଜଗାଁ |
| 2 | ରାଣୀ ଖୁଣ୍ଟା | 466 | 706 | 0.050 | 0.050 | ଜଳାଶୟ | ମୃଣାଳକାନ୍ତି ଶତପଥି ପି:ହାରାଧନ ଶତପଥି ଜା: ବ୍ରାହ୍ମଣ ବା: ନିଜଗାଁ |
| 3 | ରାଣୀ ଖୁଣ୍ଟା | 200 | 707 | 0.370 | 0.190 | ବାହାଲ ଖାରି ପାଣି ଏକ ଦୋଫସଲି | ପ୍ରସାନ୍ତ କୁମାର ପତି ପି:ରବିନାରାୟଣ ପତି ଜା: ବ୍ରାହ୍ମଣ ବା: ନିଜଗାଁ |
| 4 | ରାଣୀ ଖୁଣ୍ଟା | 200 | 689 | 0.470 | 0.025 | ବାହାଲ ଖାରି ପାଣି ଏକ ଦୋଫସଲି | ପ୍ରସାନ୍ତ କୁମାର ପତି ପି: ରବିନାରାୟଣ ପତି ଜା: ବ୍ରାହ୍ମଣ ବା: ନିଜଗାଁ |
| | | | ମୋଟ: | **1.010** | **0.285** | | |
| **ଗ୍ରାମରନାମ : ଅଯିତପୁର ଶାସନ** | | | | | | | |
| 5 | ଅଯିତପୁର ଶାସନ | 113/51 | 260 | 0.750 | 0.010 | ବସ୍ତୁମାଳ | ମହେନ୍ଦ୍ର କୁମାର ଧର ପି: ରାଜାରାମ ଧର ଜା: ବ୍ରାହ୍ମଣ ବା: ହରଗୌରି ବିହାର ଅଇଁଠାପାଲି, ଜି: ସମ୍ବଲପୁର |
| 6 | ଅଯିତପୁର ଶାସନ | 113/65 | 261 | 1.460 | 0.045 | ବସ୍ତୁମାଳ | ପ୍ରଦିପ କୁମାର ମହାପାତ୍ର, ପି: କୁଞ୍ଜ ମହାପାତ୍ର, ଜା: ବ୍ରାହ୍ମଣ, ବା: ମାଳିପାଲି (ଭାଲୁପାଲି ) |
| 7 | ଅଯିତପୁର ଶାସନ | 1 | 269 | 1.950 | 0.250 | ବସ୍ତୁମାଳ | ଅର୍ଜୁନମୋହନ ହୋତା, ସୁରେନ୍ଦ୍ର ମୋହନ ହୋତା, ଲଳିତ ମୋହନ ହୋତା, ବିରେନ୍ଦ୍ର ମୋହନ ହୋତା, ଧିରେନ୍ଦ୍ର ମୋହନ ହୋତା, ମନୋରମା ଦାଶ, ପି: ଚକ୍ରଧର ହୋତା, ଜଗଦୀଶ ତ୍ରିପାଠୀ, ବୈଦେହୀ ଷଡ଼ଙ୍ଗି, କୁନି ଦାସ, ପି: ରାଜିବଲୋଚନ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| 8 | ଅଯିତପୁରଶାସନ | 113/57 | 270 | 2.300 | 0.150 | ଖଲିଆମାଳ | ଅର୍ଣ୍ଣପୂର୍ଣ୍ଣା ପାଟଯୋଶୀ, ସ୍ୱା: ସେବାରଞ୍ଜନ ପାଟଯୋଶୀ, ସେବାରଞ୍ଜନ ପାଟଯୋଶୀ, ପି: ରବିରତ୍ନ ପାଟଯୋଶୀ, ଜା: ବ୍ରାହ୍ମଣ, ବା: ଶାନ୍ତିନଗର, ବୁଢ଼ାରଜା, ଥାନା-ଅଇଁଠାପାଲି |
| | | | ମୋଟ : | **6.460** | **0.455** | | |
| **ଗ୍ରାମର ନାମ : ସଣ୍ଡାସିଂହା** | | | | | | | |
| 9 | ସଣ୍ଡାସିଂହା | 172/169 | 115 | 0.610 | 0.150 | ଜୁଲୁକି ମାଳ | ତ୍ରିନାଥ ବାଗ, ପି: ରଥୀ ବାଗ, ଜା: ଗଉଡ଼, ବା: ସଣ୍ଡାସିଂହା, ଥା: ଶାସନ, ଜି: ସମ୍ବଲପୁର |
| 10 | ସଣ୍ଡାସିଂହା | 139 | 117 | 1.270 | 0.170 | ଜୁଲୁକି ବେର୍ଣ୍ଣା | ସତ୍ୟ ନାରାୟଣ ମିଶ୍ର, ଶରତ ମିଶ୍ର, ଶାନ୍ତନୁ ମିଶ୍ର, ସନ୍ତୋଷ ମିଶ୍ର, କାଞ୍ଚନ ପଣ୍ଡା, ସବିତା ପଣ୍ଡା, ପି: ଭଗବାନ ମିଶ୍ର, ବିଦେଶିନୀ ନାୟକ, ସ୍ୱା: ହିମାଂଶୁ ମିଶ୍ର, ସୀକୃତି ମିଶ୍ର, ସଂଗ୍ରାମ ମିଶ୍ର, ପି: ହିମାଂଶୁ ମିଶ୍ର, ଜା: ବ୍ରାହ୍ମଣ, ବା: ଗଣେଶ ନଗର, ରେଙ୍ଗାଲୀ, ସମ୍ବଲପୁର |
| 11 | ସଣ୍ଡାସିଂହା | 172/58 | 125 | 0.860 | 0.070 | ଲାଇନ ଟରା | ଆର୍ତ୍ତତ୍ରାଣ ମିଶ୍ର, ପି: ରାହାସ ବିହାରୀ ମିଶ୍ର, ଜା: ବ୍ରାହ୍ମଣ, ବା: ଶାସନ |
| 12 | ସଣ୍ଡାସିଂହା | 37 | 126 | 0.640 | 0.070 | ଜୁଲୁକି ବେର୍ଣ୍ଣା | ଜଗନ୍ନାଥ ମଲ୍ଲିକ, ପି:ପଣ୍ଡିତ ମଲ୍ଲିକ, ଜା: କନ୍ଧ, ବା: ଅଜିତପୁର ଶାସନ |
| 13 | ସଣ୍ଡାସିଂହା | 157 | 127/516 | 0.120 | 0.030 | ମହୁଲ ବେର୍ଣ୍ଣା | ସାରଙ୍ଗ ପଟ୍ଟା, ପି: ଚେରୁ ପଟ୍ଟା, ଜା: ଗଣ୍ଡ, ବା: ନିଜଗାଁ |
| 14 | ସଣ୍ଡାସିଂହା | 157 | 127 | 3.130 | 0.010 | ମହୁଲ ବେର୍ଣ୍ଣା | ସାରଙ୍ଗ ପଟ୍ଟା, ପି: ଚେରୁ ପଟ୍ଟା, ଜା: ଗଣ୍ଡ, ବା: ନିଜଗାଁ |
| 15 | ସଣ୍ଡାସିଂହା | 90 | 128 | 0.360 | 0.050 | ଜୁଲୁକି ମାଳ | ଶ୍ରୀ ରାମଚନ୍ଦ୍ର ମହାପ୍ରଭୁ ବିଜେ ଅଜିତପୁର ଶାସନ, ବା: ମା ବଂଶୀଧର ମିଶ୍ର, ପି: ବଳଭଦ୍ର ମିଶ୍ର, ଜା: ବ୍ରାହ୍ମଣ, ବା: ଅଜିତପୁର ଶାସନ |
| 16 | ସଣ୍ଡାସିଂହା | 172/177 | 131 | 0.590 | 0.020 | ମହୁଲ ବାହାଲ | ସବ୍ୟସାଚୀ ସାହୁ, ପି: ଗଙ୍ଗାଧର ସାହୁ, ଜା: କୁଲତା, ବା: ବୈଦାରନୂଆପାଲି, ଥା: ଅଇଁଠାପାଲି, ଜି: ସମ୍ବଲପୁର |
| 17 | ସଣ୍ଡାସିଂହା | 172/177 | 132 | 0.110 | 0.020 | ମହୁଲ ମାଳ | ସବ୍ୟସାଚୀ ସାହୁ, ପି: ଗଙ୍ଗାଧର ସାହୁ, ଜା: କୁଲତା, ବା: ବୈଦାରନୂଆପାଲି, ଥା: ଅଇଁଠାପାଲି, ଜି: ସମ୍ବଲପୁର |
| 18 | ସଣ୍ଡାସିଂହା | 172/69 | 133 | 1.000 | 0.070 | ମହୁଲ ମାଳ | ଆଦିତ୍ୟ ଅଟି, ପି: ଭାଗିରଥି ଅଟି, ଜା: ଗଣ୍ଡ, ବା: ନିଜଗାଁ |
| 19 | ସଣ୍ଡାସିଂହା | 118 | 143 | 2.260 | 0.130 | ମହୁଲ ମାଳ | ଭୀଷ୍ମଦେବ ମେହେର, ପି: ଚୈତନ୍ୟ ମେହେର, ଜା: ଭୁଲିଆ, ବା: ସାକ୍ଷୀପଡ଼ା (ସମ୍ବଲପୁର) |
| 20 | ସଣ୍ଡାସିଂହା | 161 | 144 | 1.180 | 0.200 | ଖୁଣ୍ଟ ମାଳ | ମଥୁରା କୁମୁରା, ପି: ଶୁକଦେବ ଧରୁଆ, ଜା: ଗଣ୍ଡ, ବା: ନିଜଗାଁ |
| | | | ମୋଟ : | **12.130** | **0.990** | | |
| **ଗ୍ରାମର ନାମ : ମାଝୀପାଲି** | | | | | | | |
| 21 | ମାଝୀପାଲି | 88/93 | 180 | 2.130 | 0.020 | କରମାମାଳ | ପଟାୟତ ଲାଲ ମେହେର, ପି: ଭୁବନ ମେହେର, ଜା: ଚମାର, ବା: ନିଜଗାଁ |
| 22 | ମାଝୀପାଲି | 88/146 | 210 | 0.130 | 0.130 | ଖଲିଆମାଳ | ଶାନ୍ତନୁ କୁମାର ମହାନ୍ତି, ପି: ଲାଲସାହେବ ମହାନ୍ତି, ଜା: ବ୍ରାହ୍ମଣ, ବା: ପଟ୍ଟନାୟକପଡା, ସମ୍ବଲପୁର |
| 23 | ମାଝୀପାଲି | 72 | 108/294 | 1.880 | 0.055 | ଚାରମାଳ | ରାମଚନ୍ଦ୍ର କରାଳି, ପି: ପୁରସ୍ତମ କରାଳି, ତୂରା କରାଳି, ସ୍ୱା: ପୁରସ୍ତମ କରାଳି, ଜା: ଗଣ୍ଡା, ବା: ନିଜଗାଁ |
| 24 | ମାଝୀପାଲି | 88/146 | 208 | 0.320 | 0.115 | ଖଲିଆମାଳ | ଶାନ୍ତନୁ କୁମାର ମହାନ୍ତି, ପି: ଲାଲସାହେବ ମହାନ୍ତି, ଜା: ବ୍ରାହ୍ମଣ, ବା: ପଟ୍ଟନାୟକପଡା, ସମ୍ବଲପୁର |
| 25 | ମାଝୀପାଲି | 88/370 | 210/691 | 1.000 | 0.175 | ଘରବାରି | ସୁନିଲ କୁମାର ଶର୍ମା, ପି: ପ୍ରଭୁଦୟାଲ ଶର୍ମା, ଜା: ବ୍ରାହ୍ମଣ, ବା: ଧନୁପାଲି, ଜି: ସମ୍ବଲପୁର |
| 26 | ମାଝୀପାଲି | 88/371 | 210/692 | 0.820 | 0.240 | ଘରବାରି | ଅନିଲ କୁମାର ଶର୍ମା, ପି: ପ୍ରଭୁଦୟାଲ ଶର୍ମା, ଜା: ବ୍ରାହ୍ମଣ, ବା: ଧନୁପାଲି, ଜି: ସମ୍ବଲପୁର |
| 27 | ମାଝୀପାଲି | 88/371 | 208/693 | 1.180 | 0.495 | ଘରବାରି | ଅନିଲ କୁମାର ଶର୍ମା, ପି: ପ୍ରଭୁଦୟାଲ ଶର୍ମା, ଜା: ବ୍ରାହ୍ମଣ, ବା: ଧନୁପାଲି, ଜି: ସମ୍ବଲପୁର |
| 28 | ମାଝୀପାଲି | 88/146 | 176 | 0.100 | 0.040 | ପଟିତ | ଶାନ୍ତନୁ କୁମାର ମହାନ୍ତି, ପି: ଲାଲସାହେବ ମହାନ୍ତି, ଜା: ବ୍ରାହ୍ମଣ, ବା: ପଟ୍ଟନାୟକ ପଡା, ସମ୍ବଲପୁର |
| 29 | ମାଝୀପାଲି | 61 | 172 | 3.420 | 0.400 | ଡୁଙ୍ଗୁରି ଟରା | ମୂଷା ମୁଣ୍ଡା, ପି: ମାଥଉ ମୁଣ୍ଡା, ସରୋଜ ଆଇନ୍ଦ, ସ୍ୱା: ସାମସନ ଆଇନ୍ଦ, ମାସି ଆଇନ୍ଦ, ଇସ୍ତଫା ଆଇନ୍ଦ, ସୁଲେମାନ ଆଇନ୍ଦ, ପି: ମୂଷା ମୁଣ୍ଡା, ଜା: ମୁଣ୍ଡା, ବା: ଭାଲୁକୁନ୍ଦା, ଥା: ଶାସନ, ଜି: ସମ୍ବଲପୁର |
| | | | ମୋଟ : | **10.980** | **1.670** | | |
| **ଗ୍ରାମର ନାମ : ଛତର ଗଡ଼ା** | | | | | | | |
| 30 | ଛତରଗଡ଼ା | 30 | 17 | 1.580 | 0.015 | ବେର୍ଣ୍ଣା ସାଧାରଣ | ରର୍ବଟ କେରକେଟା, ପି: ମାସି ପ୍ରକାଶ କେରକେଟା, ଜା: ମୁଣ୍ଡା, ବା: ଆଶାପାଲି, ଖ୍ରୀଷ୍ଟିୟାନପଡା, ଥା: ଟାଉନ, ଜି: ସମ୍ବଲପୁର |
| | | | ମୋଟ: | **1.580** | **0.015** | | |
| **ଗ୍ରାମର ନାମ : ପରଧିଆପାଲି** | | | | | | | |
| 31 | ପରଧିଆପାଲି | 228/675 | 922 | 1.220 | 0.050 | ପଟିତ | ସିନ୍ଧୁବାଳା ମିଶ୍ର, ସ୍ୱା: ନୃସିଂହନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନନ୍ଦପଡା |
| 32 | ପରଧିଆପାଲି | 163 | 920 | 5.920 | 0.020 | ଲିଆଖାଇ ମାଳ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 33 | ପରଧିଆପାଲି | 135 | 918 | 3.230 | 0.040 | କଣାଚେରଆଟ | ପୁରନ୍ଦର ସାହୁ, ପର୍ଶୁରାମ ସାହୁ, ପି: ଖାଡି ସାହୁ, ଦଧିବାବନ ସାହୁ, ପି: ଶ୍ୟାମ ସାହୁ, ଜା: କୁଲତା, ବା: ନିଜଗାଁ |
| 34 | ପରଧିଆପାଲି | 9 | 917 | 4.550 | 0.130 | ଝାର ବେର୍ଣ୍ଣା | ଗିର୍ଜା ମାଧବ ଗୁରୁ, ବରଦା ମାଧବ ଗୁରୁ, ପି: ଅନନ୍ତରାମ ଗୁରୁ, ଶୋଭା ଗୁରୁ, ସ୍ୱା: ନିଳମାଧବ ଗୁରୁ, ସୁଦିପ୍ତା ଗୁରୁ, ପି: ନିଳମାଧବ ଗୁରୁ, ଜା: ବ୍ରାହ୍ମଣ, ବା: ସାକ୍ଷିପଡା, ସମ୍ବଲପୁର |
| 35 | ପରଧିଆପାଲି | 9 | 916 | 1.130 | 0.010 | ଝାର ବେର୍ଣ୍ଣା | ଗିର୍ଜା ମାଧବ ଗୁରୁ, ବରଦା ମାଧବ ଗୁରୁ, ପି: ଅନନ୍ତରାମ ଗୁରୁ, ଶୋଭା ଗୁରୁ, ସ୍ୱା: ନିଳମାଧବ ଗୁରୁ, ସୁଦିପ୍ତା ଗୁରୁ, ପି: ନିଳମାଧବ ଗୁରୁ, ଜା: ବ୍ରାହ୍ମଣ, ବା: ସାକ୍ଷିପଡା, ସମ୍ବଲପୁର |
| 36 | ପରଧିଆପାଲି | 69 | 672 | 4.340 | 0.085 | ଭୁର୍ଲା ଟିକିରା | ଚୁଆ ମୁଣ୍ଡା, ପି:ବାକୁ ମୁଣ୍ଡା, ଜା: ମୁଣ୍ଡା, ବା: ମାଳିପାଲି |
| 37 | ପରଧିଆପାଲି | 125 | 1126 | 0.210 | 0.095 | ବାରି ସାଧାରଣ | ପ୍ରଫୁଲ୍ଲ ସାହୁ, ପ୍ରମୋଦ ସାହୁ, ପି: ଦେବାର୍ଚ୍ଚନ ସାହୁ, ଜା: କୁଲତା, ବା: ନିଜଗାଁ |
| 38 | ପରଧିଆପାଲି | 52 | 1110 | 0.210 | 0.165 | ବାରି ସାଧାରଣ | ଗୋପିନାଥ ଗୁରୁ, ଜଗନ୍ନାଥ ଗୁରୁ, ମୁରାରୀ ପ୍ରସାଦ ଗୁରୁ, ପି: ପ୍ରଦ୍ୟୁମ୍ନ ଗୁରୁ, ପଦ୍ମାବତୀ ଗୁରୁ, ସ୍ୱା: ପ୍ରଦ୍ୟୁମ୍ନ ଗୁରୁ, ବିଶ୍ୱନାଥ ଗୁରୁ, ପି: ମଦନ ମୋହନ ଗୁରୁ, ଗୋଦାବରୀ ଗୁରୁ, ସ୍ୱା: ମଦନ ମୋହନ ଗୁରୁ, ଜା: ବ୍ରାହ୍ମଣ, ବା: ନିଜଗାଁ |
| 39 | ପରଧିଆପାଲି | 163 | 1147 | 0.400 | 0.170 | ମାଳ ଖାରି | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 40 | ପରଧିଆପାଲି | 163 | 1146 | 0.200 | 0.105 | ବାରି ସାଧାରଣ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା ବା: ନିଜଗାଁ |
| 41 | ପରଧିଆପାଲି | 207 | 1141 | 0.040 | 0.040 | ବାରି ସାଧାରଣ | ସନ୍ତୋଷ ଷଣ୍ଢ, ପି: ଦିନାରାମ ଷଣ୍ଢ, ଜା: ଗଉଡ଼, ବା: ନିଜଗାଁ ପାଣିବୁଡି ପ୍ରଧାନ, ସ୍ୱା: ସତ୍ୟାନନ୍ଦ ପ୍ରଧାନ, ଜା: କୁଲୁତା, ବା: ନିଜଗାଁ, ବସୁ ବଢେଇ ସ୍ୱା: ଶୁକଦେବ ବଢେଇ, ଜା: କୁଲୁତା, ବା: ତକବା ଥାନା ଶାସନ, ମନ ପଧାନ, ସ୍ୱା: ଉଜାଗର ପଧାନ, ଜା: କୁଲୁତା, ବା: ଗଣ୍ଡପାଲି ଥାନା ଶାସନ, ଝାପ ସାହୁ, ସ୍ୱା: ଯୋଗିନ୍ଦ୍ର ସାହୁ, ବିପିନ ବିହାରୀ ବାରିକ, ପି: ସୁଦର୍ଶନ ବାରିକ, ଭରତ ବାରିକ, ପି: ଉଗ୍ରେସନ ବାରିକ, ଭାନୁମତୀ ବାରିକ, ସ୍ୱା: ଉଗ୍ରେସନ ବାରିକ, ଜା: କୁଲୁତା, ବା: ନିଜଗାଁ |
| 42 | ପରଧିଆପାଲି | 132 | 1139 | 0.070 | 0.050 | ବାରି ସାଧାରଣ | ପାଣିବୁଡି ପ୍ରଧାନ ସ୍ୱା: ସତ୍ୟାନନ୍ଦ ପ୍ରଧାନ ଜା: କୁଲୁତା ବା: ନିଜଗାଁ, ବସୁ ବଢେଇ ସ୍ୱା: ଶୁକଦେବ ବଢେଇ, ଜା: କୁଲୁତା ବା: ତକବା, ଥା: ନାଶାସନ, ମନପଧାନ ସ୍ୱା: ଉଜାଗର ପଧାନ, ଜା: କୁଲୁତା ବା: ଗଣ୍ଡପାଲି, ଥା:ନାଶାସନ, ଝାପ ସାହୁ, ସ୍ୱା: ଯୋଗିନ୍ଦ୍ର ସାହୁ, ବିପିନ ବିହାରୀ ବାରିକ ପି:ସୁଦର୍ଶନ ବାରିକ, ଭରତ ବାରିକ, ପି: ଉଗ୍ରେସନ ବାରିକ, ଭାନୁମତୀ ବାରିକ, ସ୍ୱା: ଉଗ୍ରେସନ ବାରିକ, ଜା: କୁଲୁତା,ବା: ନିଜଗାଁ |
| 43 | ପରଧିଆପାଲି | 163 | 1138 | 0.050 | 0.035 | ବାରି ସାଧାରଣ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ, ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 44 | ପରଧିଆପାଲି | 228/646 | 1137 | 0.030 | 0.030 | ବାରିସାଧାରଣ | ବିଜୟ କୁମାର ନାଏକ, ଅଶ୍ୱିନୀ କୁମାର ନାଏକ, ନବିନ ଚନ୍ଦ୍ର ନାଏକ, ପି: ଆର୍ତ୍ତତ୍ରାଣ ନାଏକ, ଜା: କୁଲତା, ବା: ପରଧିଆପାଲି, ସମ୍ବଲପୁର |
| 45 | ପରଧିଆପାଲି | 228/1562 | 1136 | 0.030 | 0.030 | ବାରିସାଧାରଣ | କୈଳାଶ ସାହୁ, ପି: ଯୁଗଳ ସାହୁ, ଜା: ତେଲି, ବା: ପରଧିଆପାଲି, ଥା: ଅଇଁଠାପାଲି, ଜି: ସମ୍ବଲପୁର |
| 46 | ପରଧିଆପାଲି | 216 | 1135 | 0.070 | 0.055 | ବାରିସାଧାରଣ | ସାନ ବାରିକ, ସ୍ୱା: ଭୁବନ ବାରିକ, ଜା: କୁଲତା, ବା: ନିଜଗାଁ |
| 47 | ପରଧିଆପାଲି | 218 | 1134 | 0.040 | 0.040 | ବାରି ସାଧାରଣ | ପ୍ରଦିପ କୁମାର ସାହୁ, ପି: ଶିବ ଶଙ୍କର ସାହୁ, ସରୋଜିନୀ ସାହୁ, ସ୍ୱା: ଶିବ ଶଙ୍କର ସାହୁ, ଜା: କୁଲତା, ବା: ନିଜଗାଁ |
| 48 | ପରଧିଆପାଲି | 188 | 1132 | 0.090 | 0.090 | ବାରି ସାଧାରଣ | ରାମଚନ୍ଦ୍ର ଧରୁଆ, ପି: ଦାଶ ଧରୁଆ, ଗୋପ କହ୍ନାଇ ଧରୁଆ, ପି: ଜନକରାମ ଧରୁଆ, ପଦ୍ମା ଧରୁଆ, ସ୍ୱା: ଜନକରାମ ଧରୁଆ, ଜା: ଗଣ୍ଡ, ବା: ନିଜଗାଁ |
| 49 | ପରଧିଆପାଲି | 196 | 1131 | 0.200 | 0.070 | ବାରି ସାଧାରଣ | ସୁନନ୍ଦା ମହାପାତ୍ର, ସୁଖଦା ଦାଶ, ପି: ଲଳିତ ମୋହନ ମିଶ୍ର, ସରୋଜିନୀ ମିଶ୍ର, ସ୍ୱା: ଲଳିତ ମୋହନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| 50 | ପରଧିଆପାଲି | 40 | 1130 | 0.100 | 0.045 | ବାରି ସାଧାରଣ | ଗଣ୍ଡା ଭୋଏ, ପି:ସୋମନାଥ ଭୋଏ, ଜା: ଗଣ୍ଡ, ବା: ନିଜଗାଁ |
| 51 | ପରଧିଆପାଲି | 227 | 1128 | 0.120 | 0.035 | ବାରି ସାଧାରଣ | ସନ୍ତୋଷ ପଧାନ, ପି: ହଜାରୀ ପଧାନ, ଜା: କୁଲତା, ବା: ନିଜଗାଁ |
| 52 | ପରଧିଆପାଲି | 131 | 1127 | 0.170 | 0.055 | ବାରି ସାଧାରଣ | ଶ୍ରୀଧର ଭୋଏ, ପି: ହିରା ଭୋଏ, ଜା: କୁଲତା, ବା: ନିଜଗାଁ, ସାବିତ୍ରୀ ପ୍ରଧାନ, ପି: ପ୍ରହଲ୍ଲାଦ ପ୍ରଧାନ, ଜା: କୁଲତା, ବା: କୁଲତା ନୂଆପାଲି, ଲୋହିତ ପଧାନ, କିଶୋର ଚନ୍ଦ୍ର ପଧାନ, ପି: ଗୋବର୍ଦ୍ଧନ ପଧାନ, ଲଳିତା ବଢେଇ, ତପସ୍ୱିନୀ ପାତ୍ର, ପି: ପୁରସ୍ତମ ଖମାରୀ, ସଞ୍ଜୟ ପ୍ରଧାନ, ଅଭୟ ପ୍ରଧାନ, ପି: ବିନୋଦ ପ୍ରଧାନ, ଜା: କୁଲତା, ବା: ପରଧିଆପାଲି |
| 53 | ପରଧିଆପାଲି | 163 | 1244 | 19.390 | 0.045 | ଲାଉକୁଦା ମାଳ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 54 | ପରଧିଆପାଲି | 61 | 1119 | 0.060 | 0.020 | ବାରି ସାଧାରଣ | ଚନ୍ଦ୍ରମା ବଢାଇ, ସ୍ୱା: ସନ୍ତୋଷ ବଢାଇ, ସୁଜୟ ବଢାଇ, ବିଜୟ ବଢାଇ, ଅଜୟ ବଢାଇ, ସମ୍ମିତ ବଢାଇ, ପି: ସନ୍ତୋଷ ବଢାଇ, ଜା: କୁଲତା, ବା: ନିଜଗାଁ |
| 55 | ପରଧିଆପାଲି | 100 | 1121 | 0.070 | 0.025 | ବାରି ସାଧାରଣ | ଦଶରଥ ସାହୁ, ପି: ମୁକ୍ତିଧର ସାହୁ, ଜା: କରଣ, ବା: ନିଜଗାଁ |
| 56 | ପରଧିଆପାଲି | 7 | 1122 | 0.060 | 0.020 | ବାରି ସାଧାରଣ | ଭୀଷ୍ମଦେବ ସାହୁ, ପି:ଅନନ୍ତରାମ ସାହୁ, ଜା: କୁଲତା, ବା: ନିଜଗାଁ |
| 57 | ପରଧିଆପାଲି | 124 | 1123 | 0.070 | 0.025 | ବାରି ସାଧାରଣ | ଟଙ୍କଧର ପଧାନ, ମଦନ ପଧାନ, ପି: ବାସୁଦେବ ପଧାନ, ଜା: କୁଲତା, ବା: ଗୋପାଳପାଲି |
| 58 | ପରଧିଆପାଲି | 9 | 1143 | 0.090 | 0.090 | ବାରି ସାଧାରଣ | ଗିର୍ଜା ମାଧବ ଗୁରୁ, ବରଦା ମାଧବ ଗୁରୁ ପି: ଅନନ୍ତରାମ ଗୁରୁ, ଶୋଭା ଗୁରୁ, ସ୍ୱା: ନିଳମାଧବ ଗୁରୁ, ସୁଦିପ୍ତା ଗୁରୁ, ପି: ନିଳମାଧବ ଗୁରୁ, ଜା: ବ୍ରାହ୍ମଣ, ବା: ସାକ୍ଷିପଡା, ସମ୍ବଲପୁର |
| 59 | ପରଧିଆପାଲି | 212 | 1144 | 0.100 | 0.020 | ବାରି ସାଧାରଣ | ସରନ କନ୍ଧ, ପି: କୁଳମଣୀ କନ୍ଧ, ଅବଧୂତ କନ୍ଧ, ଅଚ୍ୟୁତା କନ୍ଧ, ଶଚିଦା କନ୍ଧ, ଉଛବ କନ୍ଧ, ପି: ହରି କନ୍ଧ, ଜା: କନ୍ଧ, ବା: ଯାମପାଲି, ସୁବିଧା କନ୍ଧ, ସ୍ୱା: ହରି କନ୍ଧ, ଜା: କନ୍ଧ, ବା: ନିଜଗାଁ, ସଏନ୍‌ଧ୍ରି କନ୍ଧ, ପି: ବନମାଳୀ କନ୍ଧ, ଜା: କନ୍ଧ, ବା: ଯାମପାଲି, ଶୁକ୍ରତା କନ୍ଧ, ପି: ବନମାଳୀ କନ୍ଧ, ଜନକ କନ୍ଧ, ସ୍ୱା: ବନମାଳୀ କନ୍ଧ, ଜା: କନ୍ଧ, ବା: ନିଜଗାଁ |
| 60 | ପରଧିଆପାଲି | 212 | 1140 | 0.10 | 0.10 | ମାଳଖାରି | ସରନ କନ୍ଧ, ପି: କୁଳମଣୀ କନ୍ଧ, ଅବଧୂତ କନ୍ଧ, ଅଚ୍ୟୁତା କନ୍ଧ, ଶଚିଦା କନ୍ଧ, ଉଛବ କନ୍ଧ, ପି: ହରି କନ୍ଧ, ଜା: କନ୍ଧ, ବା: ଯାମପାଲି, ସୁବିଧା କନ୍ଧ, ସ୍ୱା: ହରି କନ୍ଧ, ଜା: କନ୍ଧ, ବା: ନିଜଗାଁ, ସଏନ୍‌ଧ୍ରି କନ୍ଧ, ପି: ବନମାଳୀ କନ୍ଧ, ଜା: କନ୍ଧ, ବା: ଯାମପାଲି, ଶୁକ୍ରତା କନ୍ଧ, ପି: ବନମାଳୀ କନ୍ଧ, ଜନକ କନ୍ଧ, ସ୍ୱା: ବନମାଳୀ କନ୍ଧ, ଜା: କନ୍ଧ, ବା: ନିଜଗାଁ |
| | | | ମୋଟ: | **42.360** | **1.790** | | |
| | | | ସମୁଦାୟ ମୋଟ: | **74.520** | **5.205** | | |

| ଗ୍ରାମର ନାମ | ଅଧିଗ୍ରହଣ କ୍ଷେତ୍ର (ଏକର) |
|---|---|
| ରାଣୀ ଖୁଣ୍ଟା | 0.285 |
| ଅଯିତପୁର ଶାସନ | 0.455 |
| ଛତର ଗଡ଼ା | 0.015 |
| ମାଝୀପାଲି | 1.67 |
| ସଣ୍ଡାସିଂହା | 0.99 |
| ପରଧିଆପାଲି | 1.790 |
| **ମୋଟ** | **5.205** |

PR-30/CI/25-26

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଳିଙ୍ଗନଗରରେ ଇମ୍ଫା ସମ୍ପ୍ରସାରିତ କାରଖାନାର ଶିଳାନ୍ୟାସ

**ଭୁବନେଶ୍ୱର,୨୨।୫**

ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍(ଇମ୍ଫା)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହେବାକୁ ଥିବା ଇମ୍ଫା ସମ୍ପ୍ରସାରିତ କାରଖାନାର ଶିଳାନ୍ୟାସ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା କଳିଙ୍ଗନଗରଠାରେ ହୋଇଯାଇଛି। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ଅମର ନାୟକ ଏବଂ ବିଧାୟକ ଆକାଶ ଦାସନାୟକଙ୍କ ସମେତ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ୧୨୪.୨୬ ଏକର ପରିବ୍ୟାପ୍ତ ସ୍ଥାନରେ ଏହି କାରଖାନା ଆରମ୍ଭ ସହ ବାର୍ଷିକ ୧,୦୦,୦୦୦ ମେଟ୍ରିକ ଟନ୍ ଫେରୋକ୍ରୋମ୍ ଉତ୍ପାଦନ ହେବ। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ସୁଦ୍ଧା ଏହି କାରଖାନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ସେହିଭଳି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହେବାକୁ ଥିବା ଏହି କାରଖାନା ଉଭୟ ଚୌଦ୍ୱାର ଏବଂ ଥେରୁବାଲିଠାରେ ଥିବା ଇମ୍ଫାର ସମନ୍ୱିତ କାର୍ଯ୍ୟସ୍ଥଳୀଗୁଡ଼ିକର ପରିପୂରକ ହେବ। ଏପରିକି ଏହାର ମୋଟ ଉତ୍ପାଦନ କ୍ଷମତା ୩,୮୪,୦୦୦ ଟନ୍‌କୁ ବୃଦ୍ଧି ପାଇବା ସହ ମୂଲ୍ୟଯୁକ୍ତ ଫେରୋକ୍ରୋମ୍ ଉତ୍ପାଦନକାରୀ ଭାବରେ ଭାରତରେ ଏହାର ସ୍ଥିତିକୁ ସୁଦୃଢ଼ କରିବ। ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ଓଡ଼ିଶାର ବିକାଶ ପାଇଁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛୁ। ଏହି ନୂତନ ପ୍ରକଳ୍ପ କେବଳ ରାଜ୍ୟର ଶିଳ୍ପ ମାନଚିତ୍ରକୁ ଉନ୍ନତ କରିବ ନାହିଁ ବରଂ ଦୀର୍ଘସ୍ଥାୟୀ ଏବଂ ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ ଇମ୍ଫାର ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ। ଫେରୋ ଆଲଏଜ୍ କ୍ଷେତ୍ରରେ ଅଗ୍ରଣୀ ଇମ୍ଫା ଜେଏସ୍‌ଡବ୍ଲ୍ୟୁ ଗ୍ରୀନ୍ ଏନର୍ଜି ସହ ମିଳିତ ଉଦ୍ୟମରେ କଳିଙ୍ଗନଗର କାରଖାନାରେ ସ୍ମେଲଟିଂ ପ୍ରକ୍ରିୟା ପାଇଁ ୧୧୦ ମେଗାୱାଟ ହାଇବ୍ରିଡ୍ ନବୀକରଣୀୟ ବିଦ୍ୟୁତ୍ ଶକ୍ତି ଯୋଗାଣ କରିବ। ଏହା କେବଳ ଇମ୍ଫାର ସବୁଜ ପରିବେଶ ସୃଷ୍ଟି ପାଇଁ ଉଦ୍ୟମକୁ ତ୍ୱରାନ୍ୱିତ କରିବା ସହ ଏକ ସବୁଜ ଭବିଷ୍ୟତ ନିର୍ମାଣ ଦିଗରେ ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ ୨୦୭୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନ ହାସଲ କରିବାରେ ଭାରତର ଅଭିଯାନକୁ ସହାୟତା ମଧ୍ୟ କରିବ।



ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ନିଯୁକ୍ତି କ୍ଷେତ୍ରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନୂଆ ମାଇଲଖୁଣ୍ଟ

**ଭୁବନେଶ୍ୱର,୨୨।୫ (ଅଭୟ ଦାଶ)**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକବିଦ୍ୟାଧରପୁର ଗୋଡ଼ିସାହିସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ନିଯୁକ୍ତି କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ବିଗତ କିଛି ବର୍ଷ ହେବ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଥିବା ବିଦ୍ୟାର୍ଥୀଙ୍କ ନିମନ୍ତେ ଶିକ୍ଷାନୁଷ୍ଠାନ ଉତ୍ତମ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛି। ସେହିଭଳି ଶିକ୍ଷାନୁଷ୍ଠାନର କୃଷି ଏବଂ ଉଦ୍ୟାନ କୃଷି ବିଷୟରେ ବିଏସ୍‌ସି (ସମ୍ମାନ) ପାଠ୍ୟକ୍ରମ ରଖି ଅଧ୍ୟୟନ କରୁଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ସଫଳତାର ଚାବିକାଠି ପାଲଟିଛି। ଚଳିତ ଶିକ୍ଷା ବର୍ଷ ଶେଷରେ ଏହି ସଫଳତାର ଗ୍ରାଫ୍ ବହୁ ଉଚ୍ଚକୁ ଯାଇଥିବା ବିଶ୍ୱବିଦ୍ୟାଳୟ ପ୍ଲେସ୍‌ମେଣ୍ଟ ଅଧିକାରୀ ରବିରଞ୍ଜନ କୁମାର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୧-୨୨ ଶିକ୍ଷାବର୍ଷ ଶେଷ ବେଳକୁ ବିଶ୍ୱବିଦ୍ୟାଳୟର ୭୬% ଶିକ୍ଷାର୍ଥୀଙ୍କୁ ନିଯୁକ୍ତି ସୁଯୋଗ ମିଳିଥିବାବେଳେ ୨୦୨୨-୨୩ରେ ଏହି ସଂଖ୍ୟା ବୃଦ୍ଧି ପାଇ ୮୦.୫୨% କୁ ଛୁଇଁଥିଲା। ସେହିପରି ୨୦୨୩-୨୪ ଶିକ୍ଷାବର୍ଷ ଶେଷ ବେଳକୁ ଏହା ଆହୁରି ବୃଦ୍ଧି ପାଇ ୮୨.୦୯% ହୋଇଥିଲାବେଳେ ୨୦୨୪-୨୫ ଶିକ୍ଷାବର୍ଷ ଶେଷ ହୋଇ ନ ଥିବାବେଳେ ଏହି ସଂଖ୍ୟା ୭୦% ଟପିସାରିଲାଣି। ଏପରିକି ଆଗକୁ ଆହୁରି ବଳକା ସମୟ ଥିବାବେଳେ ଏହି ସଂଖ୍ୟା ୯୦% ଛୁଇଁବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆକଳନ କରିଛନ୍ତି।

ସେହିଭଳି ୨୦୨୧-୨୫ ବ୍ୟାଚ୍ ଶିକ୍ଷାର୍ଥୀମାନଙ୍କର ଶିକ୍ଷା ବର୍ତ୍ତମାନ ସମ୍ପନ୍ନ ହୋଇଥିବାବେଳେ କ୍ୟାମ୍ପସ ଚୟନ ମାଧ୍ୟମରେ ସେମାନେ ବିଭିନ୍ନ ବ୍ୟାଙ୍କ, ହାଇଲ୍ୟାଣ୍ଡ୍ ଗ୍ରୁପ୍ ଓ ଭର୍ଭ କନ୍‌ସଲଟିଂ ପ୍ରାଇଭେଟ୍ ଲିମିଟେଡ୍ ଭଳି ଉଚ୍ଚ ମାନକ ସଂସ୍ଥାରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଏପରିକି ସେମାନଙ୍କ ମଧ୍ୟରେ ଓମ୍ ଅନିକେତ ସାହୁ, ଶ୍ରୁତିସ୍ନିଗ୍ଧା ସାହୁ, ଜିତୁରାଜ ନାୟକ, ମୋହିତ ରଞ୍ଜନ ବିଶ୍ୱାଳ, ଅସୀମ ପ୍ରୀତି ମହାପାତ୍ର, ପ୍ରିୟମ୍ ପଳାଶ ମଲ୍ଲିକ, ରାହୁଲ ସାମଲ, ସମ୍ବିତ ବେହେରା ଏବଂ ଏସ୍.ଏ. ଶକ୍ତି ସ୍ୱରୂପାନନ୍ଦ ପ୍ରମୁଖ ଭିନ୍ନ ପଦବୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି।

# ଗ୍ରାମାଞ୍ଚଳରେ ଜିଓର ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା

**ଭୁବନେଶ୍ୱର,୨୨।୫**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ଅପରେଟର ରିଲାଏନ୍ସ ଜିଓ ଗ୍ରାମାଞ୍ଚଳରେ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା 'ଜିଓଏୟାରଫାଇବର'କୁ ଯୋଗାଇଦେଉଛୁ। ଭାରତର ଗ୍ରାମାଞ୍ଚଳରେ ରହୁଥିବା ଜନସାଧାରଣ ଦୀର୍ଘଦିନରୁ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଇଣ୍ଟରନେଟ୍‌ର ଲାଭରୁ ବଞ୍ଚିତ ରହିଛନ୍ତି। ତେବେ ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ ଗ୍ରାମାଞ୍ଚଳରେ ଜିଓ ବ୍ୟାପକ ଭାବେ ୫ଜି ଫିକ୍ସଡ୍ ଓ୍ୱାୟାରଲେସ୍ ଆକ୍ସେସ୍ (ଏଫ୍‌ଡବ୍ଲ୍ୟୁଏ) ସେବା ଉପଲବ୍ଧ କରାଇବା ଦ୍ୱାରା ଏହି ଧାରାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଇଛି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୨୨।୫**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୪୫ (୬୪୪.୬୪) ପଏଣ୍ଟ ହ୍ରାସ ଘଟି ୮୦,୯୫୨ (୮୦,୯୫୧.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨୦୪ (୨୦୩.୭୫) ପଏଣ୍ଟ କମି ୨୪,୬୧୦ (୨୪,୬୦୯.୭୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ବାର୍ଷିକ ଆଧାରରେ ୪୭.୫% ରାଜସ୍ୱ ବୃଦ୍ଧି

**ଭୁବନେଶ୍ୱର,୨୨।୫**

ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏପରିକି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ୨୦୨୪-୨୫ ଆର୍ଥିକ ବର୍ଷର ଫଳାଫଳକୁ ମଧ୍ୟ ଏହି ବୈଠକରେ ଘୋଷଣା କରାଯାଇଛି। ସେହିଭଳି ଏହି ଆର୍ଥିକ ବର୍ଷରେ ବ୍ୟାଙ୍କର ମୋଟ ରାଜସ୍ୱ ବାର୍ଷିକ ଆଧାରରେ ୪୭.୫% ବୃଦ୍ଧି ହୋଇ ୨୭୦୯ କୋଟି ଟଙ୍କାରେ ପହଞ୍ଚିଛି। ଏହି ଅବଧି ମଧ୍ୟରେ ବ୍ୟାଙ୍କର ନେଟ୍ ଲାଭ ୮୧.୪% ବୃଦ୍ଧି ହୋଇ ୬୩ କୋଟି ଟଙ୍କାରେ ପହଞ୍ଚିଥିବାବେଳେ ଏବିଟଡା ୬୪% ବୃଦ୍ଧି ପାଇ ୨୯୯ କୋଟି ଟଙ୍କା ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ୟାଙ୍କର କଷ୍ଟମର ବାଲାନ୍ସ ୩୦.୬% ବୃଦ୍ଧି ହୋଇ ୩୬୫୯ କୋଟି ଟଙ୍କା ରହିଥିବାବେଳେ ଗ୍ରସ୍ ମର୍ଚ୍ଚାଣ୍ଡାଇଜ ଭାଲ୍ୟୁ (ଜିଏମ୍‌ଭି) ୩୮୦ ବିଲିୟନ ଟଙ୍କା ରହିଛି।

# Classified Everyday

**0674-2580101, 9692975378**



## REAL ESTATE
## SALE


**Stthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76458

Near Lingaraj Temple gharabari plot 2003sf. with boundary wall, no litigation direct owner. Contact No.-9178924698, 8895829129. D-607



FOR RENT

For rent basic JCV, PC-71 & PC-130 L & T Kamsatu Government work, Private work & Comany work. Contact: 9178924698. D-608



Healthcare

Positively health benefits spaexpertfemaletherapist homely atmosphere. 9114559860. D-542

**Relax, Refresh your body, Mind at Saikrupa Spa with best therapies. 7848011468.** D-568

## AFFIDAVIT

By virtue of an affidavit before Executive Magistrate, Bhubaneswar, I, MANGULI DEI, aged about 80 years, W/o- Late Krupasindhu Nayak, permanent resident of At- Damodarpur, Bira Pratappur, Dist.- Puri, Odisha at present residing at Durga Mandap Basti, Near SP Vigilance Office, Unit- 7, Suryanagar, P.S.- Capital, Bhubaneswar, Dist.- Khordha, Odisha, PIN-751001 declare that I have changed my name from MANGULI NAYAK to MANGULI DEI. Henceforth, I shall be known as MANGULI DEI for all purposes.
MANGULI DEI D-657

By virtue of an affidavit before Notary Public, Cuttack, dated 21.05.2025, I, Soudamini Panda, At/P.O.- Danpur, P.S.- Kendrapada Sadar, Dist.- Kendrapara-754210 declare that I have changed my name from Soudamini Rath to Soudamini Panda. Henceforth, I shall be known as Soudamini Panda for all purposes.
Soudamini Panda D-659

By virtue of an affidavit sworn before Notary Public, dated 22nd May 2025, I, Shiva Himirika, Address: At- Adivasi Sahi, Village- Kotapeta, P.O.- Kotapeta, Dist.- Rayagada, Odisha, 765017 declare that I have changed my name from Hiralal Paswan to Shiva Himirika. Henceforth, I shall be known as Shiva Himirika for all purposes.
Shiva Himirika D-661

By virtue of an affidavit sworn before Notary Public, Rayagada, dated 22.05.2025, I, Ajit Kumar Naik, At-Nishikhal, P.O.- Sankarada, P.S.-Tikiri, Dist.-Rayagada, Odisha, PIN- 765015 declare that I have changed my name from Hadi Bandhu Naik to Ajit Kumar Naik. Henceforth, I shall be known as Ajit Kumar Naik for all purposes.
Ajit kumar Naik D-660

By virtue of an affidavit sworn before the Notary Public, Sonepur on dated 20.05.25, I, Ajambila Mahakur, R/o. Village- Kirtipur, P.O.- Khalipali, P.S.- Sonepur, Dist.- Subarnapur, PIN- 767017 declare that I have changed my daughter's name from Pritimayee Mahakur to Priti Sulagna Mahakur. Henceforth, she shall be known as Priti Sulagna Mahakur for all purposes.
Ajambila Mahakur D-669


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


By virtue of an affidavit sworn before the Executive Magistrate, Uditnagar on dated 09.05.25, I, Basanti Devi Ray, W/o- Manji Ray, R/o. Keutenposh, Padampur, Dist.- Sundargarh, Odisha- 770039 declare that I have changed my son's name from Binit Kumar Ray to Vinit Ray. Henceforth, he shall be known as Vinit Ray for all purposes
Basanti Devi Ray D-666

By virtue of an affidavit sworn before the Notary Public, Jharsuguda, No.11, date 21.05.25, I, Saroj Bhoi, R/o- Kechhobahal, P.O.- Chichinda, P.S.- Brajrajnagar, Dist.- Jharsuguda- 768216, Odisha declare that I have changed my name from Saroj Kumar Bhoi to Saroj Bhoi. Henceforth, I shall be known as Saroj Bhoi for all purposes.
Saroj Bhoi. D-667

By virtue of an affidavit sworn before the Notary Public, Bargarh, No.340, date 20.05.25, I, Sunita Bhoi formerly called Sunita Padhan, R/o- Budhitikra, Ekamra Chowk, P.O.- Sarsara, P.S./Dist.- Bargarh, PIN- 768040, Odisha declare that I have changed my name from Sunita Padhan to Sunita Bhoi. Henceforth, I shall be known as Sunita Bhoi for all purposes.
Sunita Bhoi D-668


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Before Executive Magistrate, R. Udayagiri affidavit No.- 651/25-22.05.25, I, Shyam Kumar Datta (38), S/o- Late Krushna Chandra Datta, Res/ Vill- R. Udayagiri, P.O.- R.Udayagiri, P.S.- R.Udayagiri state that my name wrongly mentioned on my Aadhaar Card and Voter Identity Card as Shyam Kumar Datt. Both Shyam Kumar Datta and Shyam Kumar Datt as one and same person. Henceforth, I shall be known as Shyam Kumar Datta for all future purposes. D-671

ମୁଁ, ସୁରେଶ କୁମାର ପେଦିନା, ପିତା- ସ୍ୱର୍ଗତ ପେଦିନା ଅନନ୍ତ ରାଓ, ବାସିନ୍ଦା: ସ୍ଥାନ- ଡେରା ସାହି, ଗୁଡ଼ାରି, ଓ୍ୱାର୍ଡ ନଂ.-୫, ପୋଷ୍ଟ/ଥାନା- ଗୁଡ଼ାରି, ଜିଲ୍ଲା- ରାୟଗଡ଼ା, ଓଡ଼ିଶା, ପିନ୍- ୭୬୫୦୨୬, ଓଡ଼ିଶା ଏହି ସତ୍ୟପାଠ ନଂ.-୪୮୦, ତାରିଖ ୨୧।୦୫।୨୦୨୫ ଜରିଆରେ ଘୋଷଣା କରୁଅଛି କି, ଏବେ ପରଠାରୁ ମୁଁ ସମସ୍ତ ଭବିଷ୍ୟତ ଉଦ୍ଦେଶ୍ୟ ପାଇଁ ସୁରେଶ କୁମାର ପେଦିନା ଭାବେ ପରିଚିତ ହେବି। ଧ-୬୭୨

By virtue of an affidavit sworn before the Executive Magistrate, Sundargarh, No.736, dated 28.04.25, I, Rajeswari Rana, W/o- Lokanath Rana, R/o. Village/P.O.- Aunlabahal, P.S.- Lephripara, Dist.- Sundargarh, Odisha declare that I have changed my son's name from Jas Rana to Joysh Rana. Henceforth, he shall be known as Joysh Rana for all purposes.
Rajeswari Rana D-665

## ମନେ ପଡ଼ନ୍ତି

**୩୫ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**ଏଗୋପୀନାଥ ପଣ୍ଡା**
୬୨, ବାପୁଜୀନଗର
ତିରୋଧାନ: ୩୧।୦୫।୧୯୮୯
(ଜ୍ୟେଷ୍ଠ କୃଷ୍ଣ ଏକାଦଶୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
**ଶୋକସନ୍ତପ୍ତ ପରିବାରବର୍ଗ।**
ଧ-୫୧୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଏପ୍ରିୟଦର୍ଶିନୀ ନାୟକ (ପିଙ୍କୁ)**
ଶିକ୍ଷୟିତ୍ରୀ: ଚନ୍ଦାପାଟ ପ୍ରାଇମେରୀ ସ୍କୁଲ, ଚନ୍ଦାପାଟ, ଜଗତ୍‌ସିଂହପୁର
ଆବିର୍ଭାବ: ୦୩।୦୫।୧୯୬୭
(କହ୍ନେଇପୋଖରୀ, ରାହାମା, ଜଗତ୍‌ସିଂହପୁର)
ତିରୋଧାନ: ୧୩।୦୫।୨୦୨୫
(ପରିୟାପାଟପୁର, ବାଲିପାଟଣା, ଖୋର୍ଦ୍ଧା)
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ**
ଧ-୬୭୦

**୨୯ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ଏଇଂ ଦୟାନିଧି ମହାପାତ୍ର**
ଆବିର୍ଭାବ: ୦୨.୦୧.୧୯୨୩ ତିରୋଧାନ: ୧୩.୦୫.୧୯୯୬
ଗ୍ରାମ: ବଡଙ୍ଗରିଲୋ, କଟକ
ଘର: ଜି-୫, ଜୟଗୁରୁ ନିବାସ, ବିଜେବି ନଗର, ଭୁବନେଶ୍ୱର
ତୁମେ ମେରୁଦଣ୍ଡ ଆମ ମାନଙ୍କର,
ତୁମେ ବୈଶାଖୀ ଆମ ମାନଙ୍କର,
ତୁମେ ସ୍ପନ୍ଦନ ଆମ ହୃଦୟ ର,
ତୁମେ ଅଣୁ ଆମ ରକ୍ତ ବିନ୍ଦୁର,
ନନା ତୁମେ ଆମ ପାଖରେ ଥିଲ,
ଅଛ ଆଉ ସଦା ରହିଥିବ।
ଶୋକସନ୍ତପ୍ତ:- ଝିଅ, ବ୍ହାଇଁ, ପୁଅ, ବୋହୂ, ନାତି, ନାତୁଣୀ ବନ୍ଧୁ ଓ ସମସ୍ତ ପରିବାରବର୍ଗ।
ଧ-୬୬୮୨


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
0199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ବାନ୍ଧି ପିଟିଲେ, ଗୁଳିମାରି ଲୁଟିଲେ

## ୧୦ ଲକ୍ଷର ସୁନାଗହଣା, ୫୦ ହଜାର ଟଙ୍କା ନେଇଗଲେ

**■ ୨ ମାସ ମଧ୍ୟରେ ୪ ଲୁଟ୍**

**■ ଭରସା ହରାଉଛି ପୋଲିସ**

ସୋର, ୨୨।୫(କନ୍ହେଇୟା ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଏବେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟେରାମାନେ ବନ୍ଧୁକ ମୁନରେ ବାରମ୍ବାର ଲୁଟ କରିଚାଲିଥିଲେ ମଧ୍ୟ ପୋଲିସ ଅପରାଧୀଙ୍କୁ ଧରିବାରେ ବିଫଳ ହେଉଛି। ଗତ ୨ମାସ ମଧ୍ୟରେ ଏହି ଥାନା ଅଞ୍ଚଳରେ ୪ଟି ଲୁଟ ଘଟଣା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମର ରବୀନ୍ଦ୍ର ନାୟକଙ୍କ ଘରେ କଳାମୁଖା ପିନ୍ଧି ୮ଜଣ ଡକାୟତ କବାଟ ଭାଙ୍ଗି ପଶିଥିଲେ। ଦୁର୍ବୃତ୍ତମାନେ ପଶିଥିବା ଜାଣିପାରି ରବୀନ୍ଦ୍ରଙ୍କ ସ୍ତ୍ରୀ ଉପର ମହଲାରେ ଶୋଇଥିବା ପୁଅକୁ ଫୋନ ଯୋଗେ ଜଣାଇଥିଲେ। ପୁଅ ପଡ଼ୋଶୀଙ୍କୁ ଜଣାଇବାବେଳକୁ ଡକାୟତମାନେ ପରିବାରର ୫ଜଣଙ୍କୁ କବାଟ ଓ ଝରକା ଗ୍ରିଲରେ ହାତଗୋଡ଼ ବାନ୍ଧି, ଭୁଜାଲି ଦେଖାଇ ଭୟଭୀତ କରାଇବା ସହିତ ମାଡ଼ ମାରିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତଳ ଘରେ ଥିବା ସମସ୍ତ ଗହଣା ଓ ୫୦ହଜାର ଟଙ୍କା ଆଲମିରାରୁ ଲୁଟ କରିବା ସହିତ ଉପର ମହଲାରେ ଥିବା ପୁତୁରା ରୋହିତ ନାୟକଙ୍କ ରୁମ୍‌ର କବାଟ ଭାଙ୍ଗି ତାଙ୍କୁ ମାଡ଼ ମାରିବା ସହ ସମସ୍ତ ଗହଣା ଟଙ୍କା ନେଇଥିଲେ। ପରେ ତାଙ୍କୁ ତଳକୁ ଆଣି ବାନ୍ଧି ଦେଇଥିଲେ। ଏହାସହିତ ୮୫ ବର୍ଷର ବୁଢ଼ୀ ମା' ଓ ୧୫ ବର୍ଷର ପୁଅ ମନୋଜ ନାୟକଙ୍କ ମୁଣ୍ଡକୁ ମାଡ଼ ମାରି ହାତକୁ ବାନ୍ଧି ପକାଇଥିଲେ। ଏହି ସମୟରେ ୪ଜଣ ପଡ଼ୋଶୀ ପହଞ୍ଚିଥିବାରୁ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ପଡ଼ୋଶୀ ବଳରାମ ରାଉତଙ୍କ ଛାତିରେ ଗୁଳି ବାଜିଥିଲା। ଅନ୍ୟଜଣେ ପ୍ରଶାନ୍ତ ରାଉତ ମଧ୍ୟ ଆଂଶିକ ଆହତ ହୋଇଥିଲେ। ଗୁଳି ଫୁଟିବା ଶୁଣି ଅନ୍ୟ ପଡ଼ୋଶୀମାନେ ଭୟରେ ସେଠାକୁ ଆସି ନ ଥିଲେ। ଡକାୟତମାନେ ହିନ୍ଦୀ ଓ ଓଡ଼ିଆରେ କଥା ହେଉଥିଲେ। ଆହତମାନଙ୍କୁ ପ୍ରଥମେ ସୋରୋ ଡାକ୍ତରଖାନା ଓ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗୁଳିମାଡ଼ରେ ଗୁରୁତର ବଳରାମଙ୍କୁ ପରେ କଟକ ସ୍ଥାନାନ୍ତର କରାଯାଇଛି। ସୋର ପୋଲିସ ଗୁରୁବାର ସକାଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ଗତ ଏପ୍ରିଲ ୮ ତାରିଖରେ ବାଗୁଡ଼ି ଆଗୁଲାଠାରେ ସୁନା ବ୍ୟବସାୟୀ ଗୋପାଳ ଚନ୍ଦ୍ର ରଣାଙ୍କ ଘରୁ ଲକ୍ଷାଧିକ ଟଙ୍କାର ଗହଣା ଲୁଟ ହୋଇଥିଲା। ସେହିପରି ଏପ୍ରିଲ ୧୨ରେ ଟେଣ୍ଟେଇ ଗ୍ରାମର ପୋଷ୍ଟମାଷ୍ଟର ବଟକୃଷ୍ଣ ମଲ୍ଲିକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ୫ଲକ୍ଷ ଟଙ୍କା ଓ ଚଳିତମାସ ୧୩ରେ ସୋର ଥାନା ପାଖର ଗ୍ରାମର ଅନନ୍ତପୁର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ପ୍ରସାଦ ପାତ୍ରଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ୮୦ ହଜାର ଟଙ୍କା ଲୁଟ ହୋଇଥିଲା। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ସୋର ପୋଲିସ ଉପରୁ ଲୋକଙ୍କ ଭରସା ତୁଟିଯାଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ସୋରୋ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ କହିଛନ୍ତି, ଅଭିଯୋଗକୁ ଆଧାର କରି ଏକ ମାମଲା( ନଂ. ୪୦୩/୨୫) ରୁଜୁ ହୋଇଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଅପରାଧୀଙ୍କ ଧରିବାକୁ ଚେଷ୍ଟା କରାଯାଉଛି।



ଡକାୟତଙ୍କ ଗୁଳିମାଡ଼ରେ ଆହତ ଯୁବକ।

# ଅବକାରୀ ଟିମ୍ ଉପରେ ଆକ୍ରମଣ

## ମଦ ଚଢ଼ାଉ ପାଇଁ ଯାଇଥିଲେ

ରାଜଗାଙ୍ଗପୁର,୨୨।୫ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କଲାଇକାନି ଗ୍ରାମକୁ ଗୁରୁବାର ବେଆଇନ ମଦ ଧରପଗଡ଼ ପାଇଁ ଯାଇଥିବା ଅବକାରୀ ଟିମ୍ ଉପରେ ଗ୍ରାମବାସୀ ଅତର୍କିତ ଆକ୍ରମଣ କରିଛନ୍ତି। ଏଥିରେ ୨ ଅବକାରୀ ବିଭାଗ କର୍ମଚାରୀ ଆହତ ହୋଇଛନ୍ତି। ଏହାସହ ରାଜଗାଙ୍ଗପୁର ଥାନାର ଜଣେ ସିପାହି ଓ ୫ ଜଣ ଭାଟି କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ମାମଲା (କେସ୍ ନଂ. ୨୩୫/୨୫) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗୁରୁବାର ସକାଳ ପ୍ରାୟ ୬ଟା୩୦ ସମୟରେ ଅବକାରୀ ବିଭାଗର ବଡ଼ଗାଁ ଇନ୍ସପେକ୍ଟର ପ୍ରମୋଦ ବସ୍ତ୍ରା, ରାଜଗାଙ୍ଗପୁର ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ସଞ୍ଜୀବ ଶର୍ମା ଓ ଅବକାରୀ ବିଭାଗର ରାଉରକେଲା ସାଉଥେଲେଟ ଟିମ୍, ରାଜଗାଙ୍ଗପୁର ପୋଲିସର ଏକ ୧୪ ଜଣିଆ ଟିମ ମିଳିତଭାବେ କଲାଇକାନି ଗ୍ରାମରେ ବେଆଇନ ମଦ ଧରିବା ପାଇଁ ଚଢ଼ାଉ କରିଥିଲେ। ଏହି ସମୟରେ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଠେଙ୍ଗା ଓ ରଡ ଧରି ଅବକାରୀ ବିଭାଗକୁ ଗାଁ ଭିତରେ ପଶିବାକୁ ବାରଣ କରିଥିଲେ। ସେମାନଙ୍କୁ ବୁଝାଶୁଝା କରିବା ପରେ ମଧ୍ୟ ଗ୍ରାମବାସୀ ନ ବୁଝି ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସମସ୍ତ ଆହତଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଛଡ଼ାଯାଇଛି। ହେଲେ ୨ ଭାଟି କର୍ମଚାରୀଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଧରାପଡ଼ିଲେ ୪ ବ୍ରାଉନସୁଗାର ବେପାରୀ

## ଡିଲ୍ ବେଳେ ଚଢ଼ାଉ

ଭୁବନେଶ୍ୱର,୨୨।୫(ସତ୍ୟଜିତ୍ ରାଉତ)

ଡିଲ୍ ବେଳେ ମୈତ୍ରୀ ବିହାର ଥାନା ପୋଲିସ ଚଢ଼ାଉ କରି ୪ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାଲିଆସାହି ଏକାମ୍ର ଭିଲାରେ ରହୁଥିବା ଚନ୍ଦନ ବେହୁରିଆ (୨୪), ବଡ଼ଗଡ଼ ଥାନା ଅନ୍ତର୍ଗତ ମଞ୍ଚେଶ୍ୱରରେ ରହୁଥିବା ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର ଡି. ରାଜା(୨୪), ମଞ୍ଚେଶ୍ୱରର କିଶୋର ଜେନା (୪୦) ଓ ନୟାଗଡ଼ ଜିଲା ବୋଲଗଡ଼ ଅଞ୍ଚଳର ହରେକୃଷ୍ଣ ପ୍ରଧାନ ଓରଫ ହରେଶ ସ୍ୱାଇଁ (୪୬)। ସେମାନଙ୍କ ନିକଟରୁ ୪୦ ଗ୍ରାମ ବ୍ରାଉନସୁଗାର, ୨ଟି ମୋବାଇଲ, ଗୋଟିଏ ସ୍କୁଟି (କେଏଠ୍-୦୩-କେଏମ୍-୧୦୩୧) ଜବତ ହୋଇଛି। ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ସାଲିଆ ସାହିରେ ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା। ସେତେବେଳେ ଚନ୍ଦନଙ୍କ ନାଁରେ ବିଭିନ୍ନ ଥାନାରେ ୩ ମାମଲା ରହିଥିବା ବେଳେ ଡି.ରାଜାଙ୍କ ନାଁରେ ୧୫ ଏବଂ କିଶୋରଙ୍କ ନାଁରେ ୯ଟି ଅପରାଧିକ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୫ ମାସରେ ୭୮ ନିଶାବେପାରୀ ଗିରଫ

## ୮୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୨୨।୫ (ସତ୍ୟଜିତ୍ ରାଉତ)

ରାଜଧାନୀ ଭୁବନେଶ୍ୱର ବ୍ରାଉନସୁଗାର ଓ ଗଞ୍ଜେଇ ବେପାରୀଙ୍କ ଏକ ସେଣ୍ଟରରେ ପାଲଟିଲାଣି। ବିଭିନ୍ନ ଅଞ୍ଚଳରୁ ବେପାରୀ ଏଠାକୁ ଆସି ନିଶାଦ୍ରବ୍ୟ କାରବାର କରୁଛନ୍ତି। ତେବେ ଭୁବନେଶ୍ୱରରେ ଦୁଇଚକିଆ ଏବଂ ୮ଟି ମୋବାଇଲ ଜବତ ହୋଇଛି। ନିଶା କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି। ଗତ ୫ମାସ ମଧ୍ୟରେ ବିଭିନ୍ନ ଥାନାରେ ୩୩ ମାମଲା ପଞ୍ଜୀକୃତ ହୋଇଥିବାବେଳେ ମୋଟ ୭୮ ନିଶାବେପାରୀ ଗିରଫ ହୋଇଥିବା ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ୨୦୨୫ ଜାନୁଆରୀ ୧ରୁ ମେ' ୫ତାରିଖ ମଧ୍ୟରେ ହ୍ୱାଇଟ୍ ସାଇଡର୍ ଅଭିଯାନ ଅନ୍ତର୍ଗତ ୧୮ଟି ବ୍ରାଉନସୁଗାର ମାମଲା ରୁଜୁ ହୋଇଛି। ଏଥିରେ ୪୨ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୮୧୧.୭୩ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଥିବାବେଳେ ନଗଦ ୯୭ ହଜାର ୭୦୦ଟଙ୍କା, ୩ଟି ଚାରିଚକିଆ ଯାନ, ୯ଟି ଦୁଇଚକିଆ ଏବଂ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ସେହିପରି ୧୫ଟି ଗଞ୍ଜେଇ କାରବାର ମାମଲା ରୁଜୁ ହୋଇଥିବାବେଳେ ୩୬ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ମୋଟ ୧୦୧୭ କେଜି ୬୪୫ ଗ୍ରାମ ଗଞ୍ଜେଇ, ୨୪ ହଜାର ୬୩୦ ଟଙ୍କା ସହ ୨ଟି ଚାରିଚକିଆ ଯାନ, ୮ଟି

# ଟାଙ୍ଗିଆରେ ହାଣି ସ୍ୱାମୀଙ୍କୁ ହତ୍ୟା, ସ୍ତ୍ରୀ ଗିରଫ

## ପାରିବାରିକ କଳହର କରୁଣ ପରିଣତି

ଯୋଡ଼ା,୨୨।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରାଞ୍ଚଳ ୯ ନଂ. ୱାର୍ଡ ଘୁଡ଼ି ସାହିରେ ଦମ୍ପତିଙ୍କ ମଧ୍ୟରେ କଳହ ଯୋଗୁ ସ୍ତ୍ରୀଙ୍କ ଟାଙ୍ଗିଆ ଆକ୍ରମଣରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ଘୁଡ଼ିସାହିର ସିଲେଇ ମୁଣ୍ଡା(୨୫)। ପୋଲିସ ଅଭିଯୁକ୍ତ ମଞ୍ଜୁ ମୁଣ୍ଡାଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଘୁଡ଼ିସାହିର ସିଲେଇ ଓ ତାଙ୍କ ସ୍ତ୍ରୀ ମଞ୍ଜୁଙ୍କ ମଧ୍ୟରେ ଅନେକ ସମୟରେ କଳହ ହେଉଥିଲା। ଗତ ୧୨ତାରିଖରେ ଉଭୟଙ୍କ ମଧ୍ୟରେ ପତିଦ୍ୱନ୍ଦ୍ୱ ହୋଇଥିଲା। ଏଥିରେ ମଞ୍ଜୁ ଉତ୍ତେଜିତ ହୋଇ ସ୍ୱାମୀ ସିଲେଇଙ୍କୁ ବେକର ପଛ ପାର୍ଶ୍ୱକୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସିଲେଇ ଆହତ ହେବାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସେଠାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସିଲେଇଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଯୋଡ଼ା ପୋଲିସ ସ୍ତ୍ରୀ ମଞ୍ଜୁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏହି ଘଟଣାର ଅଭିଯୁକ୍ତଙ୍କ ତଦନ୍ତ ଚାଲିଥିବା ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।


## ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଆଇସି-ଇ-ଏସି-ଟିକି ୨୧-୦୪-୨୫ । ... www.ireps.gov.in ... **କାର୍ଯ୍ୟର ନାମ:** ... **ମୂଲ୍ୟ:** ₹୨,୩୫,୫୦୦/- । ଟେଣ୍ଡର ବନ୍ଦ ହେବା ତାରିଖ: ୦୬।୦୬।୨୦୨୫ରିଖ ୧୧.୦୦ ଘଣ୍ଟା । ଟେଣ୍ଡର ଦସ୍ତାବିଜ ମୂଲ୍ୟ: ₹୧୦,୦୦୦/- (ଅଣ-ଫେରସ୍ତଯୋଗ୍ୟ) । (PR-189)

## ପୂର୍ବ ତଟ ରେଳପଥ

ଟେଣ୍ଡର ନଂ. 07-KUR-TRD-OT-2025-26

କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ଼ (KUR) ମଣ୍ଡଳ ଭଦ୍ରକ (BHC) – ଖୋର୍ଦ୍ଧା ରୋଡ଼ (KUR) ସେକ୍ସନରେ ନୂଆ ଗଙ୍ଗାପଡ଼ା (NGMP) ସେକ୍ସନ ... (NGMP/SSP) ... ବିଜ୍ଞାପିତ ମୂଲ୍ୟ (₹): 1,14,26,228.10, EMD (₹): 2,07,100.00, ... 180 ଦିନ । ବିଡ୍ ଆରମ୍ଭ ହେବା ତାରିଖ: ତା.23.05.2025ରିଖ ... 1300 ... ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.06.06.2025 ରିଖ 1300 ଘଣ୍ଟା । ... http://www.ireps.gov.in ...

PR-153/Q/25-26 | ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

## ପୂର୍ବ ତଟ ରେଳପଥ

ଟେଣ୍ଡର ସୂଚନା ନଂ. 09-SBP-TRD-OT-2025-26, ତା.15.05.2025ରିଖ

କାର୍ଯ୍ୟର ନାମ: (1) ଖୋର୍ଦ୍ଧା ରୋଡ଼ KM 111/7-8 ... (2) ... KM 65.250 ... ସଂ.ST-38 ... (3) ... KM 527/6-7 ... (4) ... KM 552/12-14 ... (5) ... KM 0/3-4 ... ସଂ.JT-01A ... TRD ... ଆନୁମାନିକ ମୂଲ୍ୟ: ₹ 40,66,128.48, EMD: ₹81,300/-, ... 12 ମାସ । ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.06.06.2025ରିଖ 1530 ଘଣ୍ଟା । ... www.ireps.gov.in ... 15 (15) ଦିନ ... IREPS ...

PR-154/Q/25-26 | ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର

## बैंक ऑफ महाराष्ट्र / Bank of Maharashtra — ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

ଗାଡ଼ି ଡିମାଣ୍ଡ/ରିକଲ୍ ନୋଟିସ୍

ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର ... ଇ-ମେଲ୍: dzmbbsr@mahabank.co.in

ବନ୍ଧକପ୍ରାପ୍ତ ସମ୍ପତ୍ତିର ଦଖଲ ନିମନ୍ତେ ରିକଲ୍ ନୋଟିସ୍ ଓ ପ୍ରାକ୍ ସୂଚନା

| ବଲାଙ୍ଗିର ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ପ୍ରକାଶ କୁମାର ଶୁକ୍ଳା, ... ବଲାଙ୍ଗିର, ଓଡ଼ିଶା | ମିଆଦୀ ଋଣ / ଟ.୫,୫୦,୦୦୦/- | ୧୭.୦୪.୨୦୨୫ / ୧୭.୦୪.୨୦୨୫ ସୁଦ୍ଧା ଟ.୫,୨୧,୪୦୮/- +ସେବାବେ ପରବର୍ତ୍ତୀ ସୁଧ | ଶ୍ରୀ ପ୍ରକାଶ କୁମାର ଶୁକ୍ଳାଙ୍କ ନାମରେ ବନ୍ଧକ ଥିବା ମୋଟର କାର (ସମ୍ପତ୍ତି) ... |

ନିମ୍ନରେ: ଗାଡ଼ିର ବିବରଣୀ - ରେଜିଷ୍ଟ୍ରେସନ୍ ନଂ.: OD 03 AB 5218, ... ମଡେଲ: MARUTI ALTO K10 VXI+ 1L AGS BS6, ... ଚେସିସ୍ ନଂ.: MA3SFM61SRA246042, ଇଞ୍ଜିନ୍ ନଂ.: K10CN1223203, ... SN: MN0004304309 ...

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୩.୦୫.୨୦୨୫ | କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

## यूनियन बैंक Union Bank of India — ଖୋର୍ଦ୍ଧା ଶାଖା

ଡିମାଣ୍ଡ ନୋଟିସ୍

ଇ-ମେଲ୍: ubin0813737@unionbankofindia.bank

ସିକ୍ୟୁରିଟି ଇଣ୍ଟରେଷ୍ଟ ଏନଫୋର୍ସମେଣ୍ଟ ନିମନ୍ତେ ସରଫେସି ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

ପ୍ରାପକ: ଋଣଗ୍ରହୀତା: ଶ୍ରୀ ଶୁଭ୍ରାଂଶୁ ସାହୁ ... ମହାଶୟ/ମହାଶୟା, ବିଷୟ: ... ଆକ୍ଟ, ୨୦୦୨ର ଧାରା ୧୩(୨) ସହିତ ଧାରା ୧୩(୩) ଅନୁଯାୟୀ ନୋଟିସ୍ ...

| କ୍ର. ନଂ. | ଋଣ ପ୍ରକାର | ୧୪.୦୪.୨୦୨୫ ସୁଦ୍ଧା ବକେୟା ଦେୟ | ୧୪.୦୪.୨୦୨୫ ସୁଦ୍ଧା ବକେୟା ସୁଧ | ଦେୟ | ମୋଟ ବକେୟା |
|---|---|---|---|---|---|
| ୧ | ମିଆଦୀ ଋଣ | ଟ.୨,୦୪,୮୯୯/- | ଟ.୩,୪୬୭/- | ୦.୦୦ | ଟ.୨,୦୮,୩୬୬/- |
| ୨ | ମିଆଦୀ ଋଣ | ଟ.୮,୦୯,୭୬୩/- | ଟ.୩୫,୨୫୭.୫୭ | ୦.୦୦ | ଟ.୮,୩୪,୫୩୦.୫୭ |
| | ସମୁଦାୟ | ଟ.୧୧,୦୫,୧୭୨/- | ଟ.୩୮,୬୭୪.୫୭ | ୦.୦୦ | ଟ.୧୧,୪୨,୮୯୬.୫୭ |

... ସ୍ଥାନ: ଭୁବନେଶ୍ୱର, ତାରିଖ: ୨୨.୦୫.୨୦୨୫ | ଆପଣଙ୍କ ବିଶ୍ୱସ୍ତ, ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

See Career Appointment on every Wednesday & Saturday

## Government of Jharkhand
## Jharkhand Flying Institute
### A Society Regd. Under Department of Cabinet Secretariat & Vigilance (Civil Aviation Division)

State Hangar, Birsa Munda Airport Road, Hinoo, Ranchi-834002
E-mail-jfi.govtfly@gmail.com, Website-www.jharkhandaviation.in

Tender Ref. No: -HSS/03/2024-JFI-152,/Ranchi, Date:-20/05/2025

### e-Tender Notice

e-Tender under two bid system are invited for Helicopter Service in state of Jharkhand for various Pilgrimages/ Tourist Places/ Commercial uses in Jharkhand on the basis of PPP Mode.
As per the following schedule of events:-

| | | |
|---|---|---|
| 1. | Tender Ref. No. | HSS/03/2024-JFI/152 /Ranchi, Dated- 20/05/2025 |
| 2. | Name of Work | JHARKHAND FLYING INSTITUTE "JFI" invites e-Tender from Service Provider or Non Scheduled Operator's Permit (NSOP) holders for Helicopter Service in state of Jharkhand for various Pilgrimages/ Tourist Places/ Commercial uses in Jharkhand on the basis of PPP Mode. |
| 3. | Tender Participation | Rs. 25,000/- (Rs. Twenty Five Thousand only) Through Online mode. |
| 4. | EMD | Rs.5,00,000/- (Rs. Five Lakhs only) Through Online Mode. |
| 5. | Publish of Tender on website & Start of Submission of e-bids | 23/05/2025 at 03:30 PM |
| 6. | Start of Downloading Tender Documents. | 23 /05/2025 at 03:30 PM |
| 7. | Last date for submission of e-bids. | 11/06/2025 till 03:30 PM |
| 8. | Opening of Technical Bids. | 12/06/2025 at 03:30 PM |
| 9. | Opening of Financial Bids. | After scrutiny of Technical Bid |
| 10. | Time for work completion. | 10 days from the signing of agreement. |
| 11. | Officer Inviting e-Tender | Managing Director, Jharkhand Flying Institute, Govt. of Jharkhand |
| 12. | Help line Number of e-Tender Notice | Mr. Rathour Nitant K. Singh, Section Officer Mob. No. 9472749978, E-Mail- jfi.govtfly@gmail.com |

For further details kindly visit www.jharkhandaviation.in/tenders and for applying online, please visit jharkhandtenders.gov.in

Sd/- (Capt. S. P. Sinha) Managing Director Jharkhand Flying Institute

PR 353166 Civil Aviation(25-26).D

## Office-Superintendent, Phulo-Jhano Medical College Hospital (PJMCH) Dumka (Jharkhand)

NOTICE INVITING E-TENDER (NIT)
Bidding Document No:- 01/2025-26

1. Superintendent PJMCH, Dumka (Tender inviting Authority-TIA) invites sealed Bids in two part systems for "Selection of Agency for Providing Nursing Services, Paramedical Staffs & Other Technical Staffs in PJMCH, Dumka through e-tender as detailed in the Bidding Document under section Scope of work.
2. Brief Scope of Work:- The aim and objective is to provide Nursing Services, Paramedical Staffs, Pharmacist Staffs, Other Technical & Non Technical Staffs in the Health Units of the PJMCH, Dumka detailed under the section Scope of work.
3. Award Methodology:- Bidder shall be awarded considering least percentage of service charge to PJMCH, Dumka i.e. L1 (Lowest Bidder). Bidder qualifying the Technical bid and meeting the pre-Qualifying criteria shall only be considered for opening of Price Bids. For details regarding "Methodology for selection of Contractor" refer section No. E on Instruction to Bidders (ITB).
4. Salient Features of Bidding Document:-

| Sl.No. | Details | Timelines/other Particulars |
|---|---|---|
| a. | Date of Publication of Tender on website | 23.05.2025 (1.30 P.M) on www.jharkhandtenders.gov.in |
| b. | Pre-Bid meeting | 29.05.2025 at 1.30 P.M. in the office of the Tender Inviting Authority. |
| c. | Date of Uploading of Final Tender Documents with amendments after pre-bid meeting | 04.06.2025 at 1.30 PM. |
| d. | Date of Start for Submission | 06.06.2025 from 11.30 A.M. |
| e. | Last Date and time for submission of Bids | 17.06.2025 up to 5.00 P.M. |
| f. | Opening of Technical Bid-PART A | 20.06.2025 at 1.30 P.M. in the office of the Tender Inviting Authority. |
| g. | Bid Security/Earnest Money Deposit (EMD) | Rs. 8,00,000.00 (Eight Lacs). Submission Through online Payment Gateway(Exemption will be allowed as per "Jharkhand Procurement Policy-2014 For Registered Jharkhand OEM MSMEs Firms / Agencies). |

Note:- If any of the cut-off date identified above happens to be holiday, the next working day shall be implied.
5. The complete Bidding document is available on the website www.jharkhandtenders.gov.in .The Tenders should be submitted through e-procurement system only.

Superintendent, PJMCH, Dumka.

PR.NO.353282 Health Med Edu and Family Welfare(25-26).D

## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ଦଖଲ ନୋଟିସ୍


କ୍ଷେତ୍ରୀୟ କାର୍ଯ୍ୟାଳୟ, ... ଭୁବନେଶ୍ୱର-୭୫୧୦୦୭ ... ଇ-ମେଲ୍: 0815samd@iob.in

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ) ...

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ମୁକ୍ତିସିଂହ ସହରାଡ଼ା ଶାଖା (୩୪୬୭) / ... ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ ... ଶ୍ରୀ ପ୍ରଭାତ କୁମାର ସାହୁ ... | ୧୭.୦୫.୨୦୨୫ ସୁଦ୍ଧା ଟ.୧୧,୩୫,୨୦୪.୦୦ + ପରିବର୍ତ୍ତୀ ତାରିଖ ... | ୧୮.୦୧.୨୦୨୫ / ୧୭.୦୫.୨୦୨୫ | ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ ଏବଂ ଶ୍ରୀ ପ୍ରଭାତ କୁମାର ସାହୁଙ୍କ ନାମରେ ଥିବା ... |
| ସତ୍ୟନଗର ଶାଖା (୧୦୬୦) / ... | ୨୧.୦୫.୨୦୨୫ ସୁଦ୍ଧା ଟ.୭୦,୩୯,୪୮୧.୩୧ + ... | ୦୫.୦୨.୨୦୨୫ / ୨୧.୦୫.୨୦୨୫ | ... |

ତାରିଖ: ୨୨.୦୫.୨୦୨୫, ସ୍ଥାନ: ଭୁବନେଶ୍ୱର | ସ୍ୱାଃ- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ଧରିତ୍ରୀ
DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ Bhubaneswar, Friday, May 23/ 2025




# ମିଚେଲ ମାର୍ଶଙ୍କ ଶତକ


ଶଟ୍ ଖେଳିବା ଅବସରରେ ମିଚେଲ ମାର୍ଶ।

**ଅହମଦାବାଦ,୨୨।୫**

ଚଳିତ ଆଇପିଏଲ୍‌ରେ ଗୁରୁବାର ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ (ଜିଟି) ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ପରସ୍ପରକୁ ଭେଟିଛନ୍ତି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ମିଚେଲ ମାର୍ଶଙ୍କ ଶତକ ଓ ନିକୋଲସ ପୁରନଙ୍କ ଧୂଆଁଦାର ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ଗୁଜରାଟ ଆଗରେ ୨୩୬ ରନର ବିଶାଳ ଟାର୍ଗେଟ ଧାର୍ଯ୍ୟ କରିଛି। ଟସ୍ ଜିତି ଗୁଜରାଟ ଅଧିନାୟକ ଶୁବମନ ଗିଲ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ମାର୍ଶ ଓ ଏଡେନ ମାରକ୍ରାମଙ୍କ ଓପନିଂ ଯୋଡ଼ି ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲା। ଦୁହେଁ ପ୍ରଥମ ଉଇକେଟ ପାଇଁ ୯.୫ ଓଭରରେ ୯୧ ରନ ଯୋଡ଼ିଥିଲେ। ମାରକ୍ରାମ ୨୪ ବଲରେ ୩ ଚୌକା ଓ ୨ ଛକା ସହିତ ୩୬ ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଗୁଜାରଟକୁ ସାଇ କିଶୋର ଏହି ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ଆଣି ଦେଇଥିଲେ। ନଂ-୩ କ୍ରମରେ ଆସିଥିବା ନିକୋଲସ ପୁରନ ଓ ମାର୍ଶ ଦ୍ୱିତୀୟ ଉଇକେଟ ଲାଗି ଦଳୀୟ ସ୍କୋରରେ ୫୨ ବଲରେ ଦ୍ରୁତ ୧୨୧ ରନ ଯୋଡ଼ିଥିଲେ। ମାର୍ଶ ୬୪ ବଲରେ ୧୧୭ ରନର ଶତକୀୟ ପାଳି ଖେଳିଥିଲେ। ତାଙ୍କ ଇନିଂସରେ ୧୦ ଚୌକା ଓ ୮ ଛକା ସାମିଲ ଥିଲା। ଏହା ତାଙ୍କ ଆଇପିଏଲ କ୍ୟାରିୟରର ପ୍ରଥମ ଶତକ ଥିଲା। ପୁରନ ୨୭ ବଲରେ ୪ ଚୌକା ଓ ୫ ଛକା ସହିତ ୫୬ ରନ କରି ଅପରାଜିତ ରହିଥିଲେ। ଶେଷ ଆଡ଼କୁ ରିଷଭ ପନ୍ତ ୬ ବଲରେ ୨ ଛକା ସହିତ ୧୬ ରନ କରିଥିଲେ। ଫଳରେ ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୩୫ ରନ କରିବାକୁ ସକ୍ଷମ ହୋଇଥିଲା। ଗୁଜରାଟ ପକ୍ଷରୁ ସାଇ କିଶୋର ଓ ଆର୍ଶଦ ଖାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୩୫/୨ (ମିଚେଲ ମାର୍ଶ-୧୧୭, ନିକୋଲସ ପୁରନ-୫୬*,ଏଡେନ ମାରକ୍ରାମ-୩୬, ସାଇ କିଶୋର-୧/୩୪, ଆର୍ଶଦ ଖାନ-୧/୩୬)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ବେଙ୍ଗାଲୁରୁ ବନାମ ହାଇଦ୍ରାବାଦ**

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୬ | ୬ | ୧ | ୧୩ | +୦.୦୧୯ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୭ | ୧ | ୯ | -୧.୦୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

# ମାହାତ୍ରେ ଅଧିନାୟକ, ସୂର୍ଯ୍ୟବଂଶୀଙ୍କୁ ସୁଯୋଗ

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**

ମୁମ୍ବାଇର ଆୟୁଷ ମାହାତ୍ରେ ଆସନ୍ତା ମାସରେ ଇଂଲଣ୍ଡ ଟୁର୍‌ରେ ଯିବାକୁଥିବା ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଦଳରେ ୧୪ବର୍ଷୀୟ ବ୍ୟାଟିଂ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀଙ୍କୁ ନିଆଯାଇଛି। ଟୁର୍ ଜୁନ୍ ୨୪ରୁ ଆରମ୍ଭ ହେବ। ଏଥିରେ ଏକ ୫୦ଓଭର ବିଶିଷ୍ଟ ୱାର୍ମ ଅପ୍ ମ୍ୟାଚ ସାମିଲ କରାଯାଇଛି। ପରେ ଇଂଲଣ୍ଡର ୧୯ବର୍ଷରୁ କମ୍ ଦଳ ବିପକ୍ଷରେ ଏକ ୫ ମ୍ୟାଚ ବିଶିଷ୍ଟ ୟୁଥ୍ ଦିନିକିଆ ସିରିଜ ଏବଂ ଦୁଇଟି ମଲ୍ଟି-ଡେ ମ୍ୟାଚ ଖେଳାଯିବ। ଚଳିତ ଆଇପିଏଲ୍ ସିଜନରେ ରାଜସ୍ଥାନ ରୟାଲ୍ସରେ ବ୍ରେକ୍ ଥ୍ରୁ କରି ଚମତ୍କାର ପ୍ରଦର୍ଶନ କରିବାରୁ ତାଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିଛି। ବିହାର ରାଜ୍ୟ ଅନ୍ତର୍ଗତ ସମସ୍ତିପୁରର ଏହି ସ୍ୱଳ୍ପ ବୟସ୍କ ବ୍ୟାଟର ଗତ ମାସରେ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଦେଶର ସର୍ବକନିଷ୍ଠ ବ୍ୟାଟର ଭାବରେ ମାତ୍ର ୩୫ ବଲ୍‌ରେ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲିଗ୍‌ରେ ଏହା ମଧ୍ୟ ଦ୍ୱିତୀୟ ଦ୍ରୁତତମ। ସେ ଆହୁରି ମଧ୍ୟ ବିହାର ତରଫରୁ ୫ ପ୍ରଥମ ଶ୍ରେଣୀ ଏବଂ ୬ ଲିଷ୍ଟ 'ଏ' ଗେମ୍ ଖେଳିଛନ୍ତି। ହେଲେ ଏହିସବୁ ମ୍ୟାଚରେ ସେ ଗୋଟିଏ ହେଲେ ଶତକ ହାସଲ କରିବାରେ ସଫଳ ହୋଇପାରି ନାହାନ୍ତି। ତେବେ ସୂର୍ଯ୍ୟବଂଶୀ ଗତବର୍ଷ ଚେନ୍ନାଇଠାରେ ଅଷ୍ଟ୍ରେଲିଆର ୧୯ବର୍ଷରୁ କମ୍ ଦଳ ବିପକ୍ଷ ପ୍ରଥମ ୟୁଥ୍ ଟେଷ୍ଟରେ ଏକ ଶତକ ହାସଲ କରିଥିଲେ। ଅନ୍ୟପକ୍ଷରେ ୧୭ ବର୍ଷୀୟ ମାହାତ୍ରେ ୯ଟି ପ୍ରଥମଶ୍ରେଣୀ ମ୍ୟାଚ ଏବଂ ୭ ଲିଷ୍ଟ 'ଏ' ଗେମ୍ ଖେଳି ୯୬୨ରନ ସ୍କୋର କରିଛି। ଏହି ଓପନର ଚଳିତ ସିଜନର ମଧ୍ୟଭାଗରେ ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ଋତୁରାଜ ଗାଏକ୍ୱାଡ୍‌ଙ୍କ ସ୍ଥାନରେ ଦଳରେ ସୁଯୋଗ ପାଇଥିଲେ। କହୁଣିରେ ଆଘାତପ୍ରାପ୍ତ ଯୋଗୁ ଋତୁରାଜ ଦଳରୁ ବାଦ୍ ପଡ଼ିଥିଲେ। ମୁମ୍ବାଇ ଉଇକେଟକିପର-ବ୍ୟାଟର ଅଭିଜ୍ଞାନ କୁଣ୍ଡୁଙ୍କୁ ମାହାତ୍ରେଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ ଜଣେ ଖେଳାଳି ହେଲେ କେରଳ ଲେଗ୍‌ସ୍ପିନର ମହମ୍ମଦ ଏନାନ୍, ଯିଏକି ଗତ ଡିସେମ୍ବରରେ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏନାନ୍ ଅଷ୍ଟ୍ରେଲିଆ ବିପକ୍ଷ ଦୁଇଟି ଟେଷ୍ଟ ମ୍ୟାଚରେ ୧୬ ଉଇକେଟ ନେଇ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ପଞ୍ଜାବ ଅଫ୍-ସ୍ପିନର ଅନମୋଲଜିତ୍ ସିଂ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ଭାବେ ୯ଟି ଉଇକେଟ ହାସଲ କରିଥିଲେ। ତାଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି।




**ଭାରତ ୧୯ବର୍ଷରୁ କମ୍ ଦଳର ଇଂଲଣ୍ଡ ଟୁର୍**

**ଭାରତ ୧୯ ବର୍ଷରୁ କମ୍ ଦଳ:** ଆୟୁଷ ମାହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରା, ମୌଲ୍ୟରାଜସିଂ ଚାଭଡା, ରାହୁଲ କୁମାର, ଅଭିଜ୍ଞାନ କୁଣ୍ଡୁ (ଉପଅଧିନାୟକ ଓ ଉଇକେଟକିପର), ହରବଂଶ ସିଂ (ଉଇକେଟକିପର), ଆର୍.ଏସ୍. ଅମ୍ବରିଶ, କନିଷ୍କ ଚୌହାନ, ଖିଲାନ ପଟେଲ, ହେନିଲ ପଟେଲ, ଯୁଦ୍ଧଜିତ୍ ଗୁହା, ପ୍ରଣବ ରାଘବେନ୍ଦ୍ର, ମହମ୍ମଦ ଏନାନ୍, ଆଦିତ୍ୟ ରାଣା, ଅନମୋଲଜିତ୍ ସିଂ।

## ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଆୟୋଜନ ଲାଗି ଓଡ଼ିଶା ଆଗ୍ରହୀ

**ଡିଉ,୨୨।୫(ପି.ଟି.):** ପ୍ରଥମ ଖେଲୋ ଇଣ୍ଡିଆ ବିଚ୍‌ଗେମ୍ସର ସଫଳତାରେ ଉତ୍ସାହିତ ହୋଇ ଓଡ଼ିଶା ପରବର୍ତ୍ତୀ ସଂସ୍କରଣର ଆୟୋଜନ ଲାଗି ଆଗ୍ରହ ପ୍ରକାଶ କରିଛି। ଘୋଘଲା ବେଳାଭୂମିରେ ଚାଲିଥିବା ୬ ଦିନିଆ ପ୍ରତିଯୋଗିତାରେ ୮ଟି ବିଭାଗରେ ୨,୧୦୦ରୁ ଅଧିକ ଆଥ୍‌ଲେଟ ଅଂଶଗ୍ରହଣ କରୁଛନ୍ତି। ଗତବର୍ଷ ଆଞ୍ଚଳିକ ପ୍ରତିଯୋଗିତା ଭାବେ ଆୟୋଜିତ ଏହି ଇଭେଣ୍ଟକୁ ଭାରତ ସରକାରଙ୍କ ଖେଲୋ ଇଣ୍ଡିଆ ବ୍ୟାନରରେ ଆୟୋଜନ କରାଯାଉଛି। ଏହି ଇଭେଣ୍ଟର ପରବର୍ତ୍ତୀ ସଂସ୍କରଣର ଆୟୋଜନ ଅଧିକାର ଲାଗି ଓଡ଼ିଶା ବିଡ଼ିଂ କରିବ। ୪୮୦ କିମି ଲମ୍ବା ବେଳାଭୂମି ଥିବା ଓଡ଼ିଶାରେ ଗୋପାଳପୁର, ପୁରୀ, ଚାନ୍ଦିପୁର ଭଳି ଭେନ୍ୟୁ ରହିଛି। ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଓଏସ୍‌ଡି ଧୀରଜ ପଟ୍ଟନାୟକ କହିଛନ୍ତି, ଆମର ୪୬ ଜଣିଆ ଦଳ ଭାଗ ନେଇ ପେଞ୍ଚାକ ସିଲାଟରେ ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତିଛି।

# ବେଥେଲଙ୍କ ସ୍ଥାନରେ ସିଫର୍ଟ

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**

ଆଇପିଏଲ୍ ପ୍ଲେ-ଅଫ୍ ବେଳକୁ ଇଂଲଣ୍ଡ ବ୍ୟାଟର ଜାକବ ବେଥେଲ ଉପଲବ୍ଧ ହେବେ ନାହିଁ। ଫଳତଃ ତାଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡର ଟିମ୍ ସିଫର୍ଟ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବେଥେଲ ତାଙ୍କ ଦେଶ ପାଇଁ ମ୍ୟାଚ ଖେଳିବାକୁଥିବାରୁ ପ୍ଲେ ଅଫ୍‌ରେ ସେ ତାଙ୍କ ଦଳ ପାଇଁ ଖେଳିପାରିବେ ନାହିଁ। ଖେଳାଳି ବଦଳ ମେ ୨୪ରୁ କାର୍ଯ୍ୟକାରୀ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କହିଛି। ସୂଚନାଯୋଗ୍ୟ, ସିଫର୍ଟ ନ୍ୟୁଜିଲାଣ୍ଡ ତରଫରୁ ୬୬ ଅନ୍ତର୍ଜାତୀୟ ଟି୨୦ ଖେଳି ୧୫୪୦ରନ ସ୍କୋର କରିଛନ୍ତି। ଏହା ପୂର୍ବରୁ ୨୦୨୨ ଆଇପିଏଲ୍‌ରେ ସେ ମାତ୍ର ୩ଟି ଗେମ୍ ଖେଳିଥିଲେ। ସେ ଆର୍‌ସିବିରେ ମାତ୍ର ଦୁଇ କୋଟି ଟଙ୍କା ବିନିମୟରେ ଯୋଗଦାନ କରିଥିଲେ। ବେଥେଲ ଏଥର ଆରସିବି ପାଇଁ ତାଙ୍କ ଶେଷ ଗେମ୍ ଶୁକ୍ରବାର ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଖେଳିବେ। ଏହି ଦଳର ଏହାର ଶେଷ ଲିଗ୍ ଗେମ୍ ମେ ୨୭ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଖେଳିବ। ଅନ୍ୟତମ ଦଳ ଭାବେ ପଞ୍ଜାବ କିଙ୍ଗ୍ସ ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେଅଫ୍‌ରେ ପ୍ରବେଶ କରିଛନ୍ତି। ଗୁଜରାର ଟାଇଟନ୍ସ ତରଫରୁ ଖେଳୁଥିବା ଜୋସ୍ ବଟଲର ମଧ୍ୟ ପ୍ଲେ-ଅଫ୍‌ରୁ ଓହରିଯାଇଛନ୍ତି। କାରଣ ସେ ସମୟରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡ ହୋମ୍ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି।


ଟିମ୍ ସିଫର୍ଟ

## ଦାୟିତ୍ୱ ହସ୍ତାନ୍ତର କଲେ କୋଭେଣ୍ଟ୍ରୀ

**ବ୍ରିସ୍‌ବେନ, ୨୨।୫(ଏପି):** ଆସନ୍ତା ମାସରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସଭାପତି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ କ୍ରିଷ୍ଟ୍ରୀ କୋଭେଣ୍ଟ୍ରୀ ଗୁରୁବାର ବ୍ରିସ୍‌ବେନ ୨୦୩୨ ଅଲିମ୍ପିକ୍ସ ଯୋଜନା ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ୩ ଦିନିଆ ଅଷ୍ଟ୍ରେଲିଆର କ୍ୱିନ୍ସଲାଣ୍ଡ ଗସ୍ତରେ ଥିବା କୋଭେଣ୍ଟ୍ରୀ ୨୦୩୨ ଅଲିମ୍ପିକ୍ ଲାଗି ଆଇଓସିର କୋଅର୍ଡିନେଶନ କମିଶନର ସଭାପତି ପଦକୁ ମିକାଏଲା କୋଜୁଆକୋ ଜର୍ଓ୍ୱସ୍କିଙ୍କୁ ପ୍ରଦାନ କରିଛନ୍ତି।

# ୧୩ କ୍ରୀଡ଼ାରେ ହେବ ନ୍ୟାଶନାଲ ଲିଗ୍

**ନୂଆଦିଲ୍ଲୀ,୨୨।୫(ପି.ଟି.)**

ବକ୍ସିଂ ଓ ରେସଲିଂ ସମେତ ୧୩ କ୍ରୀଡ଼ା ଲାଗି ଫ୍ରାଞ୍ଚାଇଜଭିତ୍ତିକ ଇଭେଣ୍ଟର ପରିଚାଳନାକୁ ତଦାରଖ କ୍ଷେତ୍ରରେ ଜାତୀୟ ଫେଡେରେଶନ ଓ କର୍ପୋରେଟ ହାଉସ ସହିତ କ୍ରୀଡ଼ା ମନ୍ତ୍ରଣାଳୟ ସମ୍ପୃକ୍ତ ରହିବ। ହକି, କବାଡ଼ି ଭଳି ଲିଗ୍‌ରେ କର୍ପୋରେଟ ପାଣ୍ଠି ଯୋଗାଇବାରେ ସମ୍ପୃକ୍ତ ଥିବା ମନ୍ତ୍ରଣାଳୟ ଚଳିତବର୍ଷରୁ ସାଇକ୍ଲିଂ ଓ ରଗ୍‌ବୀ ଭଳି ଇଭେଣ୍ଟରେ ଖୁବ୍‌ଶୀଘ୍ର ଲିଗ୍ ଆଣିବାକୁ ଯାଉଛି। ବାସ୍କେଟବଲ, ବ୍ୟାଡ୍‌ମିଣ୍ଟନ, ଆର୍ଚେରୀ, ବକ୍ସିଂ, ରେସଲିଂ, ହ୍ୱାଇଟ୍ ୱାଟର ସ୍ପୋର୍ଟ୍ସ ଓ ପୋଲୋ ଆଦି କ୍ଷେତ୍ରରେ ଲିଗ୍ ଯୋଜନା ପର୍ଯ୍ୟାୟରେ ରହିଛି।

ଫ୍ରାଞ୍ଚାଇଜଭିତ୍ତିକ ଲିଗ୍ ସୃଷ୍ଟି କରିବା ପାଇଁ ମନ୍ତ୍ରଣାଳୟ ଖର୍ଚ୍ଚ କରିବ ନାହିଁ। କିନ୍ତୁ ଖର୍ଚ୍ଚ କରିବାକୁ ଇଚ୍ଛୁକ ଥିବା କର୍ପୋରେଟ୍ସଙ୍କୁ ଆଣିବୁ। ଆମେ ଫେଡେରେଶନ ଓ କର୍ପୋରେଟ ହାଉସ ମଧ୍ୟରେ ଏକ ମାଧ୍ୟମ ଭଳି କାମ କରିବୁ। କାରଣ କିଛି ଜାତୀୟ ଫେଡେରେଶନ ନିକଟରେ କମ୍ପାନୀକୁ ପଛରେ ପକାଇବାର ସାମର୍ଥ୍ୟ ନାହିଁ। ଏହି ଲିଗ୍‌ଗୁଡ଼ିକ ଫ୍ରାଞ୍ଚାଇଜଭିତ୍ତିକ ହେବ। ଆର୍ଚେରୀ, ଶୁଟିଂ ଓ ଯୋଗାସନ ଆଦି ବ୍ୟକ୍ତିଗତ କ୍ରୀଡ଼ା ହୋଇଥିବାରୁ ଏହି ଲିଗ୍‌ର ଚରିତ୍ର ଭିନ୍ନ ହେବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରତିଯୋଗିତା ହେବ। ଶୁଟିଂ ଲିଗ୍ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ହୋଇପାରେ। ଯୋଗାସନ ଲିଗ୍ ପାଇଁ ସେପ୍ଟେମ୍ବର ଶେଷ ସପ୍ତାହ ସ୍ଲଟ ବୁକ୍ କରାଯାଇଛି।

# ମ୍ୟୁନିଚ୍ ଶୁଟିଂ ବିଶ୍ୱକପ୍‌ରେ ଭାଗନେବେ ଶ୍ରୀୟଙ୍କା

**ଭୁବନେଶ୍ୱର, ୨୨।୫ (ତପନ ସ୍ୱାଇଁ)**

ଜର୍ମାନୀର ମ୍ୟୁନିଚ୍‌ଠାରେ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ (ରାଇଫଲ ଓ ପିସ୍ତଲ) ଜୁନ ୬ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ୫୦ ମିଟର ରାଇଫଲ ୩ପି ମହିଳା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଏ ନେଇ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ ଇଣ୍ଡିଆ ପକ୍ଷରୁ ପତ୍ର ଯୋଗେ ଶ୍ରୀୟଙ୍କାଙ୍କୁ ଜଣାଇ ଦିଆଯାଇଛି। ଚୟନ ଟ୍ରାଏଲ ସମୟରେ ଶ୍ରୀୟଙ୍କାଙ୍କ ତ୍ୟାଗ, କଠିନ ପରିଶ୍ରମ ଓ ଅସାଧାରଣ ପ୍ରଦର୍ଶନକୁ ଆସୋସିଏଶନ ପକ୍ଷରୁ ପ୍ରଶଂସା କରାଯାଇଛି। ପ୍ରକାଶଯୋଗ୍ୟ, ସମ୍ବଲପୁରର ଶ୍ରୀୟଙ୍କା ଏହା ପୂର୍ବରୁ ୨୦୨୨ କାଏରୋ ବିଶ୍ୱକପ୍‌ର ୫୦ ମିଟର ରାଇଫଲ ୩ ପୋଜିଶନରେ ବ୍ରୋଞ୍ଜ, ୨୦୨୩ ଚାଙ୍ଗୱନ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ୫୦ ମିଟର ରାଇଫଏ ୩ ପୋଜିଶନରେ ସ୍ୱର୍ଣ୍ଣ ଓ ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



ଏହା ବ୍ୟତୀତ ଏସିଆନ ଏୟାରଗନ ଚାମ୍ପିୟନଶିପ୍ ଏବଂ ସାଉଥ୍ ଏସିଆନ ଗେମ୍ସର ଶୁଟିଂ ଇଭେଣ୍ଟରେ ସେ ଅନେକ ପଦକ ହାସଲ କରିଛନ୍ତି। ୨୦୧୦ରୁ ସେ ଶୁଟିଂ ବିଶ୍ୱକପରେ ଅଂଶଗ୍ରହଣ କରିବା ଆରମ୍ଭ କରିଥିଲେ। ତାଙ୍କ ବାପା ହେଉଛନ୍ତି କଲୋନେଲ ସୀତାଂଶୁ ଚରଣ ଷଡ଼ଙ୍ଗୀ ଓ ମା' ସୁଧା ଷଡ଼ଙ୍ଗୀ। ଶ୍ରୀୟଙ୍କା ସମ୍ପ୍ରତି ଏନ୍‌ଆର୍‌ଏଆଇର ନ୍ୟାଶନାଲ ର୍‍ୟାଙ୍କିଙ୍ଗ୍‌ରେ ୩ୟ ସ୍ଥାନରେ ଅଛନ୍ତି। ଓଡ଼ିଶା ମାଇନିଂ କର୍ପୋରେଶନରେ କାର୍ଯ୍ୟରତ ଶ୍ରୀୟଙ୍କା ଚଳିତବର୍ଷ ଆର୍ଜେଣ୍ଟିନାର ବୁଏନ୍ସ ଆରିଜ ଓ ପେରୁର ଲିମାଠାରେ ଅନୁଷ୍ଠିତ ଶୁଟିଂ ବିଶ୍ୱକପରେ ଭାଗ ନେଇ ସାରିଛନ୍ତି। ଲିମାରେ ସେ ପ୍ରଭାବୀ ପ୍ରଦର୍ଶନ କରି ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ।

# ଭାରତୀୟ ଦଳରେ ଅମିତ, ନୀଲମ ଓ ଶିଳାନନ୍ଦ

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**

ହକି ଇଣ୍ଡିଆ ଗୁରୁବାର ୟୁରୋପିଆନ ଲେଗ୍ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍ ପାଇଁ ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ ରୋହିଦାସ ଓ ନୀଲମ ସଞ୍ଜୀବ ଖେସ୍ ଏବଂ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଏହି ପ୍ରତିଯୋଗିତା ଜୁନ୍ ୭ରୁ ଆମଷ୍ଟିଲ୍‌ଭିନ୍, ନେଦରଲାଣ୍ଡ୍ସ ଏବଂ ଆଣ୍ଟ୍ୱେର୍ପ, ବେଲଜିୟମଠାରେ ଖେଳାଯିବ। ଭାରତୀୟ ଦଳ ଜୁନ୍ ୭ ଓ ୯ରେ ନେଦରଲାଣ୍ଡ୍ସ ବିପକ୍ଷରେ ଦୁଇଟି ମ୍ୟାଚ ଖେଳି ୟୁରୋପିଆନ୍ ଲେଗ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ଦଳ ପରେ ଆମଷ୍ଟିଲଭିନ୍‌ରେ ୱାଗନର ଷ୍ଟାଡିୟମରେ ଜୁନ୍ ୧୧ ଓ ୧୨ରେ ଆର୍ଜେଣ୍ଟିନା ବିପକ୍ଷରେ ଡବଲ ହେଡର ଖେଳିବ। ଭାରତ ପରେ ଆଣ୍ଟ୍ୱେର୍ପ ଗସ୍ତ କରିବ। ସେଠାରେ ଦଳ ଜୁନ୍ ୧୪ ଓ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ଏବଂ ଜୁନ୍ ୨୧ ଓ ୨୨ରେ ଆୟୋଜକ ବେଲଜିୟମ ବିପକ୍ଷରେ ମ୍ୟାଚ ଖେଳି ଏହାର ଅଭିଯାନ ଶେଷ କରିବ। ସୂଚନାଯୋଗ୍ୟ, ଭାରତ ଚଳିତବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ପ୍ରୋ-ଲିଗ୍‌ର ହୋମ୍ ଲେଗ୍ ଖେଳିଛି ଏବଂ ୮ଗେମ୍‌ରୁ ୫ଟିରେ ବିଜୟ ହାସଲ କରି ୧୫ ପଏଣ୍ଟ ଅର୍ଜନ କରିଛି। ମୁଖ୍ୟ କୋଚ୍ କ୍ରେଗ୍ ଫଲ୍ଟନ କହିଛନ୍ତି, ଏଥର ଆମେ ଦଳରେ ସାମାନ୍ୟ ଅଧିକ ଅଭିଜ୍ଞ ଖେଳାଳି ନେବାକୁ ଚାହିଁଥିଲୁ। ଦଳ ଚୟନ ନେଇ ସେ ଖୁବ୍ ଖୁସି। ତାଙ୍କ ଦଳ ଭଲରୂପେ ତାଲିମ ନେଇଛି। ଆମେ ଯଥାସମ୍ଭବ ପ୍ରୋ-ଲିଗ୍ ଜିତିବାକୁ ଚାହିଁବୁ। ଦଳରେ ସ୍ଥାନ ପାଇ ନ ଥିବା ଖେଳାଳିମାନେ ହେଲେ ଡିଫେଣ୍ଡର ବରୁଣ କୁମାର, ମିଡ୍‌ଫିଲ୍ଡର ମୈରାଙ୍ଗଥେମ୍ ରବିଚନ୍ଦ୍ର ସିଂ ଓ ଫରୱାର୍ଡ ବବି ସିଂ ଦିହାମି, ଅରାଇଜିତ୍ ସିଂ ହୁଣ୍ଡାଲ, ଉତ୍ତମ ସିଂ, ଅଙ୍ଗଦ ବୀର ସିଂ ଓ ଅର୍ଶଦୀପ ସିଂ।


ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୟୁରୋପିଆନ୍ ଲେଗ ପାଇଁ ମନୋନୀତ ଭାରତୀୟ ହକି ଦଳ।

**ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୟୁରୋପିଆନ୍ ଲେଗ୍**

**ଭାରତୀୟ ହକି ଦଳ:** ଗୋଲ୍‌କିପର: କ୍ରିଶନ ବାହାଦୁର ପାଠକ, ସୂରଜ କରକେରା। ଡିଫେଣ୍ଡର: ସୁମିତ, ଅମିତ ରୋହିଦାସ, ଯୁଗରାଜ ସିଂ, ନୀଲମ ସଞ୍ଜୀବ ଖେସ୍, ହରମନପ୍ରୀତ ସିଂ, ଜରମନପ୍ରୀତ ସିଂ, ସଞ୍ଜୟ ଓ ଯଶଦୀପ ସିୱାଚ। ମିଡ୍‌ଫିଲ୍ଡର: ରାଜ କୁମାର ପାଲ୍, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ରାଜୀନ୍ଦର ସିଂ, ମନପ୍ରୀତ ସିଂ, ବିବେକ୍ ସାଗର ପ୍ରସାଦ, ସମଶେର ସିଂ । ଫରୱାର୍ଡ: ଗୁର୍‌ଜାନ୍ତ ସିଂ, ଅଭିଷେକ, ଶିଳାନନ୍ଦ ଲାକ୍ରା, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତ ସିଂ।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ